CMYK

- Vol.- 46, Issue No.53
- Sunday, 24 May 2026
- ରବିବାର, ୨୪ ମଇ ୨୦୨୬
- **Bhubaneswar**
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
## THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




### ଛୁଟି ଦିନରେ ଅଫିସ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ

# ଆଇନ ଶୃଙ୍ଖଳା ସ୍ଥିତି ଶାନ୍ତିପୂର୍ଣ୍ଣ ହେଉ

## ପୋଲିସ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରୁ

ଭୁବନେଶ୍ୱର,୨୩।୫: ଚତୁର୍ଥ ଶନିବାର ଅର୍ଥାତ୍ ଛୁଟି ଦିନରେ ଅଫିସ କାର୍ଯ୍ୟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଇନ ଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷାୟନ ପ୍ରକ୍ରିୟା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅପିଲ ପରେ ତୈଳ ସଙ୍କଟର ମୁକାବିଲା ଏବଂ ଖର୍ଚ୍ଚ କାଟ ପାଇଁ କାର୍‌କେଡ୍‌ରେ ଗାଡି ସଂଖ୍ୟା କମେଇ ଚର୍ଚ୍ଚାରେ ରହିଛନ୍ତି ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚତୁର୍ଥ ଶନିବାର ଛୁଟି ଦିନରେ ଅଫିସ କାର୍ଯ୍ୟ କରିଛନ୍ତି । ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିଛନ୍ତି ମୋହନ । ଏହା ସହିତ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଛନ୍ତି । ଏତିକି ବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିକ୍ଷାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁଇ ଥର ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ପୋଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, 'ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ତେଣୁ ପୋଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୋଲିସ ଡିଜି ୱାଇ. ବି ଖୁରାନିଆଙ୍କ ସହିତ ସେହି ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ ।

## ବୁଲା କୁକୁରପଲ ନାବାଳକର ଖପୁରି ଝୁଣିଦେଲେ

ବ୍ରହ୍ମପୁର,୨୩।୫: ଗଞ୍ଜାମ ଜିଲ୍ଲାର ପାଟପୁର ବ୍ଲକରେ ଏକ ଅଭାବନୀୟ ଘଟଣା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଛି । ମହାନାଳ ଗ୍ରାମରେ ଘର ବାହାରେ କୁକୁରପଲ ଆକ୍ରମଣ କରିବା ଫଳରେ ୯ ବର୍ଷୀୟ ଏକ ନାବାଳକର ଖପୁରି ଝୁଣି ଦେଇଛନ୍ତି। ପିଲାଟି ଜୀବନ ପାଇଁ ସଂଘର୍ଷ କରୁଛି।ନିଜ ଘର ପାଖରେ ଖେଳୁଥିବା ସମୟରେ ପାଞ୍ଚଟି କୁକୁର ତାଙ୍କୁ ଘେରିଯାଇ ହଠାତ୍ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ କୁକୁର ପଲ ଖପୁରି ଉପରକୁ ଲମ୍ଫ ଦେଇ କିଛି ଅଂଶ ଫାଡ଼ି ଦେଇଥିଲେ। ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ବାସିନ୍ଦାମାନେ କୁକୁରପଲକୁ ପିଟି ପିଟି ପିଲାଟିକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ।ଗୁରୁତର ଅବସ୍ଥାରେ ନାବାଳକ ଜଣକୁ ତୁରନ୍ତ ଦିଗପହଣ୍ଡି ମେଡିକାଲକୁ ନିଆଯାଇଥିଲା। ପରେ ଡାକ୍ତରମାନେ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲେ, ଯେଉଁଠାରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ବୁଲା କୁକୁରଙ୍କ ବଢୁଥିବା ପ୍ରାଦୁର୍ଭାବ ନେଇ ସୁପ୍ରିମକୋର୍ଟ ନିକଟରେ ଉଦ୍‌ବେଗ ପ୍ରକାଶ କରିଥିଲେ ହେଁ ଆଦେଶ ତାହା ବାଟରେ କୁକୁର ଆତଙ୍କ ତାହା ବାଟରେ ଏପରି ମର୍ମରେ ବାସିନ୍ଦାମାନେ ସମାଲୋଚନା ପ୍ରକାଶ କରିଛନ୍ତି । ସମସ୍ୟାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ନିଯୁକ୍ତ ହେବେ ଅତିଥି ଅଧ୍ୟାପକ

ଭୁବନେଶ୍ୱର,୨୩।୫(ନିପ୍ର): ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଜୁଲାଇ ୧ରୁ କାର୍ଯ୍ୟରେ ଯୋଗ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଏଡ୍, ଏମ୍‌ଏଡ୍ କୋର୍ସ ପାଇଁ ଶିକ୍ଷକଙ୍କ ନୂଆ ପ୍ୟାନେଲ୍ ଗଠନ ହେବ। ବିଏଡ୍‌ରେ ନିଯୁକ୍ତ ଅସିଷ୍ଟାଣ୍ଟ ପ୍ରଫେସରଙ୍କୁ ମାସିକ ୩୫ ହଜାର ମିଳିବ। ସେହିପରି ଏମ୍‌ଏଡ୍‌ରେ ଅସୋସିଏଟ୍ ପ୍ରଫେସରଙ୍କୁ ମାସିକ ୪୦ ହଜାର ମିଳିବ । ପ୍ରଫେସରଙ୍କୁ ୫୦ ହଜାର ଟଙ୍କା ମାସିକ ପାରିଶ୍ରମିକ ନିର୍ଦ୍ଧାରଣ କରାଯାଇଛି। ମେ' ୨୩ ମଧ୍ୟରେ ଏଚଆଇଏମଏସ୍ ପୋର୍ଟାଲରେ ତଥ୍ୟ ଅପଲୋଡ୍ କରିବେ। ୩୦ ସୁଦ୍ଧା ବିଜ୍ଞାପନ ପ୍ରକାଶ, ଜୁନ୍ ୯ରେ ଅନଲାଇନ୍ ଆବେଦନ ତାରିଖ ରଖାଯାଇଛି। ଜୁନ୍ ୨୦ ସୁଦ୍ଧା ୱାକ୍ ଇନ୍ ଇଣ୍ଟରଭ୍ୟୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁନ୍ ୨୩ରେ ମେରିଟ୍ ତାଲିକା ପ୍ରକାଶ ପାଇବ ଏବଂ ଜୁନ୍ ୨୫ରେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ଦିଆଯିବ ।

## ମନଇଚ୍ଛା ବଦଳି ଉପରେ ଏଣିକି ରୋକ୍

### ବିଦ୍ୟୁତ୍ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୩।୫:ମନଇଚ୍ଛା ବଦଳି ଉପରେ ରୋକ୍ ଲଗାଇବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗ ଓ ଜିଲ୍ଲାପାଳଙ୍କୁ ଚିଠି ହୋଇଛି । ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ହେବ ବଦଳି ପ୍ରକ୍ରିୟା । ସଚିବାଳୟ ଓ ନିର୍ଦ୍ଦେଶାଳୟରେ ୩ ବର୍ଷ ରହିପାରିବେନି ଅଫିସର୍ । ବ୍ଲକ୍ କିମ୍ବା ତହସିଲରେ ୬ ବର୍ଷ ରହିପାରିବେନି ଗ୍ରୁପ୍ ସିଅଫିସର୍ । ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ ନିଜ ଜିଲ୍ଲାକୁ ବଦଳି ହୋଇପାରିବେନି ବୋଲି ଚିଠିରେ ଉଲ୍ଲେଖ ରହିଛି । ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ ସହ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବିଦ୍ୟୁତ୍ କର୍ମଚାରୀ ମୁଖ୍ୟାଳୟ ଛାଡ଼ି ପାରିବେନାହିଁ। ଏହାସହ ସବୁ ଅନୁମୋଦିତ ଛୁଟିକୁ ତତ୍‌କ୍ଷଣାତ ବାତିଲ କରିଛି ଓପିଟିସିଏଲ।

### ■ ରାଜ୍ୟରେ 'ଇବୋଲା' ସମୀକ୍ଷା

# ସଂକ୍ରମଣ ସଚେତନତା ପ୍ରଚାର ହେବ

### ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା ହେବ ଅଧିକ ସୁଦୃଢ

ଭୁବନେଶ୍ୱର,୨୩।୫(ନିପ୍ର): ରାଜ୍ୟ ସଚିବାଳୟରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ



ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ଲୋକମାନଙ୍କୁ ଅଯଥା ଭୟଭୀତ ନ ହୋଇ ସଚେତନ ରହିବାକୁ ଅନୁରୋଧ କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ., ଏନଏଚଏମ ଏମଡି ଡ଼. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ଼ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ତୈଳ ସଙ୍କଟ : ସହାୟତା ଲୋଡ଼ିଲେ

# ବିଶ୍ୱବ୍ୟାଙ୍କର ଦ୍ୱାରସ୍ଥ ହେଲେ ୨୭ ଦେଶ



ନ୍ୟୁୟର୍କ,୨୩।୫: ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୨୭ଟି ଦେଶ ଜରୁରୀକାଳୀନ ପାଣ୍ଠି ପାଇଁ ଅନୁରୋଧ କରିଛନ୍ତି। ଏହି ଦେଶଗୁଡ଼ିକ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ଆବଶ୍ୟକ ହେଲେ ସେମାନଙ୍କୁ ବିଶ୍ୱ ବ୍ୟାଙ୍କରୁ ତୁରନ୍ତ ପାଣ୍ଠି ଯୋଗାଇ ଦିଆଯିବ। ତେବେ ଏହି ଦେଶଗୁଡ଼ିକର ନାମ କିମ୍ବା ଅନୁରୋଧ କରାଯାଇଥିବା ଆର୍ଥିକ ସହାୟତା ପରିମାଣ ପ୍ରକାଶ କରିବାକୁ ବିଶ୍ୱ ବ୍ୟାଙ୍କ ମନା କରିଦେଇଛି। ରିପୋର୍ଟ ଅନୁଯାୟୀ, ଫେବ୍ରୁଆରି ୨୮ ତାରିଖରୁ ମଧ୍ୟପ୍ରାଚ୍ୟରେ ସଂଘର୍ଷ ବୃଦ୍ଧି ପାଇବା ପରେ, ତିନୋଟି ଦେଶ ନୂତନ ସଙ୍କଟକାଳୀନ ସହାୟତା ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି। ଯେତେବେଳେ ଅବଶିଷ୍ଟ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକ୍ରିୟା ସମାପ୍ତ କରିବା ଜାରି ରଖିଛନ୍ତି। ଇରାନ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ତୈଳ ଏବଂ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଅନେକ ଦେଶର ଅସୁବିଧାକୁ ବଢ଼ାଇ ଦେଇଛି। ଶକ୍ତି ବଜାରରେ ଅସ୍ଥିରତା ଯୋଗାଣ ଶୃଙ୍ଖଳକୁ ମଧ୍ୟ ବାଧାପ୍ରାପ୍ତ କରିଛି। ରିପୋର୍ଟ ଅନୁଯାୟୀ, ଏହି ୨୭ଟି ଦେଶ ସେହି ୧୦୧ଟି ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନେ ବିଦ୍ୟମାନ ସଙ୍କଟ ପାଣ୍ଠି ବ୍ୟବସ୍ଥାରୁ ଲାଭ ପାଇପାରିବେ। ସେଥିମଧ୍ୟରୁ ୫୪ଟି ଦେଶ ରାପିଡ୍ ରେସପନ୍ସ ସ୍କିମର ସାମିଲ ଅଛନ୍ତି।

## ପେଟ୍ରୋଲ ବଢ଼ିଲା ୮୭ ପଇସା, ଡିଜେଲ ୯୧ ପଇସା

- ସିଏନଜି କିଲୋଗ୍ରାମ ପିଛା ଏକ ଟଙ୍କା
- ୯ ଦିନରେ ତୃତୀୟ ଥର ପାଇଁ ମୂଲ୍ୟ ବୃଦ୍ଧି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୫: ରାଷ୍ଟ୍ରାୟତ୍ତ ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀଗୁଡ଼ିକ ଶନିବାର ପୁଣି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୮୭ ପଇସା ଏବଂ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇଛି। ଫଳରେ ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୧୦୬ଟଙ୍କା ୩୬ ପଇସା ହୋଇଥିବା ବେଳେ ଡିଜେଲ ଲିଟର ୯୭ଟଙ୍କା ୯୨ ପଇସାରେ ପହଞ୍ଚିଛି । ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜିର ମୂଲ୍ୟ କିଲୋଗ୍ରାମ ପିଛା ଏକ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଶନିବାରଠାରୁ ଲାଗୁ ହୋଇଛି। ଇଣ୍ଡିଆନ୍ ଅଏଲ୍ ୱେବସାଇଟ୍ ଅନୁଯାୟୀ, ନୂଆଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୮୭ ପଇସା ବୃଦ୍ଧି ପାଇ ୯୯.୫୧ ଟଙ୍କାରେ ପହଞ୍ଚିଛି। ଏଥି ସହିତ ଡିଜେଲର ମୂଲ୍ୟ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇ ୯୨.୪୯ ଟଙ୍କାରେ ପହଞ୍ଚିଛି। ତୈଳ ବିପଣନ କମ୍ପାନୀମାନେ ଗତ ୯ ଦିନ ମଧ୍ୟରେ ତୃତୀୟ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ମେ ୧୫ ପରଠାରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି। ରାଜ୍ୟ ମାଲିକାନାରେ ଥିବା ତୈଳ କମ୍ପାନୀମାନେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ କାରଣରୁ ଶକ୍ତି ମୂଲ୍ୟ ବୃଦ୍ଧି ପାଇବାର ଭାର ଧୀରେ ଧୀରେ ଗ୍ରାହକଙ୍କ ଉପରେ ପକାଇବା ଆରମ୍ଭ କରିଛନ୍ତି। ମେ ୧୫, ରେ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରାଯାଇଥିଲା। ଏହା ପରେ, ମେ ୧୯ ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୯୦ ପଇସା ବୃଦ୍ଧି କରାଯାଇଥିଲା। ମୋଟାମୋଟି ଭାବେ, ଇନ୍ଧନ ମୂଲ୍ୟ ଲିଟର ପିଛା ପ୍ରାୟ ୫ ଟଙ୍କା ବୃଦ୍ଧି ପାଇଛି। ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜି ମୂଲ୍ୟ କିଲୋଗ୍ରାମ ପିଛା ୧ ଟଙ୍କା ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ପରେ ଦିଲ୍ଲୀରେ ସିଏନଜି ଏବେ ୮୧ ଟଙ୍କାରେ ଉପଲବ୍ଧ ହେବ। କିଲୋଗ୍ରାମ ପିଛା ୯ ଟଙ୍କା। ଗତ ୧୦ ଦିନ ମଧ୍ୟରେ ସିଏନଜି ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି।

## କାନାଡାରେ ଅଦିନିଆ ରଥଯାତ୍ରା ଆୟୋଜନ, ବିରୋଧ ତେଜିଲା

ଭୁବନେଶ୍ୱର,୨୩।୫: ମେ ୩୦ ତାରିଖରେ କାନାଡାରେ ରଥଯାତ୍ରା କରିବାକୁ ଇସ୍କନ ନିଷ୍ପତ୍ତି ନେଇଥିବା ଏକ ସୂତ୍ରରୁ ପ୍ରକାଶ ।କାନାଡାର ହିଲଟପ୍ ପିକନିକ୍ ସେଲ୍ଟରରେ ସକାଳ ୧୦:୩୦ ରୁ ଅପରାହ୍ନ ୩ ଟା ମଧ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଏହି ସଂସ୍ଥା ଯୋଜନା କରୁଛି। ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଜଗନ୍ନାଥପ୍ରେମୀ ଓ ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହା ଧାର୍ମିକ ପରମ୍ପରାର ଉଲ୍ଲଂଘନ । ନିର୍ଦ୍ଧାରିତ ତିଥି ବ୍ୟତୀତ ଅନ୍ୟ ଦିନରେ ଉତ୍ସବ ଆୟୋଜନ କରିବା ପବିତ୍ର ରୀତିନୀତିକୁ ବିକୃତ କରେ ଏବଂ ଜଗନ୍ନାଥ ସଂସ୍କୃତିର ପବିତ୍ରତାକୁ କ୍ଷୁଣ୍ଣ କରେ ବୋଲି କୁହାଯାଇଛି।

## ୨୬ରୁ +୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ନିପ୍ର): +୨ ନାମଲେଖା ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ମଇ ୨୬ ତାରିଖରୁ +୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୨୬ରୁ ଜୁନ୍ ୩୦ ଯାଏଁ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ । ଜୁଲାଇ ୮ରେ ପ୍ରଥମ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଜୁଲାଇ ୯ରୁ ୧୫ ପ୍ରଥମ ପର୍ଯ୍ୟାୟ ଆଡମିଶନ ପ୍ରକ୍ରିୟା ଚାଲିବ। ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

### ଟ୍ରିପଲ ମର୍ଡର ଓ ଘରପୋଡ଼ି ମାମଲା

# ୧୯ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

ନବରଙ୍ଗପୁର,୨୩।୫: ବହୁଚର୍ଚ୍ଚିତ ବାଉଁଶବେଡ଼ା ହିଂସା ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ନବରଙ୍ଗପୁର ଜିଲ୍ଲାର ଏକ କୋର୍ଟ ଶନିବାର ୨୦୧୬ରେ ସଂଘଟିତ ଏକ ଟ୍ରିପଲ ମର୍ଡର ଓ ପୋଡ଼ାଜଳା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ପୂର୍ବକ ୧୯ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଉମରକୋଟର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ସୁନୀତା ପଟ୍ଟନାୟକ ଉମରକୋଟ ଥାନାରେ ପଂଜୀକୃତ ଦୁଇଟି ପୃଥକ ମାମଲା ଉପରେ ଏହି ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ମଧ୍ୟରେ ଏକ ବିରୋଧୀ ରାଜନୈତିକ ଦଳର ଜଣେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏବଂ ଅନ୍ୟ କେତେକ ସାମିଲ ଅଛନ୍ତି। ମାମଲା ଅନୁଯାୟୀ ୨୦୧୬ ଜୁଲାଇ ୧୬, ଉମରକୋଟ ବ୍ଲକ ଅନ୍ତର୍ଗତ ବାଉଁଶବେଡ଼ା ଗ୍ରାମରେ ଘଟଣାଟି ଘଟିଥିଲା। ତେଲଗାଁରେ ଥିବା ଏକ ସରକାରୀ ଜମିରେ ବଳରାମ ହରିଜନ ଚାଷ କରିବା ପରେ ଜମି ବିବାଦରୁ ହିଂସା ଉପୁଜିଥିଲା। ସ୍ଥାନୀୟ



ଆଦିବାସୀ ବାସିନ୍ଦା ଚାଷକୁ ବିରୋଧ କରିଥିଲେ ଏବଂ ବନ ବିଭାଗ ଅଧିକାରୀଙ୍କ ସହାୟତାରେ ଜମିରେ ଚାରା ରୋପଣ କରିଥିଲେ। ଏହା ଉତ୍ତେଜନା ସୃଷ୍ଟି କରିଥିଲା । ଯେତେବେଳେ ବଳରାମ ଚାରାଗୁଡ଼ିକୁ ଉପାଡ଼ି ଦେଇଥିବା ଅଭିଯୋଗ ହୋଇଥିଲା ।ପରବର୍ତ୍ତୀ ସମୟରେ, ସ୍ଥାନୀୟ ଆଦିବାସୀ ବାସିନ୍ଦାଙ୍କ ଏକ ଗୋଷ୍ଠୀ ବଳରାମଙ୍କ ଘରକୁ ପଚରାଉଚରା କରିବାକୁ ଯାଇଥିଲେ। ସଂଘର୍ଷ ସମୟରେ, ବଳରାମ ଗୁରୁବାରୁ ଭତ୍ରାଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଗଣପତି ହରିଜନ ଫଗୁନୁ ଭତ୍ରାଙ୍କ ଗଳା କାଟି ଦେଇଥିବା ଅଭିଯୋଗ ହୋଇଥିଲା, ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ହୋଇଥିବା ଗୁରୁବାରୁ ମୃତ୍ୟୁ ଘୋଷଣା ହୋଇଥିଲା।ଘଟଣା ପରେ, ଶହ ଶହ ଗ୍ରାମବାସୀ ଏକାଠି ହୋଇ ବଳରାମଙ୍କ ଘରକୁ ଘେରି ଯାଇଥିବା ଜଣାପଡ଼ିଛି। ଗଣଧାରଣା ପଥର ମାଡ଼ କରି ଘରକୁ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ବଳରାମ ଛାତରୁ ଡେଇଁ ପଳାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଭିଡ଼ ଧରି ପିଟି ପିଟି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ଏବଂ ପରବର୍ତ୍ତୀ ଭିଡ଼ ହିଂସା ସମ୍ପର୍କରେ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି। ଦୀର୍ଘ ବିଚାର ପରେ, କୋର୍ଟ ଆଜି ୧୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛି।

## କୋଇଲା ଖଣିରେ ବିସ୍ଫୋରଣ, ୯୦ ମୃତ

ନୂଆଦିଲ୍ଲୀ,୨୩।୫: ଚୀନର ଶାଂସି ପ୍ରଦେଶରେ ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ହୋଇଛି । ଫଳରେ ୯୦ ଜଣଙ୍କର ମୃତ୍ୟୁ ଘଟିଛି ଓ ୯ ଜଣ ନିଖୋଜ ଅଛନ୍ତି । ଗତ ଦଶନ୍ଧି ମଧ୍ୟରେ ଏହା ଚୀନର ସବୁଠାରୁ ଭୟଙ୍କର କୋଇଲା ଖଣି ଦୁର୍ଘଟଣା ବୋଲି କୁହାଯାଉଛି । ଦୁର୍ଘଟଣା ସମୟରେ ଖଣିରେ ୨୪୭ ଶ୍ରମିକ କାମ କରଥିଲେ । ଜିନହୁଆ ଖବର ଅନୁଯାୟୀ, ରାଜଧାନୀ ବେଜିଂଠାରୁ ପ୍ରାୟ ୫୨୦ କିଲୋମିଟର ଦୂରେର ଶାଂସି ପ୍ରେଦଶର କିନୟୁଆନ କାଉଣ୍ଟିରେ ଥିବା ଏକ କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଛି । ଦୁର୍ଘଟଣା ପୂର୍ବରୁ ଏକ କାର୍ବନ ମନୋକ୍ସାଇଡ୍ ଆଲର୍ଟ ଜାରି କରାଯାଇଥିଲା । ଏହାର କିଛି ସମୟ ପରେ ବିସ୍ଫୋରଣ ଘଟିଥିଲା । ଫସି ରହିଥିବା ଶ୍ରମିକଙ୍କ ଉଦ୍ଧାରକାର୍ଯ୍ୟ ଜାରି ରହିଛି ।

CMYK






ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା। ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, ହୁଲୁହୁଲିଆ ନଦୀ ଅବା ମଙ୍ଗଳା ନଈ - କୂଳରେ ପହଞ୍ଚିବା ପରେ ତାହା ଡଙ୍ଗା ବା ଭେଳାରେ ପାରି ହୋଇ ଯାତ୍ରୀମାନେ ପୁରୀରେ ପ୍ରବେଶ କରୁଥିଲେ।



# ଅଠର ନଳା ପୋଲ

ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେପରି ଔଷଧ ମନୁଷ୍ୟ ଜୀବନ ଉପରେ ପ୍ରଭାବ ପକାଇଥାଏ, ସମାଜ, ସତ୍‌ସଙ୍ଗ ମଧ୍ୟ ପ୍ରଭାବ ପକାଇଥାଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ, ସଂସ୍କୃତି, ସାହିତ୍ୟ, ରୀତିନୀତି, ତଦନୁସାରେ ଅତ୍ୟଧିକ ବିସ୍ତୃତ ଭାବରେ ପ୍ରଭାବିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଚେତନା ପରିସରକୁ ଯିଏ ଥରେ ମାତ୍ର ସ୍ପର୍ଶ କରିଛି, 'ସେ ଦେବତ୍ୱ ଲାଭ କରିଛି ବୋଲି ଲୋକେ କହନ୍ତି; ଏହା କେବଳ ଭାବ ଓ ଭକ୍ତି ଦ୍ୱାରା ସମ୍ଭବ ହୋଇପାରେ।' ଶାସ୍ତ୍ର କହେ, 'ନ ଦେବ ବିଦ୍ୟତେ କାଷ୍ଟେ ନ ପାଷାଣେ ନ ମୃଣ୍ମୟେ, ଭାବେ ତିଷ୍ଠନ୍ତି ଦେବତାଃ ତସ୍ମାତ୍ ଭାବୋହି କେବଳମ୍।'

ଶ୍ରୀଜଗନ୍ନାଥଙ୍କ ସ୍ପର୍ଶ ଶିଳା ହୁଏ ଶାଳଗ୍ରାମ, ଦାରୁ ହୁଏ ଦେବତା, ପତର ହୋଇଯାଏ ପଥର। ଅର୍ଥାତ୍ କୋମଳ ହୃଦୟ ପରିଣତ ହୁଏ ଶିଳାଶୈଳ ସଂଘାତ ସହକାରୀ। ଯେଉଁ ରଥରେ ପ୍ରଭୁ ବିଜେ କରନ୍ତି ସେ ଦେବୋପଥ, ଯେଉଁ ପଥ (ବଡ଼ଦାଣ୍ଡ)ରେ ପ୍ରଭୁଙ୍କର ରଥ ଗଡ଼ିଯାଏ, ସେ ହୁଏ ମୁକ୍ତିପଥ, ସେବା ଓ ସେବକଙ୍କର ମିଳନ ପୀଠ। ସ୍ନେହ, ସୌହାର୍ଦ୍ଦ୍ୟର ବିପଣୀ। ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାବଗତ ସମ୍ପର୍କ ରହିଛି।



ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା। ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, ହୁଲୁହୁଲିଆ ନଦୀ ଅବା ମଙ୍ଗଳା ନଈ - କୂଳରେ ପହଞ୍ଚିବା ପରେ ତାହା ଡଙ୍ଗା ବା ଭେଳାରେ ପାରି ହୋଇ ଯାତ୍ରୀମାନେ ପୁରୀରେ ପ୍ରବେଶ କରୁଥିଲେ। ଶ୍ରୀକ୍ଷେତ୍ର ସହ ଉତ୍କଳ ଅବା ଭାରତବର୍ଷକୁ ଯୋଡ଼ିବା ପାଇଁ ସେତେବେଳେ ଏକମାତ୍ର ସଡ଼କପଥ ଭାବେ ଏହାକୁ ନିର୍ମାଣ କରାଯାଇଥିଲା । ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଏହି ପୋଲଟି ଏକମାତ୍ର ମାଧ୍ୟମ ଥିଲା । ଚୂନ ଏବଂ ଗୁଡ଼ ଦ୍ୱାରା ଅଠରନଳା ପୋଲ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ଏହା ୧୧୦୦ ବର୍ଷ ଧରି ରହିବା ସହ ଏହା ଉପରେ ପ୍ରତ୍ୟେକ ଦିନ ପୁରୀ ସହରକୁ ବହୁ ସଂଖ୍ୟାରେ ଭାରୀଯାନ ଚଳାଚଳ କରିବା ଆଶ୍ଚର୍ଯ୍ୟର କଥା । ପୋଲଟିର କାରୁକାର୍ଯ୍ୟ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦାଙ୍କୁ ଏହା ବେଶ୍ ଆକୃଷ୍ଟ କରିଥାଏ । ଏ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର କୁହନ୍ତି, '୧୮ ସଂଖ୍ୟା ସହ ଏହି ଐତିହାସିକ ପୋଲର କୌଣସି ସମ୍ବନ୍ଧ ରହିଥିବା କିଛି ଲିଖିତ ପ୍ରମାଣ ନାହିଁ ।'

କିନ୍ତୁ ଏହା ପଛରେ ଏକ ବଡ଼ କାହାଣୀ ରହିଛି । ଅଠରନଳା ବିଶିଷ୍ଟ ଆଉ ୨ଟି ପୋଲ ମଧ୍ୟ ରହିଛି । ଯାଜପୁରର ମନ୍ଦାକିନୀ ନଦୀ ଉପରେ ଗୋଟିଏ ରହିଥିବା ବେଳେ ଅନ୍ୟଟି ଖୋର୍ଦ୍ଧା ଜିଲ୍ଲା ଗଙ୍ଗୁଆ ନଦୀ ଉପରେ ଅଠରନଳା ବିଶିଷ୍ଟ ପୋଲ ରହିଛି । ଏଣୁ ୧୮ ସଂଖ୍ୟାର ଗୁରୁତ୍ୱ ରହିଥିବା ଅନୁମାନ କରାଯାଏ । ଏହା ସହିତ ଜଡ଼ିତ ଅନ୍ୟ ଏକ କିମ୍ବଦନ୍ତୀ ରହିଛି । ପୂର୍ବ କାଳରେ ୧୮ଟି ସନ୍ତାନ ଜନ୍ମ ଦେଉଥିବା ମହିଳା ଏହି ପୋଲ ସହ ସଙ୍ଗାତ ବସୁଥିଲେ । ସଙ୍ଗାତ ବସିଲେ ପିଲାମାନଙ୍କ ସହ ପରିବାର ସୁଖରେ ରହୁଥିବା ବିଶ୍ୱାସ କରାଯାଏ । ପୋଲର ପ୍ରବେଶ ପଥରେ ଏକ ଘାଟଘର ଥିଲା । ଏଠାରେ ପୁରୀକୁ ପ୍ରବେଶ କରୁଥିବା ଲୋକଙ୍କ ପରିଚୟ ରଖାଯାଉଥିଲା । ସେଠାରେ ଏକ ବଡ଼ କବାଟ (ବଡ଼ଦୁଆର) ରହିଥିଲା । ଏହି ବଡ଼ଦୁଆର ସର୍ବଦା ବନ୍ଦ ରହୁଥିଲା । ଆଗନ୍ତୁକଙ୍କ ପରିଚୟ ଓ ଆସିବାର ଅଭିପ୍ରାୟ ଲେଖାଯିବା ପରେ ଏହି ଦୁଆର ଖୋଲାଯାଉଥିଲା ।

ସେତେବେଳେ ଏତେ ଗାଡ଼ି ନ ଥିବାରୁ ଏହାକୁ ଖୋଲାବନ୍ଦ କରିବାରେ ଅସୁବିଧା ହେଉନଥିଲା । ପରେ ଗାଡ଼ିସଂଖ୍ୟା ବଢ଼ିବାସହ ରାଜା ଶାସନ ଚାଲିଯିବାରୁ ଏହି ଦୁଆରକୁ ଉଠାଇ ଦିଆଗଲା । ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ମାତ୍ର ଏଥିରେ କରାଯାଇଥିବା କଳାକୃତି ଏବେ ବି ଜୀବନ୍ତ ରହିଛି । ଏହି ପୋଲକୁ ସରକାର ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରି ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି । ଏହି ଅଠରନଳା ପୋଲଟିକୁ ଦୀର୍ଘସ୍ଥାୟୀ କରିବାକୁ ଏହା ଉପରେ ଭାରୀଯାନ ଚଳାଚଳ ବନ୍ଦ କରାଯାଇଛି ।

ଅଠରନଳାର ସୃଷ୍ଟି ସମ୍ବନ୍ଧରେ ଜଣାଯାଏ ଯେ ଉତ୍କଳର ମହାରାଜା ମତ୍ସ୍ୟ କେଶରୀ (ସମୟ ଖ୍ରୀ: ୯୭୫ ଠାରୁ ଖ୍ରୀ: ୯୯୫ ପର୍ଯ୍ୟନ୍ତ) ଏହାର ନିର୍ମାତା। ସେ ଏହି ପୋଲି ମଧୁପୁର ନଦୀ, ଯାହାର ଡାକନାମ ହୁଲୁହୁଲିଆ ବା ମଙ୍ଗଳା ନଈ, ଉପରେ ନିର୍ମାଣ କରାଇଥିଲେ। ଏହି ପୋଲରେ ଥିବା ଅଠରଟି ନଳା ବା ଫୁକାରମାନଙ୍କରେ ଖିଲାଣ କାମ ନ ହୋଇ ପଥରଗୁଡ଼ିକ ଦ୍ୱାରା ଲହଠି ମୁଦ କରାଯାଇ ତିଆରି କରାଯାଇଥିଲା। ଓଡ଼ିଶାର ନିପୁଣ କାରିଗରମାନଙ୍କର ହସ୍ତକର୍ମ ଓ ଶିଳ୍ପକଳା ଯେ ସହସ୍ରାଧିକ ବର୍ଷ ଅତୁଟ ରହିପାରେ, ଅଠରନଳାର ତାହାର ମୂର୍ତ୍ତିମନ୍ତ ନିଦର୍ଶନ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ଦୂରଭାଷ :୯୪୩୭୦୨୧୬୧୫

# ପୋଷକ ତତ୍ତ୍ୱର ଗନ୍ତାଘର ଲାଉ ମଞ୍ଜି



କେତେଙ୍କୁ ଲାଉ ତରକାରୀ ଖାଇବାକୁ ଭଲ ଲାଗେ । ହୁଏତ ଅନେକ ଲୋକ ଅଛନ୍ତି, ଯେଉଁମାନେ ଲାଉର ନାଁ ଶୁଣିଲେ ବି ନାକ ଟେକନ୍ତି । ଆମେ କହୁଛୁ 'ଲାଉ ମଞ୍ଜି' ବିଷୟରେ । ଏହି ଛୋଟ ଛୋଟ ମଞ୍ଜି ଭିତରେ ଲୁଚି ରହିଛି ଅମୃତ ସମାନ ଗୁଣ ! ଜାଣିବା ଏହାର ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ । ରିପୋର୍ଟ ଅନୁଯାୟୀ, ଲାଉ ମଞ୍ଜି କେବଳ ଏକ ବର୍ଜ୍ୟବସ୍ତୁ ନୁହେଁ, ଏହା ହେଉଛି ପୋଷକ ତତ୍ତ୍ୱର ପାୱାରହାଉସ୍ । ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଫାଇବର, ମ୍ୟାଗେନିସିୟମ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ସୁସ୍ଥ ଚର୍ବି ) ଭଳି ଜରୁରୀ ଉପାଦାନ ରହିଛି । ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଏହା ଏକ ଚମତ୍କାରୀ ସୁପରଫୁଡ୍।

**ପାଚନ ପ୍ରକ୍ରିୟାରେ ସୁଧାର:** ଯଦି କୋଷ୍ଠକାଠିନ୍ୟ, ଗ୍ୟାସ୍ କିମ୍ବା ପେଟ ଫୁଲିବା ଭଳି ସମସ୍ୟାରେ ଗତି କରୁଛନ୍ତି, ତେବେ ଲାଉ ମଞ୍ଜି ଆପଣଙ୍କ ପାଇଁ ବରଦାନ ସଦୃଶ । ଏଥିରେ ଥିବା ଉଚ୍ଚ ଫାଇବର ହଜମ ପ୍ରକ୍ରିୟାକୁ ସୁଦୃଢ଼ କରିଥାଏ ।

**ହୃଦୟ ପାଇଁ ସୁରକ୍ଷା କବଚ:** ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ହୃଦ୍‌ରୋଗ ଏକ ବଡ଼ ସମସ୍ୟା । ଲାଉ ମଞ୍ଜିରେ ଥିବା ମ୍ୟାଗ୍ନେସିୟମ୍ ଆମ ହାର୍ଟକୁ ସୁସ୍ଥ ରଖିବା ସହ ବ୍ଲଡ୍ ପ୍ରେସର ବା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ ।

**ଓଜନ ହ୍ରାସ କରିବାରେ ସହଯୋଗୀ:** ବଢୁଥିବା ଓଜନକୁ ନେଇ ଚିନ୍ତିତ ଥିବା ଲୋକଙ୍କ ପାଇଁ ଏହା ଏକ ଭଲ ଡାଏଟ୍ । ଏଥିରେ ଥିବା ପ୍ରୋଟିନ୍ ଓ ଫାଇବର ଯୋଗୁଁ ଏହାକୁ ଖାଇବା ପରେ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂରି ରହିଲା ଭଳି ଲାଗେ, ଯାହାଦ୍ୱାରା ବାରମ୍ବାର ଭୋକ ଲାଗେନାହିଁ ଏବଂ ଓଜନ ନିୟନ୍ତ୍ରଣ ହୋଇଥାଏ ।

**ଶରୀରକୁ ମିଳିବ ପ୍ରଚୁର ଶକ୍ତି:** ଦିନସାରା କାମ କରି ଯଦି ଆପଣ ଥକ୍କାପଣ କିମ୍ବା ଦୁର୍ବଳତା ଅନୁଭବ କରୁଛନ୍ତି, ତେବେ ଏହି ମଞ୍ଜିକୁ ନିଜ ଖାଦ୍ୟରେ ସାମିଲ କରନ୍ତୁ । ଏଥିରେ ଥିବା ଜରୁରୀ ଖଣିଜ ପଦାର୍ଥ ଶରୀରକୁ ତତ୍କାଳ ଶକ୍ତି ଯୋଗାଇଥାଏ ।

# ନଦୀ-ବନ-ପର୍ବତ-ସରୋବର

ଉତ୍ତରପ୍ରଦେଶର ମଥୁରାନଗରୀ ନିକଟରେ ପ୍ରବାହିତ ଯମୁନା ନଦୀ ତୀରରେ ଥିବା ପଚିଶଗୋଟି ଘାଟ ମଧ୍ୟରୁ ବିଶ୍ରାମଘାଟ ମୁଖ୍ୟ। ଏହି ଘାଟର ପବିତ୍ରତା ତଥା ପୌରାଣିକ ମାହାତ୍ମ୍ୟ ସୁଦୂରପ୍ରସାରୀ। କଂସ ଓ ତାର ଅନୁଚର ରାକ୍ଷସମାନଙ୍କର ଅତ୍ୟାଚାରରେ ନିପୀଡ଼ିତ ହୋଇ ମାତା ବସୁନ୍ଧରା ଗାଭୀରୂପ ଧାରଣ କରି ଯେତେବେଳେ ଦେବତାମାନଙ୍କୁ ଗୁହାରି କଲେ, ତାଙ୍କର ବିକଳ ସହ୍ୟ କରି ନ ପାରି ଦେବତାମାନେ ଯାଇ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ। ବିଷ୍ଣୁ ବସୁନ୍ଧରାଙ୍କର ଦୁଃଖ ଦୂର କରିବାପାଇଁ ପ୍ରତିଶ୍ରୁତି ଦେଇ ଦେବତାମାନଙ୍କୁ ବିଦାୟ ଦେଲେ। ପରେ ଭଗବାନ ବିଷ୍ଣୁ କୃଷ୍ଣରୂପ ଧାରଣ କରି ଧରାବତରଣ କଲେ। କଂସ ଯେତେବେଳେ ଜାଣିଲା, ଶ୍ରୀକୃଷ୍ଣ ଦେବକୀଙ୍କର ଅଷ୍ଟମ ଗର୍ଭର ସନ୍ତାନ, ସେ ବାଳୁତ କାଳରୁ କୃଷ୍ଣଙ୍କୁ ମାରିବାପାଇଁ ପୁତନାଠାରୁ ଆରମ୍ଭ କରି ଅଘାସୁର, ବକାସୁର, ଶକଟାସୁର, ପ୍ରଳମ୍ବାସୁର ପର୍ଯ୍ୟନ୍ତ ଅନେକ ରାକ୍ଷସଙ୍କୁ ପଠାଇଲା। କିନ୍ତୁ କୃଷ୍ଣଙ୍କ ହାତରେ ସେମାନେ ନିହତ ହେଲେ। ଶେଷରେ କୌଣସି ଉପାୟ ନ ପାଇ କଂସ ଧନୁଯାତ୍ରା ଆଳରେ ରାମ ଓ କୃଷ୍ଣଙ୍କୁ ମଥୁରା ନିମନ୍ତ୍ରଣ କରି ଆଣିଲା। ମଥୁରାରେ ମଧ୍ୟ କୃଷ୍ଣ କଂସର ମଲ୍ଲମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ବଧ କଲେ। ପରିଶେଷରେ ଶ୍ରୀକୃଷ୍ଣ କଂସକୁ ନିହତ କଲେ। ଅସୁରମାନଙ୍କ ସହିତ ଯୁଦ୍ଧ କରି ଶ୍ରୀକୃଷ୍ଣ କ୍ଲାନ୍ତ ହୋଇ ପଡ଼ିଥିଲେ। ତେଣୁ ନିଜର ପ୍ରିୟ ଯମୁନା ତୀରକୁ ଯାଇ, ସେଠାରେ ସ୍ନାନ କରି, ସେ କିଛି ସମୟ ବିଶ୍ରାମ ନେଲେ। ପରବର୍ତ୍ତୀ କାଳରେ ଏହି ସ୍ନାନଘାଟ ବିଶ୍ରାମଘାଟ ନାମରେ ବିଖ୍ୟାତ ହେଲା। ଏହି ଘାଟ ସଂପର୍କରେ 'ବରାହପୁରାଣ'ରେ ବର୍ଣ୍ଣିତ ଅଛି। ଆଦିବରାହ ରସାତଳରୁ ପୃଥ୍ୱୀକୁ ଉଦ୍ଧାର କରି ଆଣିବା ପରେ



ଏଠାରେ ବିଶ୍ରାମ ନେଇଥିଲେ। ଅନ୍ୟ ଏକ କିଂବଦନ୍ତି ଅନୁସାରେ- ଶ୍ରୀରାମଚନ୍ଦ୍ରଙ୍କର କନିଷ୍ଠ ଭ୍ରାତା ଶତ୍ରୁଘ୍ନ ଲବଣାସୁରକୁ ବଧ କଲାପରେ ଏହିଠାରେ ବିଶ୍ରାମ ନେଇଥିଲେ। ଏହିପରି ଅନେକ କଂବଦନ୍ତି ସହିତ ଜଡ଼ିତ ହୋଇ ବିଶ୍ରାମଘାଟ ମଥୁରାର ଏକ ପ୍ରମୁଖ ଘାଟ ଭାବରେ ପରିଚିତ ହୋଇଛି। ଯେଉଁମାନେ ବ୍ରଜମଣ୍ଡଳ ପରିକ୍ରମା କରନ୍ତି ସେମାନେ ଏହିଠାରୁ ଯାତ୍ରା ଆରମ୍ଭ କରି ପୁଣି ଏହିଠାରେ ପରିକ୍ରମା ଶେଷ କରିଥାନ୍ତି। ଶ୍ରୀକୃଷ୍ଣଙ୍କର ପଦରଜ ଏଠାରେ ପଡ଼ିଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ମନେକରି ଭକ୍ତମାନେ ଏଠାରେ ସ୍ନାନ କରନ୍ତି। ଏହି ଘାଟରେ ଭ୍ରାତୃଦ୍ୱିତୀୟା ପର୍ବ ମହାସମାରୋହରେ ପାଳିତ ହୋଇଥାଏ। ଭାଇମାନଙ୍କ ସହିତ ଭଉଣୀମାନେ ଏହି ଘାଟକୁ ଆସି ପବିତ୍ର ସ୍ନାନ କଲା ପରେ, ଯମୁନା ମହାରାଣୀଙ୍କୁ ଦର୍ଶନ କରିଥାନ୍ତି। ବ୍ରତକଥା ଅନୁସାରେ- ଦେବୀ ଯମୁନା ନିଜ ଭାଇଙ୍କଠାରୁ ବରଦାନ ପାଇଥିଲେ ଯେ ଏହି ଘାଟରେ ସ୍ନାନ କରି ଯେଉଁ ଭଉଣୀ ଯମୁନାଙ୍କୁ ଦର୍ଶନ କରିବ, ତା'ର ଭାଇକୁ ଯମଲୋକ ଯିବାକୁ ପଡ଼ିବ ନାହିଁ। ଏହି ଘାଟ ମଥୁରାର ୨୫ଟି ଘାଟ ମଧ୍ୟରୁ ସର୍ବଶ୍ରେଷ୍ଠ ତଥା କେନ୍ଦ୍ରୀୟ ଘାଟ। ଏଠାର ସକାଳ ଓ ସଂଧ୍ୟା ଆଳତି ଅତ୍ୟନ୍ତ ମନୋମୁଗ୍‌ଧକର। ସଂଧ୍ୟାକାଳରେ ଯମୁନା ଆଳତି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପାନପତ୍ରରେ ତେଲ ସଳିତା ଜାଳି ଯମୁନାର ସ୍ରୋତରେ ଭସାଇଥାଆନ୍ତି। ଏହି ଦୃଶ୍ୟ ଯେପରି ହୃଦ୍ୟ ସେହିପରି ଅଲୌକିକ। ଏହି ସମୟରେ ସମଗ୍ର ଯମୁନାର ଜଳ ଦୀପମାଳାରେ ଭୂଷିତ ହୋଇ ଏକ ଅନବଦ୍ୟ ଚିତ୍ର ପ୍ରକଟ କରେ।




ଦୁଇଜଣ ବନ୍ଧୁ ଏକାଠି ବସି ବିଭିନ୍ନ ବିଷୟରେ ଆଲୋଚନା କରୁଥିବା ସମୟରେ ଜଣେ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ପଚାରିଲା ସଫଳତାର ରହସ୍ୟ କଣ ? ସଙ୍ଗେ ସଙ୍ଗେ ବନ୍ଧୁ ଜଣଙ୍କ ଉତ୍ତର ଦେଲେ ଆମେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ ଓ ସେ ଟିକେ ବୁଝିପାରିଲେ ନାହିଁ ଏବଂ ବନ୍ଧୁଜଣଙ୍କ ବୁଝାଇବା ପାଇଁ ଚେଷ୍ଟାକଲେ, ଜୀବନରେ ସଫଳ ସେହି ବ୍ୟକ୍ତି, ଯିଏକି ଜୀବନରେ ବାରମ୍ବାର ଅସଫଳତାକୁ ସାମ୍ନା କରିବା , ସ୍ଥିର ଚିତ୍ତରେ ସମୟ ଚକ୍ରର ଆହ୍ୱାନରେ ତାହା ଠିକ ହେଇଯିବ ବୋଲି ଭାବିନେଇଛି । ଯାହା ହେବାର ଥିବ ହେବ ଏବଂ ଯାହା ଘଟିବାର ଥିବ ତାହା ଘଟିବ, କିନ୍ତୁ ସମସ୍ତ ଜିନିଷକୁ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡ଼ିଦେଲେ ହେବନାହିଁ । ସେଥିପାଇଁ ସମୟର ସଦୁପଯୋଗ କରିବ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ ଓ ପରିଶ୍ରମର ଫଳ ସଫଳତା । ସେଥିପାଇଁ ଧୈର୍ଯ୍ୟବାନ ଓ ଧୈର୍ଯ୍ୟଶୀଳ ହେବାକୁ ପଡ଼ିବ ଏବଂ ଯାହା ଅନ୍ୟମାନେ କରିପାରି ନାହାନ୍ତି ତାହାକୁ ନିଜେ କରିବା ପାଇଁ ପ୍ରଚେଷ୍ଟା ଜାରୀ ରଖିବା ହେଉଛି ସଫଳତା ।

ସଫଳତାର ପ୍ରଥମ ପାହଚ ହେଉଛି, ସମୟର ସଦୁପଯୋଗ ଓ ସ୍ୱପ୍ନ ଦେଖିବା ଖାଲି ସ୍ୱପ୍ନମନସ୍କ ହେବା ବଡ଼କଥା ନୁହେଁ, ସେହି ସ୍ୱପ୍ନକୁ ସାକାର କରିବାପାଇଁ, ସ୍ୱପ୍ନ ଦେଖିବା ସମୟରୁ ପ୍ରୟାସ ଜାରି ରଖିବା । ଯଦି ମନଭିତରେ ଆସେ କିଏ କଣ ଭାବିବ, ସେଥିରୁ ସବୁବେଳେ କ୍ଷାନ୍ତ ରହିବା ଉଚିତ, ଆମେ ଲୋକମାନଙ୍କର ମତାମତ ଉପରେ ଆମେ ଚଳିପାରିବା ନାହିଁ କିମ୍ବା ସ୍ୱପ୍ନକୁ ସାକାର କରିପାରିବା ନାହିଁ । ଏହାର ଅର୍ଥ ନୁହେଁଯେ, ଗୁରୁଜନମାନଙ୍କର କଥାକୁ ଆମେ ଯୋଥୋଚିତ ସମ୍ମାନ ଦେବାନାହିଁ ଓ ସେମାନଙ୍କର ଆଦେଶ, ଆଶୀର୍ବାଦ ଓ ସୁଚିନ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । କିନ୍ତୁ ସମାଜରେ ଏଭଳି କିଛି ଲୋକ ଥାନ୍ତି ଯେଉଁମାନେ ତୁମକୁ ଉପରକୁ ଉଠିବାକୁ ଦେବେ ନାହିଁ, ଗୋଡ଼ ଟାଣିବେ ଏବଂ ସେମାନେ ପରନିନ୍ଦା ଓ ପରଚର୍ଚ୍ଚାରେ ସମୟ ଅତିବାହିତ କରି ପରମ ଆତ୍ମତୃପ୍ତି ଲାଭ କରନ୍ତି । ତେଣୁ ସ୍ୱପ୍ନକୁ ସାକାର କରିବା ପାଇଁ ଦରକାର ସାହସ,ଧୈର୍ଯ୍ୟ ଏବଂ କଠିନରୁ କଠିନତମ ପରିଶ୍ରମ । ସହଜରେ କୌଣସି ଜିନିଷ ହାତ ପାଆନ୍ତାରେ ମିଳିଯାଏ ନାହିଁ ଏବଂ ଯାହାବି ମିଳେ ତାହା କ୍ଷଣସ୍ଥାୟୀ । ଝାଳବୁହା ଧନ ପରିଶ୍ରମ କରି ପାଇଥିବା ଫଳର ଅନୁଭବ ଓ ଅନୁରିତି ନିଆରା ଓ ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ ହେବା ଭୀରୁତାର ପରିଚୟ ଓ କରିବାର ଅଛି ସମାଜ ପାଇଁ, ଏକ ନୂତନ ଦିଶାର ଆବଶ୍ୟକ ଅଛି, ସେହି ଦୃଢ ସଙ୍କଳ୍ପରେ ଆମେ ଆଗେଇଯିବା ଉଚିତ ।

ସଫଳତାର ଅର୍ଥ ନୁହେଁ ଯେ, କେବଳ ଧନ ରୋଜଗାର କରିବା, ନିଜର ଆତ୍ମପ୍ରଚାର ଓ ଆତ୍ମବଡ଼ିମା ଦେଖାଇବା । ସଫଳତାର ଅର୍ଥ ହେଉଛି ନମ୍ର, ବିନୟୀ ଓ ନତମସ୍ତକ ହେବା, ଯେଉଁମାନେ ଜ୍ଞାନୀ,ଗୁଣୀ, ସେମାନଙ୍କର ନମ୍ରତା ଓ ବିନମ୍ରତା ଆମର ମୁଣ୍ଡ ତଳକୁ ହୋଇଯାଏ ଓ ସବୁ ସମୟରେ ଧର୍ମ ମାର୍ଗର ସତପଥରେ ଓ ଅନ୍ୟାୟକୁ ପ୍ରତିରୋଧ କରିବା ହେଉଛି ସଫଳତା । ହୃଦୟକୁ ସବୁ ସମୟରେ ସ୍ୱଚ୍ଛ ଓ ନିର୍ମଳ ରଖିବା ଓ ପରନିନ୍ଦା, ପରଚର୍ଚ୍ଚାରେ ସମୟ ଅତିବାହିତ ନକରି ସମୟର ସଦୁପଯୋଗ କରିବା । ସମୟ ବଡ଼ ବଳବାନ ଓ ଥରେ ସମୟ ଅତିବହିତ ହୋଇଗଲେ ତାହା ଆଉ ହାତକୁ ଆସେନାହିଁ । ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଆତ୍ମ ସମୀକ୍ଷା କରିବା ଉଚିତ ଏବଂ ଯାହା କରଣୀୟ ତାକୁ କରିବା ପାଇଁ ପ୍ରାଣପ୍ରଣେ ଚେଷ୍ଟା କରିବା । ଯେପରି ସ୍ୱପ୍ନ ଦେଖିଲେ ଆମକୁ ସାଙ୍ଗେ ସାଙ୍ଗେ ଫଳ ପ୍ରଦାନ କରିପାରିବ ନାହିଁ ଏବଂ ଏହାକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ, ସମୟ, ଧର୍ଯ୍ୟ ଓ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟର ପ୍ରଚେଷ୍ଟା କରିବା ଦରକାର ଓ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ଓ ଲୋକଙ୍କୁ ଚିହ୍ନିବା ଓ ଜାଣିବା ଏହାହିଁ ସଫଳତା । ନିଜର ଆତ୍ମବିଶ୍ୱାସ ବଳରେ ଆମେ ସମୃଦ୍ଧିର ଶିଖରରେ ପହଞ୍ଚିପାରିବା । ଏହା ନିଃସନ୍ଦେହରେ କୁହାଯାଇପାରେ, ଆରମ୍ଭରୁ ଆମେ ସମସ୍ତେ ଶପଥ ନେବା ଉଚିତ ଏକ ସାମୂହିକ ଭାରତବର୍ଷ ଗଠନ ପାଇଁ। ଆମେ ପ୍ରତ୍ୟେକେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସହେବା ଓ ଆମମାନଙ୍କ ପ୍ରୟାସ ଓ ପ୍ରେରଣା ଜାତୀୟ ଜନଜୀବନକୁ ନିଶ୍ଚିତ ଭାବେ ରୁଦ୍ଧିମନ୍ତ କରିବ ।

*ଦାଶରଥି ଶତପଥୀ,*
*(ଅବସରପ୍ରାପ୍ତ)*
*ପ୍ରାକ୍ତନ ଆୟୁକ୍ତ ଓ ସଚିବ*
*ଓଡ଼ିଶା ବିଧାନସଭା*
*ମୋ -*
*୯୩୩୭୪୪୯୩୭୩*



## ଜୁନ୍‌ରେ ପୁଣି ଗଣତିମଣତି

ପୁରୀ,(ନିପ୍ର) : ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସୁଚାରୁ ତଥା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ରତ୍ନଭଣ୍ଡାର ଗଣତିମଣତି ଚାଲିଛି । ପତି ମହାରାଜାଙ୍କ ମାର୍ଗଦର୍ଶନ, ଉଚ୍ଚସ୍ତରୀୟ ଓ ପରିଚାଳନା କମିଟିର



ପରାମର୍ଶ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସାଥୀଅଧିକାରୀ ଏବଂ ବିଶେଷକରି ସେବକବନ୍ଧୁମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଏହା ହେଉଥିବା କୁହାଯାଇଛି । ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼, ଏବଂ ମହାପ୍ରଭୁଙ୍କ ଆଗାମୀ ପର୍ବପର୍ବାଣି, ବିଶେଷକରି ସ୍ନାନ ପୂର୍ଣ୍ଣିମା ଓ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି, ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତା ସପ୍ତାହରୁ ଛତିଶା ନିଯୋଗ ଓ ପରିଚାଳନା କମିଟି (ଏବଂ ସବ୍-କମିଟି)ର ବୈଠକଗୁଡ଼ିକ କ୍ରମାଗତ ଭାବେ ଆୟୋଜିତ ହେବ । ଏ ପରିପ୍ରେକ୍ଷୀରେ,ଚଳିତ ପର୍ଯ୍ୟାୟର ରତ୍ନଭଣ୍ଡାର ଗଣତି କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି । ଜୁନ୍ ମାସରେ ପୁନର୍ବାର ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ତେବେ ୨୩ରେ ଗଣତି କାର୍ଯ୍ୟ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଚାଲିବ ବୋଲି ସୂଚନା ମିଳିଛି ।

## କଇଁଛ ସୁରକ୍ଷା ପାଇଁ ନିବେଦନ

ଭୁବନେଶ୍ୱର,(ହି.ସ.)- ବିଶ୍ୱ କଇଁଛ ଦିବସରେ କଇଁଛ ସୁରକ୍ଷା ପାଇଁ ପ୍ରଭାତି ପରିଡା ଅପିଲ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ବିଶ୍ୱ କଇଁଛ ଦିବସରେ, ଅଲିଭ୍ ରିଡଲେ କଇଁଛଙ୍କ ଆଶ୍ରୟସ୍ଥଳ ଭାବେ ଓଡ଼ିଶା ଗର୍ବ ଅନୁଭବ କରୁଛି ଏବଂ ସଂରକ୍ଷଣ ଓ ପରିବେଶ-ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବାକୁ ଆସୁଥିବା "ଟର୍ଟଲ୍ ଟ୍ରେଲ୍ସ" ପଦକ୍ଷେପ ପ୍ରତି ଆଶାଭରସା ସହ ଆଗକୁ ଚାହୁଁଛି ।

## ଅଂଶୁଘାତରେ ବନ ବିଭାଗ ପାରା ଷ୍ଟାଫଙ୍କ ମୃତ୍ୟୁ ଅଭିଯୋଗ

ମାଲକାନଗିରି,: ଅସହ୍ୟ ଖରା, ତାତି, ଗୁଳୁଗୁଳିରେ ଆଉଟୁ ପାଉଟୁ ହେଉଛି ସାରା ରାଜ୍ୟ । ତେବେ ଏହା ମଧ୍ୟରେ କିଛି ସ୍ଥାନରୁ ଅଂଶୁଘାତ ଜନିତ ମୃତ୍ୟୁ ନେଇ ଅଭିଯୋଗ ସାମ୍ନାକୁ ଆସୁଛି । ଶନିବାର ଅଂଶୁଘାତରେ ବନ ବିଭାଗର ଜଣେ ପାରା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମାଥିଲି ରେଞ୍ଜ ଗୋବିନ୍ଦପାଲି ଠାରେ ପାଟ୍ରୋଲିଂ ପାଇଁ ଗଲାବେଳେ ମଝି ରାସ୍ତାରେ ଟଳି ପଡ଼ିଥିଲେ କର୍ମଚାରୀ ଗୌରାଙ୍ଗ ପୂଜାରୀ । ଅସୁସ୍ଥ ଅବସ୍ଥାରେ ପ୍ରଥମେ ତାଙ୍କୁ ମାଥିଲି ପରେ ଅଧିକ ଚିକିତ୍ସା ନିମନ୍ତେ ମାଲକାନଗିରି ସ୍ଥାନାନ୍ତରିତ କରାଯାଇଥିଲା । ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମାଥିଲି ବନାଂଚଳରେ ବନ ପାରାଗାର୍ଡ ଭାବେ କାର୍ଯ୍ୟରତ ଥିଲେ ଗୌରାଙ୍ଗ ।

## ବୁଢାମୁଣ୍ଡାରେ ନୂତନ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ

ଝାରସୁଗୁଡ଼ା,- ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ପଞ୍ଚାୟତର ବୁଢାମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ବୁଢାମୁଣ୍ଡା ଗ୍ରାମର ବେହେରାପଡ଼ା ଭାଗବତ ଟୁଙ୍ଗି ନିକଟରେ ନୂତନ ନଳକୂପ ଖନନ କାମ ଆରମ୍ଭ ହୋଇଥିବା ବେଳେ ବିଧାୟକ ଶ୍ରୀ ତ୍ରିପାଠୀ ପୂଜାର୍ଚ୍ଚନା କରି ଏହାର ଶୁଭାରମ୍ଭ କରିଥିଲେ ।
ଝାରସୁଗୁଡ଼ା ଜିଲ୍ଲାରେ ବର୍ତ୍ତମାନ ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଉଚ୍ଚ ତାପମାତ୍ରା ଯୋଗୁଁ ପାଣି ସମସ୍ୟା ଗୁରୁତର ରୂପ ନେଇଥିବାରୁ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମକୁ ପାନୀୟଜଳ ସୁବିଧା ଯୋଗାଇବାକୁ ପ୍ରାଥମିକତା ଦିଆଯାଇଥିବା ବିଧାୟକ କହିଥିଲେ । ସେ କହିଥିଲେ ଯେ, ନିଜ ନିର୍ବାଚନମଣ୍ଡଳୀର ୪ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଅତ୍ୟାବଶ୍ୟକ ଥିବା ଗ୍ରାମଗୁଡ଼ିକରେ ୧୧୦ଟି ନଳକୂପ ଖନନ ପାଇଁ ପଦକ୍ଷେପ ନିଆଯାଇଛି । ସେଥିରୁ କୋଲାବିରା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୨୫ଟି ନଳକୂପ ଖୋଳାଯିବା ସହ ଆଗାମୀ ଦିନରେ ଆହୁରି ନଳକୂପ ଖନନ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

## ଘରେ ଘରେ ବିଜ୍ଞାନ

ଜୟପୁର,(ହି.ସ.): ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଏବଂ ପିଲାଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ । ଗ୍ରୀଷ୍ମ ଅବକାଶରେ ବିଭିନ୍ନ ଗ୍ରାମକୁ ଯାଇ ବିଜ୍ଞାନ ଦ୍ୱାରା ଅନ୍ଧ ବିଶ୍ୱାସର ଦୂରୀକରଣ କିପରି କରାଯାଇ ପାରିବ ତାହାର ବିଭିନ୍ନ ବିଜ୍ଞାନ ପରୀକ୍ଷା ଯଥା ନଡ଼ିଆକୁ ଭାଙ୍ଗି ରକ୍ତ ବାହାର କରିବା, ସ୍ୱତଃ ପ୍ରବୃତ୍ତ ଭାବରେ ଅଗ୍ନି କୁଣ୍ଡରୁ ନିଆଁ ଜଳାଇବା, ଲେମ୍ବୁକୁ କାଟି ରକ୍ତ ବାହାର କରିବା, ପାଣି ଦ୍ୱାରା ନିଆଁ ଲଗାଇବା ଇତ୍ୟାଦି କେତେକ କୌତୁହଳ ପୂର୍ଣ୍ଣ ବିଜ୍ଞାନ ପରୀକ୍ଷା କରି ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କୁ ମନ ମୁଗ୍ଧ କରିବା ସହ ସଚେତନ କରାଉଛନ୍ତି । ଏବଂ ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀମାନଙ୍କର ପରିବାରକୁ ବ୍ୟକ୍ତିଗତ ଭାବେ ସାକ୍ଷତ କରି ଆନନ୍ଦଦାୟକ ପାଠ୍ୟକ୍ରମ ପ୍ରସ୍ତୁତ କରି ପେପର କ୍ୟୁର କୋଡେ ଦ୍ୱାରା ମୂଲ୍ୟାଙ୍କନ କରିବା ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କର ବିକାଶ ପକ୍ରିୟା ସାଙ୍ଗେ ସାଙ୍ଗେ ଜଣାପଡ଼ି ଯାଉଥିବାରୁ ଏହା ଅତ୍ୟନ୍ତ ଲାଭଦାୟକ ହୋଇଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି । ଗୌରୀଶଙ୍କର ସାମନ୍ତରାୟଙ୍କ ଏହି ପ୍ରୟାସ ଦ୍ୱାରା ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମହତ୍ୱ ବୁଝିବାରେ ସଫଳ ହୋଇପାରିଛି ।

## ମୁରିବାହାଲ ରେଞ୍ଜରେ ବନ୍ୟପ୍ରାଣୀ ମୃତ୍ୟୁ ମାମଲା

## ଉପରିସ୍ଥ ଅଧିକାରୀଙ୍କ ନୀରବତାକୁ ନେଇ ପ୍ରଶ୍ନ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ସଂରକ୍ଷଣ ରେଞ୍ଜରେ ବନ୍ୟପ୍ରାଣୀ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସ୍ଥାନୀୟ ବନ କର୍ମଚାରୀଙ୍କ କାର୍ଯ୍ୟକଳାପ ଏବେ ସନ୍ଦେହଘେରକୁ ଆସିଛି । ହାତୀ ମୃତ୍ୟୁ ମାମଲାର ରହସ୍ୟ ଉନ୍ମୋଚନ ହେବା ପୂର୍ବରୁ, ମାତ୍ର କେଇ ଦିନ ବ୍ୟବଧାନରେ ଦୁଇ ଦୁଇଟି ବାରହାଙ୍କ ମୃତ୍ୟୁକୁ ଯେଉଁଭଳି ଭାବେ ଗୋପନୀୟ ଭାବେ ଚପାଇ ଦେବାକୁ ଚେଷ୍ଟା କରାଯାଉଛି, ତାହା ବନ୍ୟପ୍ରାଣୀ ସଂରକ୍ଷଣ ଆଇନ୍ ୧୯୭୨ର ଖୋଲାଖୋଲି ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି । ପ୍ରଶାସନିକ ସ୍ତରରେ ଏହି ଘଟଣାର ପ୍ରଭାବ ଏବଂ ବନ ବିଭାଗର ଆଭିମୁଖ୍ୟକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି, ଯାହାର ସଠିକ୍ ଉତ୍ତର ରଖିବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏଡ଼ାଇ ଯାଉଛନ୍ତି ।
ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ, ଯଦି କୌଣସି ବନ୍ୟଜନ୍ତୁର ଅସ୍ୱାଭାବିକ କିମ୍ବା ସନ୍ଦେହଜନକ ମୃତ୍ୟୁ ହୁଏ, ତେବେ ତୁରନ୍ତ ଘଟଣାସ୍ଥଳକୁ ସିଲ୍ କରିବା, ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ପୋଲିସକୁ ଅବଗତ କରାଇବା ସହ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଦ୍ୱାରା ପଞ୍ଚନାମା ଓ ବ୍ୟବଚ୍ଛେଦ କରାଯିବା ବାଧ୍ୟତାମୂଳକ ।

ପ୍ରଥମ ଘଟଣା ୭ ମେ' ଚାଉଳଫୁପୁଡ଼ା ଗାଁ ନିକଟରେ ବିଦ୍ୟୁତ ଫାଶରେ ପଡ଼ି ବାରହାର ମୃତ୍ୟୁ ଘଟିଥିବା ବେଳେ ୮ ତାରିଖ ଦିନ କାହା ନିର୍ଦ୍ଦେଶରେ ଏତେ ତତ୍ପରତା ସହ ମୃତଦେହ ପୋତି ଦିଆଗଲା ? ଯଦି ଫରେଷ୍ଟର ନମୁନା ସଂଗ୍ରହର ଦାବି କରୁଛନ୍ତି, ତେବେ ତଦନ୍ତ ପ୍ରକ୍ରିୟା ସରିବା ପୂର୍ବରୁ ମଢ଼କୁ ନଷ୍ଟ କରିବା ପ୍ରମାଣ ଗୋପନ କରିବାର ଆଇନଗତ ଅପରାଧ ନୁହେଁ କି ?
ଦ୍ୱିତୀୟ ଘଟଣା ୧୯ ମେ' ସୁନାଦେଇ ପାହାଡ଼ ତଳୁ ଉଦ୍ଧାର ହୋଇଥିବା ବାରହାର ମୃତଦେହକୁ "ଅଜଣା ଗାଡ଼ି ଧକ୍କା" ବୋଲି କହି ବନ ବିଭାଗ ନିଜ ଦାୟିତ୍ୱ ସାରିଦେଇଛି । ମାତ୍ର ଦୁର୍ଘଟଣା ସ୍ଥଳରେ କୌଣସି ବରିଷ୍ଠ ଅଧିକାରୀଙ୍କ ଅନୁପସ୍ଥିତି ଏବଂ ବିନା ସଠିକ୍ ଆଇନଗତ ପ୍ରକ୍ରିୟାରେ ମୃତଦେହ ପୋତାଯିବା ସନ୍ଦେହକୁ ଦ୍ୱିଗୁଣିତ କରୁଛି ।
ଖୋଦ୍ ବଲାଙ୍ଗୀର ଡିଏଫ୍ଓ ପ୍ରଥମ ଘଟଣାର ୩ ଦିନ ପର୍ଯ୍ୟନ୍ତ ଅଜ୍ଞ ରହିବା ଏବଂ ପରବର୍ତ୍ତୀ ସମୟରେ "ରେଞ୍ଜ ଅଫିସରଙ୍କ ଉପସ୍ଥିତିରେ ଶବ ପୋତିହେବ" ବୋଲି ଯୁକ୍ତି ବାଢ଼ିବା ବିଭାଗୀୟ ସମନ୍ୱୟର ଚରମ ଦୁର୍ବଳତାକୁ ଦର୍ଶାଉଛି ବୋଲି କୁହାଯାଇଛି ।
ବନ୍ୟପ୍ରାଣୀ ସୁରକ୍ଷା ଓ ପାଟ୍ରୋଲିଂ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ପାଣ୍ଠି ବାସ୍ତବରେ କେଉଁଠି ଖର୍ଚ୍ଚ ହେଉଛି ?

ମୁରିବାହାଲ ବନ ବିଭାଗ ଶିକାରୀଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ଅଛି ନା ବନ୍ୟଜନ୍ତୁଙ୍କୁ ? ତଦନ୍ତ ଓ ପଞ୍ଚନାମା ପ୍ରକ୍ରିୟା ଶେଷ ନହେଉଣୁ ମୃତଦେହକୁ ଏତେ ଶୀଘ୍ର ପୋତିବା ପାଇଁ ସ୍ଥାନୀୟ କର୍ମଚାରୀଙ୍କୁ କିଏ ଅନୁମତି ଦେଇଥିଲା ?ଏପରି ପ୍ରଶ୍ନ ସ୍ଥାନୀୟ ବିଭିନ୍ନ ମହଲରେ ଆଲୋଚ୍ୟର ବିଷୟ ହୋଇଛି ।

## ମେଡିକାଲ କୋଠାଗୃହ ଉଦ୍‌ଘାଟନ ନେଇ ଅବ୍ୟବସ୍ଥା ଅଭିଯୋଗ

ରମ୍ଭା,(ନିପ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ନବ ନିର୍ମିତ ମେଡିକାଲ କୋଠା ଗୃହର ଶୁକ୍ରବାର ବ୍ରହ୍ମପୁର ସାଂସଦଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । କିନ୍ତୁ ଏହି ଉଦ୍‌ଘାଟନ ହୋଇଥିବା ନେଇ ରମ୍ଭାବାସୀ ଜାଣି ନଥିବା ଅଭିଯୋଗ ବାଢିଛନ୍ତି

କେବଳ ସେତିକି ନୁହେଁ ରମ୍ଭା ଏନଏସି ପ୍ରଶାସନଙ୍କୁ ମଧ୍ୟ ଅଣଦେଖା କରାଯାଇଥିଲା ।ଏତେବଡ଼ କାର୍ଯ୍ୟକ୍ରମ ମାତ୍ର ୨ ମିନିଟରେ ଶେଷ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଅତ୍ୟନ୍ତ ନିରାଶାଜନକ ଏବଂ ଅପରିପକ୍ୱତାର ପରିଚୟ ଦିଏ । ତେବେ ଯେକୌଣସି ଉଦ୍‌ଘାଟନ କାର୍ଯ୍ୟକ୍ରମ ହେବାକୁ ଥିଲେ କିଛି ଦିନ ପୂର୍ବରୁ ବୈଠକ ପ୍ରସ୍ତୁତ ହୁଏ ।ଏହି ବୈଠକରେ ରମ୍ଭା ସହରର ସମସ୍ତ ବୁଦ୍ଧିଜୀବୀ, ସାମ୍ବାଦିକ ଓ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥାନ୍ତି ।କିପରି ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ କିପରି ସମାପନ ହେବ ଏନେଇ ବୈଠକରେ ମଧ୍ୟ ଆଲୋଚନା ହେବା ସହ ଏନେଇ ବ୍ଲୁ-ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରିବାକୁ ପଡ଼ିଥାଏ । କିନ୍ତୁ ଆକସ୍ମିକ ଭାବେ ଉଦ୍‌ଘାଟନ ପର୍ବକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରିଛନ୍ତି ।

## ବୁଢାମୁଣ୍ଡା ଗ୍ରାମର ମୌଳିକ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କୁ ଦାବିପତ୍ର

ଝାରସୁଗୁଡ଼ା,(ହି.ସ.): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର କୋଲାବିରା ବ୍ଲକର ପରମାଣପୁର ପଞ୍ଚାୟତ ଅନ୍ତର୍ଗତ ବୁଢାମୁଣ୍ଡା ଗ୍ରାମ ଗସ୍ତ କରିଥିଲେ । ଏହି ଅବସରରେ ଗ୍ରାମର ବିଭିନ୍ନ ସାମୁହିକ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗ୍ରାମର ବେହେରାପଡ଼ା ବନ୍ଧରେ ଦୁଇଟି ଗାଧୁଆ ଘାଟ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ । ସେହିପରି ଗ୍ରାମଟି ଜଙ୍ଗଲ ଅଞ୍ଚଳ ସମୀପରେ ଥିବାରୁ ବଣୁଆ ହାତୀ ଭୟ ସଦା ଲାଗି ରହୁଥିବା କଥା ଉଲ୍ଲେଖ କରି ପ୍ରତ୍ୟେକ ବିଦ୍ୟୁତ୍ ଖୁମ୍ବରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ । ଏହା ସହିତ ଗ୍ରାମ ଭିତରୁ କାଲିବାହାଲ ରାସ୍ତାର ନିର୍ମାଣ କରାଯାଇପାରିଲେ ଯାତାୟାତ ସୁବିଧା ସୁଦୃଢ଼ ହେବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଥିଲେ । ଗ୍ରାମର ଭାଗବତ ଟୁଙ୍ଗୀ ନିକଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଧ୍ୟ ଦାବି ଉଠିଥିଲା । ଗ୍ରାମବାସୀଙ୍କ ସମସ୍ତ ଦାବି ପ୍ରତି ସକାରାତ୍ମକ ଭାବେ ବିଚାର କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ ।

## ନୂଆପଡାରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

ନୂଆପଡା,(ହି.ସ.): ନୂଆପଡା ଜିଲ୍ଲାର ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଅଧିକାରୀ ସ୍ୱୟଂ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଓ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । କୃଷିବନୀକରଣ ଯୋଜନା ଅଧୀନରେ ୬୩ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସମସ୍ତ ଯୋଜନାର ବର୍ତ୍ତମାନ ପ୍ରଗତି ସମ୍ପର୍କରେ ମଧ୍ୟ ସେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ସେହିପରି ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମାପ୍ତ କରିବାକୁ ମଧ୍ୟ କହିଥିଲେ । ଏହି ଅବସରରେ ଜିଲ୍ଲାର ପାଞ୍ଚଟି ବ୍ଲକର ପାଞ୍ଚଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ।ବୈଠକରେ ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ଦେବପ୍ରିୟ ପାଣିଗ୍ରାହୀ ଓ ଦେବେନ୍ଦ୍ର କୁମାର ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଶୀତଳଷଷ୍ଠୀ ଶୃଙ୍ଖଳିତ ଆୟୋଜନ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସମ୍ବଲପୁର,(ହି.ସ.): ଆଗାମୀ ଜୁନ୍ ୧୫ ତାରିଖରୁ ଆରମ୍ଭ ହେବ ସମ୍ବଲପୁରର ପ୍ରସିଦ୍ଧ ପବିତ୍ର ଶୀତଳଷଷ୍ଠୀ । ଏହି ଯାତ୍ରାକୁ ଅତି ଶୃଙ୍ଖଳିତ ଭାବେ ଆକର୍ଷଣୀୟ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଜୁନ୍ ୧୫ ତାରିଖରୁ ଏହି ପବିତ୍ର ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ କରିବା ପାଇଁ ସମସ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ବିଭିନ୍ନ କମିଟି ଏବଂ ଜନସାଧାରଣଙ୍କ ସହଯୋଗରେ ଅତି ସୁଦୂରପ୍ରସାରୀ ଓ ସଫଳ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ । ଯାତ୍ରାର ସଫଳ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଶୀତଳଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି । ଯାତ୍ରା ସମୟରେ ଯେପରି ଗୋଟିଏ କମିଟି ଅନ୍ୟ କମିଟିର ଶୋଭାଯାତ୍ରା ଆଗରେ ସମସ୍ୟା ସୃଷ୍ଟି ନକରେ, ସେଥିପାଇଁ ମିନିଟ୍-ଟୁ-ମିନିଟ୍ ସମୟସୀମା ଅନୁସରଣ କରିବାକୁ କୁହାଯାଇଛି । ନନ୍ଦପଡ଼ା, ଝାଡୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଭିଡ଼ ହେଉଥିବା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ, ଯଦ୍ୱାରା ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ । ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ କରାଯିବ । ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯିବ ।ଉତ୍ସବ ସମୟରେ ସହରରେ ଅବିରତ ପାନୀୟ ଜଳ ଯୋଗାଣ କରାଯିବ । ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଲେଖାଏଁ ଜଳ ଟାଙ୍କରର ବ୍ୟବସ୍ଥା କରାଯିବ । ଏଥିସହ ଏନଜିଓ ମାନଙ୍କୁ ମଧ୍ୟ ଜଳ ଯୋଗାଣ କାର୍ଯ୍ୟରେ ସାମିଲ କରାଯିବ । ସହରରେ ୨୪ ଘଣ୍ଟିଆ ଅବିରତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍‌ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ ।ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ । କୌଣସି ଆପତ୍ତ କାଳୀନ ପରିସ୍ଥିତିକୁ ରୋକିବା ପାଇଁ ଅଗ୍ନିଶମ ବାହିନୀ ସଜାଗ ରହିବେ । ଶୀତଳ ଷଷ୍ଠୀ ପାଇଁ ରାସ୍ତାଘାଟ ସଫେଇ, ଡ୍ରେନେଜ୍ ମରାମତି, ଏନକ୍ରୋଚମେଣ୍ଟ (ଉଚ୍ଛେଦ) ଏବଂ ରାସ୍ତାରେ ଥିବା ଗଛର ଡାଳ କାଟିବା ଆଦି ସମସ୍ତ ପ୍ରାକ୍-ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମୟବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି । ସମ୍ବଲପୁରର ଏହି ଗୌରବମୟ ସାଂସ୍କୃତିକ ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ । ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି ।

## ରେଢ଼ାଖୋଲ କଳିଙ୍ଗ କଲେଜର ବାଜିମାତ୍ : ସମ୍ବିତ ବିଜ୍ଞାନ ଓ ଝିଅ ବାଗ୍ମୀ ବିଶ୍ୱଜିତା କଳାରେ ଟପ୍ପର

ରେଢ଼ାଖୋଲ ତା୨୩/୦୫(ନିପ୍ର): ଚଳିତ ବର୍ଷ ବାହାରି ସାରିଛି +୨ଫଳାଫଳ । ଆଉ ଫଳାଫଳକୁ ନେଇ ବିଶେଷ କରି ଶିକ୍ଷାନୁଷ୍ଠାନ ଗୁଡିକ ଛାତ୍ରଛାତ୍ରୀ ଖୁସି ଥିବା ଜଣାପଡିଛି ।

ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ସହର ସ୍ଥାନୀୟ କଳିଙ୍ଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ତାର ଯୁକ୍ତ ଦୁଇ ବିଜ୍ଞାନ ଓ କଳା ବିଭାଗର ରେଜଲ୍ଟରେ ବାଜିମାତ କରି ଅପୂର୍ବ ସଫଳତା ହାସଲ କରି ନିଆରା ରେକର୍ଡ ସୃଷ୍ଟି କରିଛି । ଚଳିତ ବର୍ଷ ଏହି କଲେଜର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଆୟୁଷ୍ମାନ ସମ୍ବିତ ସ୍ୱାଇଁ ସର୍ବ ମୋଟ ୫୮୩ ନମ୍ବର ରଖି ୯୭.୮୨% ରଖି ରେଢ଼ାଖୋଲ ଉପଖଣ୍ଡ ସ୍ତରରେ ଟପ୍ପର ହୋଇଥିବା ବେଳେ ସେହିପରି କଳା ବିଭାଗରେ ମଧ୍ୟ ଏହି କଲେଜର ଛାତ୍ରୀ ବାଗ୍ମୀ ବିଶ୍ୱଜିତା ସାହୁ ମୋଟ୍ ୫୪୬ ମାର୍କ ରଖି ୯୧% ମାର୍କ ରଖି କଲେଜ ପାଇଁ ତଥା ଅଞ୍ଚଳପାଇଁ ଗର୍ବ ଗୌରବ ଆଣିଛନ୍ତି । ସମ୍ବିତ ଜଣେ ଚାଷୀପରିବାରରୁ ହୋଇଥିବା ବେଳେ ବାପା ଚାଷକାମ କରି ରିଆମାଳ ଅଞ୍ଚଳରୁ ଆଣି ରେଢ଼ାଖୋଲ ସହର ଏହି କଳିଙ୍ଗ ଉଚ୍ଚମାଧ୍ୟମିକ



ବିଦ୍ୟାଳୟରେ ଶିକ୍ଷାଦାନ କରାଇଥିଲେ ଯାହାର ଫଳ ସ୍ୱରୂପ ପୁଅ ପାଇଛି ବୋଲି କହିଛନ୍ତି । ଅନ୍ୟପଟେ ବାଗ୍ମୀ ବିଶ୍ୱଜିତା ମଧ୍ୟ ଜଣେ ଚାଷୀ ଘରର ଝିଅ ସେ ରେଢ଼ାଖୋଲ ବଡବାହାଲ ପଞ୍ଚାୟତ ଲଡୁବାହାଲ ଗାଁ ରୁ ଆସି ଏଠାରେ ହଷ୍ଟେଲରେ ରହି ୧୩ରୁ୧୪ଘଣ୍ଟା ପାଠପଢି ସେ ଏହି କୃତିତ୍ୱ ହାସଲ କରିଥିବା କହିଛନ୍ତି । ଏଥିସହ ବିଜ୍ଞାନ ବିଭାଗର ପୁଲିନ ପ୍ରଧାନ ୫୫୭ ନମ୍ବର ରଖି ୯୨.୪୩%,ବାସୁଦେବ ନାଏକ ୫୫୫ ନମ୍ବର ରଖି ୯୨.୨%, ସ୍ୱାଗତ ସୌରଭ ପ୍ରଧାନ ୫୫୩ ନମ୍ବର ରଖି ୯୨.୧୬% ଶତକଡା ରଖି କଲେଜ୍ ପାଇଁ ଗର୍ବ ଓ ଗୌରବ ଆଣିଥିବା ବେଳେ ୧୫ ଜଣ ଛାତ୍ରଛାତ୍ରୀ ୫୦୦ ରୁ ଉର୍ଦ୍ଧ୍ୱ ନମ୍ବର ରଖି ଆଗାମୀ ଦିନ ଲାଗି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି । ଏବଂ ୯୦ ଜଣ ଛାତ୍ରଛାତ୍ରୀ ୪୦୦ ରୁ ଉର୍ଦ୍ଧ୍ୱ ନମ୍ବର ରଖି ଏକ ଅଭିନବ ରେକର୍ଡ କରିବାରେ ସଫଳ ହେଇଛନ୍ତି ।
ସେହିଭଳି ଯୁକ୍ତ ଦୁଇ କଳା ପରୀକ୍ଷାରେ ଲିପସା ମିର୍ଦ୍ଧା, ପୂର୍ଣ୍ଣିମା ପ୍ରଧାନ, ରାହୁଲ ପ୍ରଧାନ, ଆନନ୍ଦ କନ୍ଧ ଦାଶ, ପାୟଲ ବେହେରା, ସୁଶ୍ରୀ ସିନୁ ସରାଫ ଏବଂ ମଳୟ ରଞ୍ଜନ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀ ୪୦୦ ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି ଏବଂ ୬୦ ଜଣ ବିଦ୍ୟାର୍ଥୀ ପ୍ରଥମ ସ୍ଥାନ ଲାଭ କରି କଲେଜ ପାଇଁ ଏକ ସୁନ୍ଦର୍ ସମ୍ଭାବନା ଆଣିଛନ୍ତି । ମୋଟାମୋଟି ଭାବରେ ଶତକଡା ଶହେରୁ ଶହେ ବିଦ୍ୟାର୍ଥୀ ଉକ୍ତ ପରୀକ୍ଷାରେ ସନ୍ତୋଷ ଜନକ ନମ୍ବର ରଖି ଉତ୍ତୀର୍ଣ୍ଣ ଲାଭ କରିଥିବା କଲେଜ ଅଧ୍ୟକ୍ଷ ପ୍ରକାଶ କୁମାର ନାଏକ କହିଛନ୍ତି ।

## ଅଶାନ୍ତ ରାୟଗଡ଼, ଭୟଭୀତ ସହରବାସୀ: ୩ ଗୁରୁତର

ରାୟଗଡ଼ା,(ନି:ପ୍ର) କିଛି ଦିନତଳେ ନିଖିଲ ହାଡ଼ପାକୁ ଗୁଳି କରି ହତ୍ୟା ଘଟଣାରେ ପୁଣି ଅଶାନ୍ତ ହୋଇଛି ରାୟଗଡ଼ା ସହର । ପିଟଲା ସାହି ମଧ୍ୟରେ ବଚସା ଓ ମାରପିଟ ଏବଂ ପରେ ରାୟଗଡା ଥାନା ସମ୍ମୁଖରେ ମାରପିଟ ଭଳି ଘଟଣା ଘଟିଛି । ରାତି ସମୟରେ ରାୟଗଡ଼ା ଥାନା ସମ୍ମୁଖରେ ଉଭୟ ସାହିର ଉତ୍ୟକ୍ତ ଲୋକ ମାନେ ପଥର ଫିଙ୍ଗା ଫିଙ୍ଗି ହୋଇଥିଲେ । ସହରର ପିଟଲା ସାହିରେ ପଶି ରେଳି ସାହିର କିଛି ଯୁବକ ଲୋକଙ୍କୁ ଗାଳିଗୁଲଜ ସହିତ ଅସଦାଚରଣ କରିଥିଲେ । ଏହାର



ପ୍ରତିବାଦରେ ପିଟଲା ସାହିର ଲୋକେ ଥାନାରେ ଅଭିଯୋଗ କରିଥିଲେ । ସେହି ସମୟରେ ରେଲି ସାହିର କିଛି ଯୁବକ ପହଞ୍ଚି ଗାଳିଗୁଲଜ କରିବା ଅଭିଯୋଗ ହୋଇଛି । ଏହାପରେ ଉଭୟ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଥିଲା । ଏଭଳିକି ଥାନା ସମ୍ମୁଖରେ ମାରପିଟ ସହିତ ଢେଲା ମାଡ଼ ମଧ୍ୟ ଘଟିଛି । ଏଥିରେ ୩ ଜଣଙ୍କୁ ଗୁରୁତର ଆଘାତ ଲାଗିଥିବା ବେଳେ, ଉଭୟ ଗୋଷ୍ଠୀର ଆହତ ହୋଇଛନ୍ତି । ଆହାତମାନେ ହେଲେ ପିଟିଲାସାହିର ଆନ୍ନାମାଝୀ ଯାକକା, ତ୍ରିନାଥ ମେଲେକା ଓ ରେଲି ସାହିର ଶୁଣ୍ଢୀ ସୂରଜ ଓ ପୁଲିସ ଆହତ ମାନଙ୍କୁ ଡି ଏଚଏଚ ରେ ଚିକିତ୍ସା ପାଇଁ ଆଣିଛି ଓ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ତେଣୁ ଥାନା ସମ୍ମୁଖରେ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି । ତଥାପି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ନିକଟସ୍ଥ ଥାନାରୁ ଅଧିକାରୀ ମାନଙ୍କୁ ରାୟଗଡ଼ା ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବ ଶତ୍ରୁତା ଓ ଜୁଆ ଆଡ୍ଡାରୁ ଲୁଟ ଘଟଣାକୁ ନେଇ ଗତ ୯ ତାରିଖ ଦିନ ନିଖିଲକୁ ଗୋଟିଏ ଗୋଷ୍ଠୀ ଗୋଡେଇ ଗୋଡେଇ ଗୁଳି କରି ହତ୍ୟା କରିଥିଲେ ଓ ଏହି ଘଟଣାରେ ପୁଲିସ ୯ ଜଣଙ୍କୁ ଗିରଫ କରିଥିବା ବେଳେ, ୨୧ ଜଣ ସମ୍ପୃକ୍ତ ଥିବା ପୁଲିସ କହିଥିଲା କେଉଁ ପରିସ୍ଥିତିରେ ଉତ୍ତେଜନା ସୃଷ୍ଟି ହେଲା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି ।

||||||||||||||||||||||||||||| ନୟାହାଟ-ଶିଖର ଘାଟ ରାସ୍ତା ପାଲଟିଛି ମରଣଯନ୍ତା |||||||||||||||||||||||||||||

## ପ୍ରତିବାଦରେ ଅସ୍ତରଙ୍ଗ-ନିମାପଡ଼ା ମୁଖ୍ୟ ରାସ୍ତାରେ ଧାରଣା

ଚାରିଛକ,( ନିପ୍ର): ଚାରିଛକ ନିକଟସ୍ଥ ନୟାହାଟ-ଧୁମାଳ-ଶିଖର ଘାଟ ରାସ୍ତା ବିପର୍ଯ୍ୟସ୍ତ ହୋଇ ମରଣଯନ୍ତା ପାଲଟିଥିବା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଏହାର ସ୍ଥାୟୀ ପ୍ରତିକାର ଓ ତୁରନ୍ତ ରାସ୍ତା ମରାମତି ଦାବି କରି ଆଜି ଅଞ୍ଚଳବାସୀଙ୍କ ପକ୍ଷରୁ ଅସ୍ତରଙ୍ଗ-ନିମାପଡ଼ା ମୁଖ୍ୟ ରାସ୍ତା ଅବରୋଧ କରାଯିବା ସହ ଏକ ବିରାଟ ଗଣଧାରଣା ଦିଆଯାଇଛି । ଯୁବ ନେତା ତଥା ସାମାଜିକ କର୍ମୀ ଅଭିମନ୍ୟୁ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭା ଓ ରାସ୍ତା ରୋକ୍ ଆନ୍ଦୋଳନରେ ଶତାଧିକ ସ୍ଥାନୀୟ ବାସିନ୍ଦା ଏବଂ ପ୍ରତିନିଧି ସାମିଲ ହୋଇଥିଲେ । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ନୟାହାଟଠାରୁ ଶିଖର ଘାଟ ପର୍ଯ୍ୟନ୍ତ ଯାଇଥିବା ଏହି ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ



ହୋଇ ପଡ଼ିରହିଛି । ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଯାହାଦ୍ୱାରା ସାଧାରଣ ଜନତା, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ରୋଗୀମାନେ ଯାତାୟାତ ସମୟରେ ଚରମ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନକୁ ବାରମ୍ବାର ଗୁହାରି କଲା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଶେଷରେ ଲୋକେ ରାଜପଥକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି ।
ଏହି ଗଣଧାରଣାରେ ଧୁମାଳ ବିଜେଡି ସଭାପତି ଦିଲ୍ଲୀପ ରାୟ, ମହମ୍ମଦ ସମ୍ମୁଲ୍, ସମିତି ସଭ୍ୟ ପ୍ରତିନିଧି ସହଦେବ ମାଣିକ, ଏବଂ ନାଏବ ସରପଞ୍ଚ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଉଦାସୀନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ୍ ରାୟ, କେଳୁଚରଣ ଖୋଟୋଇ, ବ୍ରହ୍ମାନନ୍ଦ ଦାଶ, ମିଡିଆ ସେଲ ପ୍ରତିନିଧି ଆଶିଷ କୁମାର ଦାସ, ଶେଖ୍ ଶିକୁନ୍, ସନ୍ତୋଷ ବେହେରା, କାହ୍ନୁ ଚରଣ ନାୟକ, ଗଗନ ଭଦ୍ର, ମନୋରଞ୍ଜନ ପାଢ଼ୀ ଏବଂ ହରିବୋଲ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ରାସ୍ତା ଅବରୋଧ ଯୋଗୁଁ ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଓ ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଥିଲା । ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ମରଣଯନ୍ତା ସଦୃଶ ରାସ୍ତାର ସ୍ଥାୟୀ ସଂସ୍କାର ପାଇଁ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ଓ ଗଣତାନ୍ତ୍ରିକ ରୂପ ନେବ ବୋଲି ସୂଚନା ଦେଇଛନ୍ତି ।

ତିଥି :(ନବମୀ): (ପୂର୍ବାଫାଃ ସିଂହ)
ଅମୃତ ବେଳା: ଦିବା ଘ ୬।୪୮ ଗତେ ଘ ୯।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି, ଯେ ମୁକ୍ତ ହୋଇ ସାରିଛନ୍ତି, ଯାହାଙ୍କର ବୁଦ୍ଧି ସ୍ୱରୂପଭୂତ ଜ୍ଞାନରେ ଅବସ୍ଥିତ, କେବଳ ଯଜ୍ଞ ଉଦ୍ଦେଶ୍ୟରେ କର୍ମରତ ଏପରି ମନୁଷ୍ୟଙ୍କର ସମସ୍ତ କର୍ମ ବିଲୀନ ହୋଇଯାଏ। - ଶ୍ରୀମଦ୍ ଭଗବଦ୍ ଗୀତା

# ଅସରପାର ଆବିର୍ଭାବ

ଦେଶର ବେକାର ଯୁବକଯୁବତୀଙ୍କୁ ଅସରପା ଓ ପରଜୀବୀ ବୋଲି କୁଆଡ଼େ କଟାକ୍ଷ କରିଥିଲେ ଦେଶର ପ୍ରଧାନ ବିଚାରପତି। ଯଦିଓ ପରବର୍ତ୍ତୀ ସମୟରେ ସେ ଏପରି କହିନାହାନ୍ତି ବରଂ ମିଥ୍ୟା ଡିଗ୍ରୀଧାରୀଙ୍କ ଉଦ୍ଦେଶ୍ୟରେ ତାଙ୍କର ଏହି ସମାଲୋଚନା ଥିଲା ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ପରବର୍ତ୍ତୀ ସମୟରେ ବୋଷ୍ଟନ ୟୁନିଭରସିଟିସ୍ଥିତ ଭାରତୀୟ ଛାତ୍ର ଅଭିଜିତ୍ ଦିପ୍‌କେ ଯେ କି ଜଣେ ରାଜନୈତିକ ଯୋଗାଯୋଗର ରଣନୀତିକାର, ତାଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଗଲା କକ୍‌ରୋଚ ଜନତା ପାର୍ଟି ବା ସିଜେପି। ଯୁକ୍ତରାଷ୍ଟ୍ର ଆମେରିକା ଯିବା ପୂର୍ବରୁ ତଥାକଥିତ ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ସୃଷ୍ଟ ଆପ୍‌ରେ ସେ କିଛିଦିନ କାମ କରିଥିବା ତଥା ସାମାଜିକ ମିଡିଆରେ ନିଜର ଉପସ୍ଥିତି ଜାହିର ଥିବା ହେତୁ ସିଜେପିର ଆବିର୍ଭାବ ହେଲା। ସିଜେପିର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅନୁଗାମୀ ସଂଖ୍ୟା ଏବେ ୧୦ନିୟୁତ ଅତିକ୍ରମ କରିସାରିଛି। ଦେଶରେ ରାଜନୈତିକ ଦଳ ଭାବରେ ମୁଖ୍ୟତଃ ଦୁଇ ପ୍ରମୁଖ ଦଳର ଦବ୍‌ଦବା ଥିବାବେଳେ ଏହି ଅଣରାଜନୈତିକ ମଞ୍ଚର ଅନୁଗାମୀ ବଢ଼ିବା କି ପ୍ରକାର ସଂକେତ ଦିଏ ଏଭଳି ପ୍ରଶ୍ନ ଉଠିବା ଓ ଏହାର ସମ୍ଭାବ୍ୟ ଉତ୍ତରଗୁଡ଼ିକ ସଂପର୍କରେ ସାମାନ୍ୟ ଆଲୋଚନା ଏଠାରେ କରାଯାଇପାରେ।

କକ୍‌ରୋଚ ବା ଅସରପା ଏକ ଆଦିମ ପତଙ୍ଗ। ଏହା ଆକାଂକ୍ଷୀ କିମ୍ବା ସାହସିକ ପଦକ୍ଷେପ ଆଦୌ ନେଇପାରେନାହିଁ। ପ୍ରବୃତ୍ତିରେ ଏହା ଅଳସୁଆ। ପୁଣି ଭୟାର୍ତ୍ତ। ବିପଦ ଆସିଲେ ଏହା ଲୁଚିଯାଏ। କିନ୍ତୁ ବିସ୍ମୟର କଥା ଯେ ବହୁସମୟରେ ନିଜର ଅସ୍ତିତ୍ୱ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବଜାୟ ରଖିପାରେ। ଆମ ଦେଶରେ ୩୦ବର୍ଷରୁ କମ୍ ବୟସବର୍ଗର ଯୁବକଯୁବତୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ। ସ୍ୱାଧୀନତାର ବହୁ ଦଶନ୍ଧି ବିତିଯାଇଛି। ନିଯୁକ୍ତି ମେଳା ଜାରି ରହିଛି। ବେକାରି ଦୂରୀକରଣ ପାଇଁ ବହୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି। କିନ୍ତୁ ଏହି ସମସ୍ୟା ବଡ଼ କଠୋର ତଥା ଅସମାହିତ ହୋଇରହିଛି। ସର୍ବଦା ଆହ୍ୱାନ ପାଲଟିଛି। ଦେଖିବାକୁ ଗଲେ ସମୟ ସ୍ରୋତରେ ଜୀବନଯାପନ ଏବେ ବ୍ୟୟବହୁଳ ହୋଇପଡ଼ିଛି। ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟିଛି। ବେରୋଜଗାରି ବଢ଼ି ଚାଲିଛି। ସବୁଠୁ ଉଦ୍‌ବେଗର ବିଷୟ ବେକାର ଯୁବକଯୁବତୀଙ୍କ ଭବିଷ୍ୟତ କ୍ରମେ ଅନିଶ୍ଚିତ ରହୁଥିବା ହେତୁ ଅଧିକ ଭାବରେ ଏହି ବର୍ଗ ହତାଶାରେ ଜର୍ଜରିତ। ମୋଟ ଉପରେ ଯୁବବର୍ଗଙ୍କ ଅବଦମିତ ଅବା ଚାପଗ୍ରସ୍ତ ମାନସିକତା ମଧ୍ୟରୁ ସିଜେପିର ଜନ୍ମ ବୋଲି ସମାଲୋଚକମାନେ ମତ ରଖନ୍ତି।

ଏକଥା ସତ ଯେ ଏହି ବର୍ଗରେ ଥିବା ଜେନ୍-ଜେଡ୍‌ମାନେ ଗତାନୁଗତିକ ରାଜନୈତିକ ଚିନ୍ତାଧାରା ପ୍ରତି ବୀତସ୍ପୃହ। ସେମାନେ ନିଜେ ଯାହା ବୁଝନ୍ତି ବା ଯେଉଁପରି ଢଙ୍ଗରେ ବର୍ତ୍ତମାନର ସମୟକୁ ଲକ୍ଷ୍ୟ କରନ୍ତି, ସେପରି ଭାବରେ ଏହି ନୂତନ ମଞ୍ଚକୁ ମନେକରନ୍ତି। ସେଥିଲାଗି ଏହାକୁ ଆଳସ୍ୟ ଓ ବେକାରିର ସ୍ୱର ଭାବେ ଅଭିହିତ କରିଛନ୍ତି। ସ୍ମରଣ କରାଯାଇପାରେ ଯେ ଦକ୍ଷିଣ-ଏସିଆରେ ଏହି ଜେନ୍-ଜେଡ୍‌ମାନେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଭଳି ଦେଶରେ କ୍ଷମତାସୀନ ସରକାରଙ୍କୁ ହଟାଇବାରେ ସଫଳ ହେଲେ। ଯଦିଓ ସିଜେପିର ଅନ୍‌ଲାଇନ ଆକର୍ଷଣ ବଢ଼ୁଛି, ମାତ୍ର ସ୍ୱର ଏହାର କେନ୍ଦ୍ରୀଭୂତ ଏପରି ଦାବି କରାଯାଇପାରିବନାହିଁ। କିନ୍ତୁ ଇଣ୍ଟରନେଟ ସଂସ୍କୃତି ପ୍ରତି ସମ୍ବେଦନତା ସିଜେପି ୱେବସାଇଟ୍ ପରିପ୍ରକାଶିତ କରେ। ତୂଣୀରରୁ ଖସିଥିବା ଶର କି ତୁଣ୍ଡରୁ ଖସିଥିବା ଶବ୍ଦ ଫେରିପାରେନାହିଁ। ସୁତରାଂ ଏକ କଟାକ୍ଷ ଆଧାରିତ ଶବ୍ଦର ସ୍ପନ୍ଦନ କେତେ ଶକ୍ତିଶାଳୀ ହୋଇପାରେ, ସିଜେପି ତାହାର ସଦ୍ୟ ଦୃଷ୍ଟାନ୍ତ। କେଉଁଠି ନା କେଉଁଠି ବ୍ୟବସ୍ଥାଗତ ବିଫଳତା ପ୍ରତି ଏହା ଚାଲେଞ୍ଜ ହିଁ କରିଛି।

# ଶ୍ରମିକଙ୍କ ଜୀବନକୁ ପ୍ରାଥମିକତା

### ଅଜିତ କୁମାର ପ୍ରଧାନ

ଆଜିର ଏହି ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ମଣିଷ ଜୀବନ ପ୍ରାୟ ଅତିଷ୍ଠ ହୋଇପଡ଼ିଛି। ସକାଳୁ ସୂର୍ଯ୍ୟଙ୍କ ତୀବ୍ର କିରଣ ଓ ଦିନବଢ଼ିବା ସହିତ ଅସହ୍ୟ ତାପମାତ୍ରା ସାଧାରଣ ଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି। ଏହି ପ୍ରଚଣ୍ଡ ଖରା ଓ ତାପଦାହ ମଧ୍ୟରେ ସବୁଠାରୁ ଅଧିକ କଷ୍ଟ ସହୁଛନ୍ତି ଶ୍ରମିକ ବର୍ଗ। କାରଖାନା, କଳକାରଖାନା, ନିର୍ମାଣ କାମ, ରାସ୍ତା ତିଆରି, ଗୋଦାମ, ଖଣି ଅଞ୍ଚଳ ଓ ବିଭିନ୍ନ ବେସରକାରୀ-ସରକାରୀ ପ୍ରତିଷ୍ଠାନରେ ଦିନଭରି ଝାଳ ସୂର୍ଯ୍ୟ ତଳେ କାମ କରୁଥିବା ଏହି ଶ୍ରମିକମାନେ। ସମାଜ ଓ ଦେଶର ଅର୍ଥନୀତିକୁ ସେମାନେ ସଚଳ ରଖୁଛନ୍ତି। କିନ୍ତୁ ଦୁଃଖର ବିଷୟ, ତାଙ୍କ ସ୍ୱାସ୍ଥ୍ୟ ଓ ଜୀବନ ସୁରକ୍ଷା ପ୍ରତି ଅନେକ ସ୍ଥାନରେ ଅବହେଳା ଦେଖାଯାଉଛି।

ଚଳିତ ସପ୍ତାହରେ ରାଜ୍ୟର ଅନେକ ଅଞ୍ଚଳରେ ତାପମାତ୍ରା ଅସାମାନ୍ୟ ଭାବେ ବଢ଼ିଯାଇଛି। ରାସ୍ତାରେ ଚାଲିବା ମୁସ୍କିଲ ହୋଇପଡୁଥିବା ବେଳେ ଶ୍ରମିକମାନେ ଘଣ୍ଟା ଘଣ୍ଟା ଧରି ଖୋଲା ଆକାଶ ତଳେ କାମ କରିବାକୁ ବାଧ ହେଉଛନ୍ତି। ଅନେକ ସମୟରେ ପାଣିର ଅଭାବ, ବିଶ୍ରାମର ଅଭାବ ଓ ପୋଷକ ତତ୍ତ୍ୱ ନ ଥିବାରୁ ସେମାନେ ହିଟ୍‌ଷ୍ଟ୍ରୋକ, ଡିହାଇଡ୍ରେସନ ଓ ଅନ୍ୟାନ୍ୟ ଗୁରୁତର ସମସ୍ୟାରେ ପଡୁଛନ୍ତି। କେତେକ ସ୍ଥାନରେ ଶ୍ରମିକ ଅସୁସ୍ଥ ହୋଇ ପଡୁଥିବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି।

ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ମାନବିକତା ପ୍ରତି ଆମ ସମାଜର ଦାୟିତ୍ୱର ପରୀକ୍ଷା ମଧ୍ୟ ଅଟେ।ଏହି ପରିସ୍ଥିତିକୁ ଆଖିଆଗରେ ରଖି ପ୍ରତ୍ୟେକ ସରକାରୀ ଓ ବେସରକାରୀ କାରଖାନା, କଳକାରଖାନା, ନିର୍ମାଣ ସଂସ୍ଥା ଏବଂ ଅନ୍ୟାନ୍ୟ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ପାଇଁ ଥଣ୍ଡା ପାଣି, ଗ୍ଲୁକୋଜ୍ ଓ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କଡାକଡି ଭାବେ କରାଇବା ଆବଶ୍ୟକ। ଏହା କୌଣସି ଦୟା ବା ଉପକାର ନୁହେଁ; ଏହା ସେମାନଙ୍କର ମୌଳିକ ଅଧିକାର। ଯେଉଁ ଶ୍ରମିକମାନେ ଦେଶର ଉନ୍ନତିର ଭିତ୍ତି ସୃଷ୍ଟି କରୁଛନ୍ତି, ସେମାନଙ୍କୁ ସାଧାରଣ ପାଣି ଓ ଶରୀରକୁ ଶକ୍ତି ଦେବା ପାଇଁ ଗ୍ଲୁକୋଜ୍ ଯୋଗାଇବାରେ କାର୍ପଣ୍ୟ କରିବା ଲଜ୍ଜାଜନକ। କେବଳ ପାଣି ବା ଗ୍ଲୁକୋଜ୍ ଦେଇଦେଲେ ଦାୟିତ୍ୱ ସରିଯିବ ନାହିଁ। କାର୍ଯ୍ୟସ୍ଥଳରେ ଛାୟାଯୁକ୍ତ ବିଶ୍ରାମ ସ୍ଥାନ, ମଧ୍ୟାହ୍ନ ସମୟରେ କାମର ଅବଧି କମେଇବା, ଆବଶ୍ୟକ ହେଲେ କାର୍ଯ୍ୟ ସମୟରେ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରିବା ମଧ୍ୟ ଆବଶ୍ୟକ। ଶ୍ରମିକଙ୍କୁ ଯଦି ମଣିଷ ଭାବରେ ସମ୍ମାନ ଦିଆଯିବ ନାହିଁ, ତେବେ ଉନ୍ନତିର ବଡ଼ ବଡ଼ ଦାବି ନିର୍ଥକ ପ୍ରମାଣିତ ହେବ।

କିଛି ଶ୍ରମିକ କହନ୍ତି, ଗରମରେ ଶରୀର ଖରାପ ହେଲେ ମଧ କାମ ବନ୍ଦ କଲେ ମାଲିକଙ୍କ ଗାଳି ଶୁଣିବାକୁ ପଡ଼େ କିମ୍ବା ମଜୁରି କଟାଯାଏ। ଏହି ଭୟରେ ଅନେକେ ଅସୁସ୍ଥ ହେବା ସତ୍ତ୍ୱେ ଚୁପଚାପ କାମ କରିଚାଲନ୍ତି। ଏହା ଏକ ଅମାନବିକ ଚିତ୍ର। ଯେଉଁ ଶ୍ରମିକଙ୍କ ହାତରେ ଆମ ସହର ଗଢ଼ିଉଠୁଛି, ଯେଉଁମାନଙ୍କ ଝାଳରେ କାରଖାନା ଚାଲୁଛି, ସେମାନଙ୍କ ପ୍ରତି ଏପରି ଅବହେଳା ଏକ ସଭ୍ୟ ସମାଜ ପାଇଁ ଲଜ୍ଜାର ବିଷୟ। ସରକାରଙ୍କ ମଧ ଏଥିପାଇଁ କଡା ନଜରଦାରି ରହିବା ଉଚିତ। ଶ୍ରମ ଆଇନର ଉଲ୍ଲଂଘନ କରୁଥିବା ସଂସ୍ଥାମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। କେବଳ ନିର୍ଦ୍ଦେଶ ଜାରି କରିଦେବା ପର୍ଯ୍ୟାପ୍ତ ନୁହେଁ; ତାହାର ବାସ୍ତବରେ କାର୍ଯ୍ୟକାରୀ ହେଉଛି କି ନାହିଁ, ସେଥିରେ ସରକାରୀ ପ୍ରଶାସନକୁ ସଚେତନ ରହିବା ଦରକାର। ସମାଜର ସମସ୍ତ ସଚେତନ ନାଗରିକ ମଧ ଏଥିପାଇଁ ସ୍ୱର ଉଠାଇବା ଉଚିତ।

ଶ୍ରମିକମାନେ କେବଳ କାରଖାନାର ଯନ୍ତ୍ର ନୁହନ୍ତି; ସେମାନେ ମଧ ଜୀବନ, ପରିବାର ଓ ସ୍ୱପ୍ନ ନେଇ ବଞ୍ଚୁଥିବା ମଣିଷ। ସେମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା କରିବା ହେଉଛି ଏକ ସଭ୍ୟ ସମାଜର ପରିଚୟ। ଏହି ତୀବ୍ର ଗ୍ରୀଷ୍ମରେ ମଣିଷପଣିଆ ଦେଖାଇ ଶ୍ରମିକଙ୍କ ଜୀବନକୁ ପ୍ରାଥମିକତା ଦିଆଯାଉ ଏହାହିଁ ସମୟର ଦାବି।

ନୀଳଗିରି, ବାଲେଶ୍ୱର
ମୋ- ୯୭୭୮୧୪୫୪୧

# ଭାରତୀୟ ରାଜନୀତିରେ 'ଅସରପା'ର ଏଣ୍ଟ୍ରି

### ଅଖିଳ ତରାଇ

> " ଗଣତନ୍ତ୍ରରେ ଏଭଳି ଦ୍ରୁତଗାମୀ ଡିଜିଟାଲ୍ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନିକ ଏବଂ ଆଇନଗତ ସ୍ତରରେ ଚେଷ୍ଟା କରାଯାଉଥିବା ମଧ୍ୟ ପରିଲକ୍ଷିତ ହେଉଛି। ସିଜେପିର ସକ୍ରିୟ 'ଏକ୍ସ' (ଟୁଇଟର) ଆକାଉଣ୍ଟକୁ, ଯାହାର ପ୍ରାୟ ଦୁଇ ଲକ୍ଷରୁ ଅଧିକ ଫଲୋଅର୍ସ ଥିଲେ, ତାହାକୁ ଭାରତରେ ଏକ ଜରୁରୀ ଆଇନଗତ ଦାବି ଦର୍ଶାଇ ପ୍ରଶାସନ ପକ୍ଷରୁ ବନ୍ଦ ବା ସ୍ଥଗିତ ରଖାଯାଇଛି। ଭାରତୀୟ ଉପଭୋକ୍ତାମାନେ ସେହି ପେଜ୍‌କୁ ଖୋଲିବା ବେଳକୁ ତାହା ଉପଲବ୍ଧ ନ ଥିବା ଦେଖାଯାଉଛି। ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ଏହି ବ୍ୟଙ୍ଗାତ୍ମକ ଆନ୍ଦୋଳନ ଶାସକ ଗୋଷ୍ଠୀ ଏବଂ ଶକ୍ତିଶାଳୀ ବ୍ୟବସ୍ଥା ପାଇଁ କେତେଦୂର ଅସହଜ ପରିସ୍ଥିତି ସୃଷ୍ଟି କରିଛି।

ବର୍ତ୍ତମାନ ସମୟରେ ଭାରତୀୟ ରାଜନୈତିକ ମଇଦାନରେ ଏକ ଅଭାବନୀୟ ତଥା ଆଶ୍ଚର୍ଯ୍ୟଜନକ ଘଟଣାକ୍ରମ ଦେଖିବାକୁ ମିଳିଛି, ଯାହା ଗଣତନ୍ତ୍ରରେ ଜନଅସନ୍ତୋଷ ଏବଂ ସାମାଜିକ ଗଣମାଧ୍ୟମର ଅପରିସୀମ ଶକ୍ତିକୁ ଏକ ସମ୍ପୂର୍ଣ୍ଣ ନୂଆ ରୂପ ଦେଇଛି। ସାଧାରଣତଃ ଯେଉଁ ଜୀବକୁ ସମସ୍ତେ ଘୃଣା କରନ୍ତି, ଯାହାକୁ ଅପରିଷ୍କାରତାର ପ୍ରତୀକ ବୋଲି ଧରାଯାଏ ଏବଂ ଯିଏ ନିଜର ଅଦମ୍ୟ ଜୀବନଶକ୍ତି ତଥା ପ୍ରତିକୂଳ ପରିସ୍ଥିତିରେ ବଞ୍ଚି ରହିବାର କ୍ଷମତା ପାଇଁ ଜଣାଶୁଣା— ସେହି 'ଅସରପା' ବା କକରୋଚ୍ ଏବେ ଦେଶର ସବୁଠାରୁ ବଡ଼ ରାଜନୈତିକ ମସ୍କଟ୍ ବା ପ୍ରତୀକ ସାଜିଛି। ମାତ୍ର କେଇଟା ଦିନ ଭିତରେ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ଆନ୍ଦୋଳନ ଭାବେ ଆରମ୍ଭ ହୋଇଥିବା 'କକରୋଚ୍ ଜନତା ପାର୍ଟି' (ସିଜେପି) କୋଟି କୋଟି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦେଶର ବଡ଼ ବଡ଼ ଅଭିଜ୍ଞ ରାଜନେତାମାନଙ୍କୁ ଚିନ୍ତା କରିବାକୁ ବାଧ କରିଛି। ଏହି ଆନ୍ଦୋଳନ କେବଳ ଏକ ତାତ୍କାଳିକ ହାସ୍ୟରସାତ୍ମକ ପ୍ରୟାସ ନୁହେଁ ବରଂ ଏହା ଭାରତର ସାମ୍ପ୍ରତିକ ସାମାଜିକ-ଅର୍ଥନୈତିକ ସ୍ଥିତି, ବେକାରି ସମସ୍ୟା ଏବଂ ସର୍ବୋପରି ଆଧୁନିକ ଯୁବପିଢ଼ିର ମନସ୍ତତ୍ତ୍ୱକୁ ଗଭୀର ଭାବେ ପ୍ରତିଫଳିତ କରୁଛି। ଗଣତନ୍ତ୍ରରେ ଯେତେବେଳେ ସାଧାରଣ ଜନତାଙ୍କ ସ୍ୱରକୁ ଚାପି ଦେବାକୁ ଚେଷ୍ଟା କରାଯାଏ, ସେତେବେଳେ ପ୍ରତିବାଦ କେଉଁ ଭିନ୍ନ ରୂପରେ ଆତ୍ମପ୍ରକାଶ କରିପାରେ, ଏହା ତାର ଏକ ଜ୍ୱଳନ୍ତ ଉଦାହରଣ।

ଏହି ସମଗ୍ର ବିବାଦ ଏବଂ ଅପ୍ରତ୍ୟାଶିତ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ସର୍ବୋଚ୍ଚ ଅଦାଲତର ସମ୍ମାନିତ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଏକ ଆପାତତଃ ବିବାଦୀୟ ମନ୍ତବ୍ୟରୁ। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ସମୟରେ ସେ ଦେଶର ବେକାର ଯୁବପିଢ଼ି ସାମ୍ବାଦିକତା ଏବଂ ସାମାଜିକ ଆନ୍ଦୋଳନ ଆଡ଼କୁ ଆକର୍ଷିତ ହେବାକୁ ଅସରପା ଏବଂ ପରଜୀବୀ ସହ ତୁଳନା କରିଥିବା ଅଭିଯୋଗ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ସେ ନିଜର ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ଉଦ୍ଦେଶ୍ୟ ଦେଶର ସାଧାରଣ ଯୁବପିଢ଼ିଙ୍କୁ ଆକ୍ଷେପ କରିବା ନ ଥିଲା ବରଂ ଜାଲ୍ ଏବଂ ନକଲି ଡିଗ୍ରୀଧାରୀ ବ୍ୟକ୍ତିବିଶେଷଙ୍କ ପ୍ରତି ଥିଲା କିନ୍ତୁ ସେତେବେଳକୁ ସୋସିଆଲ ମିଡିଆର ଡିଜିଟାଲ୍ ଦୁନିଆରେ ନିଆଁ ଲାଗି ସାରିଥିଲା। ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଶବ୍ଦର ଗତି ତୀବ୍ର ହୋଇଥାଏ ଏବଂ ଏହି କ୍ଷେତ୍ରରେ ମଧ୍ୟ ସେୟା ହେଲା। ତୀବ୍ର ପ୍ରତିକ୍ରିୟା, କ୍ରୋଧ ଏବଂ ବ୍ୟଙ୍ଗର ଏକ ମିଶ୍ରିତ ପରିବେଶ ଭିତରୁ ଜନ୍ମ ନେଇଥିଲା 'କକରୋଚ୍ ଜନତା ପାର୍ଟି'।

ସିଜେପି କୌଣସି ପଞ୍ଜୀକୃତ, ପାରମ୍ପରିକ ବା ଆନୁଷ୍ଠାନିକ ରାଜନୈତିକ ଦଳ ନୁହେଁ, ବରଂ ଏହା ରାଜନୈତିକ ବ୍ୟଙ୍ଗ ଏବଂ ରସବୋଧ ଉପରେ ଆଧାରିତ ଏକ ଅଭିନବ ଗଣତାନ୍ତ୍ରିକ ପ୍ରତିବାଦ। ଏହାର ସଦସ୍ୟତା ପାଇଁ ଯେଉଁ ସର୍ତ୍ତ ବା ଯୋଗ୍ୟତା ରଖାଯାଇଛି, ତାହା ଶୁଣିଲେ ପ୍ରଥମେ ହସ ଲାଗିପାରେ, କିନ୍ତୁ ତାହା ପଛରେ ଦେଶର ବ୍ୟବସ୍ଥା ପ୍ରତି ଏକ ଗଭୀର ଆହ୍ୱାନ ଏବଂ କ୍ଷୋଭ ଲୁଚି ରହିଛି। ସେହି ସଦସ୍ୟତା ସର୍ତ୍ତଗୁଡ଼ିକ ମଧ୍ୟରେ ରହିଛି— ବେକାରିର ଶିକାର ହୋଇଥିବା, ଅଳସୁଆ ପ୍ରବୃତ୍ତିର ହୋଇଥିବା, ଅହୋରାତ୍ର ଅନଲାଇନରେ ସକ୍ରିୟ ରହୁଥିବା ଏବଂ 'ପେସାଦାର ଭାବେ ନିଜର କ୍ରୋଧ ବା ଅସନ୍ତୋଷ ପ୍ରକାଶ କରିବାର ଅସାଧାରଣ କ୍ଷମତା' ରଖିଥିବା। ଆମେରିକାର ପ୍ରତିଷ୍ଠିତ ବୋଷ୍ଟନ ବିଶ୍ୱବିଦ୍ୟାଳୟର ସ୍ନାତକ ତଥା ପୂର୍ବରୁ ଭାରତରେ ଆମ ଆଦମୀ ପାର୍ଟି (ଆପ୍) ସହ ସୋସିଆଲ ମିଡିଆ ରଣନୀତିକାର ଭାବେ ସଫଳତାର ସହ କାର୍ଯ୍ୟ କରିଥିବା ଅଭିଜିତ ଦୀପକେଙ୍କ ମସ୍ତିଷ୍କରୁ ଏହି ଚିନ୍ତାଧାରା ଏକ ସାଧାରଣ କୌତୁକ ଭାବେ ବାହାରିଥିଲା। ଆପ୍ ଦଳ ନିଜେ ଏକ ବଡ଼ ଦୁର୍ନୀତି ବିରୋଧୀ ଜନ ଆନ୍ଦୋଳନରୁ ଜନ୍ମ ନେଇଥିବା ବେଳେ ଏବଂ ଡିଜିଟାଲ୍ ମିଡିଆ ପରିଚାଳନାରେ ମାହିର ହୋଇଥିବା ବେଳେ, ଅଭିଜିତ ସେହି ପୁରୁଣା ଅନୁଭୂତିକୁ ବ୍ୟବହାର କରି ଆଧୁନିକ ଡିଜିଟାଲ୍ ସ୍ପେସରେ ଏକ ନୂଆ ପ୍ରକାରର ଭର୍ଚୁଆଲ ବିପ୍ଳବ ଆରମ୍ଭ କରିଦେଲେ।

ମାତ୍ର କିଛି ଦିନ ମଧ୍ୟରେ ଏହି



'କକରୋଚ୍ ଜନତା ପାର୍ଟି' ଗୁଗୁଲ୍ ଫର୍ମ ଜରିଆରେ ଲକ୍ଷ ଲକ୍ଷ ସଦସ୍ୟଙ୍କୁ ନିଜ ସହ ଯୋଡ଼ିବାରେ ସଫଳ ହୋଇଛି। ସୋସିଆଲ ମିଡିଆରେ (ମୁଁ ମଧ୍ୟ ଅସରପା) ହାସଟ୍ୟାଗ୍ ଅତି ଦ୍ରୁତ ଗତିରେ ଟ୍ରେଣ୍ଡ୍ କରିବା ସହିତ ବିରୋଧୀ ଦଳର ବଡ଼ ବଡ଼ ରାଷ୍ଟ୍ରୀୟ ନେତାମାନେ ଏହାକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମର୍ଥନ କରିବା ଆରମ୍ଭ କରିଛନ୍ତି। ସମାଜବାଦୀ ପାର୍ଟିର ମୁଖ୍ୟ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ "BJP v CJP" ଲେଖି ଏହି ଆନ୍ଦୋଳନକୁ ଏକ ନୂଆ ରାଜନୈତିକ ମୋଡ଼ ଦେଇଛନ୍ତି, ଯାହା ଏହାର ଗୁରୁତ୍ୱକୁ ଦ୍ୱିଗୁଣିତ କରିଦେଇଛି। କେବଳ ଡିଜିଟାଲ୍ ଦୁନିଆର ଚାରି କାନ୍ଥ ଭିତରେ ସୀମିତ ନ ରହି ଏହି ଆନ୍ଦୋଳନ ଏବେ ବାସ୍ତବ ଦୁନିଆକୁ ବା ରାଜପଥକୁ ମଧ୍ୟ ଓହ୍ଲାଇଛି। ଦେଶର ବିଭିନ୍ନ ପ୍ରମୁଖ ସହରରେ ଯୁବ ସ୍ୱେଚ୍ଛାସେବୀମାନେ ଅସରପା ପୋଷାକ କିମ୍ବା ମୁଖା ପିନ୍ଧି ସହର ସଫେଇ ଅଭିଯାନ, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଶାନ୍ତିପୂର୍ଣ୍ଣ ନାଟକୀୟ ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ଏହି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରତିବାଦ ଶାସକ ଦଳକୁ ଏକ ବଡ଼ ଅଡୁଆରେ ପକାଇଛି। ଏହାର ସବୁଠାରୁ ବଡ଼ ପ୍ରମାଣ ସ୍ୱରୂପ, ସିଜେପିର ଇନଷ୍ଟାଗ୍ରାମ ଆକାଉଣ୍ଟର ଫଲୋଅର୍ସ ସଂଖ୍ୟା ମାତ୍ର ଏକ ସପ୍ତାହ ମଧ୍ୟରେ ୧୫ ମିଲିୟନ ବା ଦେଢ଼ କୋଟି ଟପିଯାଇଛି, ଯାହା ବିଶ୍ୱର ଅନ୍ୟ ପ୍ରମୁଖ ରାଜନୈତିକ ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟ ଠାରୁ ଯଥେଷ୍ଟ ଅଧିକ।

ତେବେ ଗଣତନ୍ତ୍ରରେ ଏଭଳି ଦ୍ରୁତଗାମୀ ଡିଜିଟାଲ୍ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନିକ ଏବଂ ଆଇନଗତ ସ୍ତରରେ ଚେଷ୍ଟା କରାଯାଉଥିବା ମଧ୍ୟ ପରିଲକ୍ଷିତ ହେଉଛି। ସିଜେପିର ସକ୍ରିୟ 'ଏକ୍ସ' (ଟୁଇଟର) ଆକାଉଣ୍ଟକୁ, ଯାହାର ପ୍ରାୟ ଦୁଇ ଲକ୍ଷରୁ ଅଧିକ ଫଲୋଅର୍ସ ଥିଲେ, ତାହାକୁ ଭାରତରେ ଏକ ଜରୁରୀ ଆଇନଗତ ଦାବି ଦର୍ଶାଇ ପ୍ରଶାସନ ପକ୍ଷରୁ ବନ୍ଦ ବା ସ୍ଥଗିତ ରଖାଯାଇଛି। ଭାରତୀୟ ଉପଭୋକ୍ତାମାନେ ସେହି ପେଜ୍‌କୁ ଖୋଲିବା ବେଳକୁ ତାହା ଉପଲବ୍ଧ ନ ଥିବା ଦେଖାଯାଉଛି। ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ଏହି ବ୍ୟଙ୍ଗାତ୍ମକ ଆନ୍ଦୋଳନ ଶାସକ ଗୋଷ୍ଠୀ ଏବଂ ଶକ୍ତିଶାଳୀ ବ୍ୟବସ୍ଥା ପାଇଁ କେତେଦୂର ଅସହଜ ପରିସ୍ଥିତି ସୃଷ୍ଟି କରିଛି। କିନ୍ତୁ ବାସ୍ତବିକ ପ୍ରଶ୍ନ ହେଉଛି, ଏହି ଅଭୂତପୂର୍ବ ଅନଲାଇନ୍ ସାଫଲ୍ୟ କ'ଣ ଭାରତୀୟ ଭୂମିରେ କୌଣସି ବଡ଼ ବାସ୍ତବ ରାଜନୈତିକ ପରିବର୍ତ୍ତନ ଆଣିପାରିବ? ଭାରତ ଭଳି ଏକ ବହୁମୁଖୀ ଏବଂ ବିଶାଳ ଦେଶରେ, ଯେଉଁଠାରେ ବିଜେପି ଏବଂ କଂଗ୍ରେସ ଭଳି ପାରମ୍ପରିକ ରାଷ୍ଟ୍ରୀୟ ଦଳଗୁଡ଼ିକର କୋଟି କୋଟି ସକ୍ରିୟ କର୍ମୀ ତୃଣମୂଳ ସ୍ତରରେ ରାତିଦିନ କାମ କରୁଛନ୍ତି, ସେଠାରେ ଏକ ବ୍ୟଙ୍ଗାତ୍ମକ ସୋସିଆଲ ମିଡିଆ ଆନ୍ଦୋଳନ କେତେଦୂର ସଫଳ ହେବ ତାହା ପ୍ରଶ୍ନବାଚୀ। କାରଣ ଭାରତୀୟ ନିର୍ବାଚନରେ ଜାତି, ସମୀକରଣ, ଆଞ୍ଚଳିକ ମୁଦ୍ଦା ଏବଂ ପ୍ରତ୍ୟକ୍ଷ ଜନସମ୍ପର୍କ ହିଁ ଶେଷରେ ସଫଳତାର ଚାବିକାଠି ହୋଇଥାଏ, ଯାହା କୌଣସି ଆପ୍ ଜରିଆରେ ସମ୍ଭବ ନୁହେଁ।

କିନ୍ତୁ ଏହି ଆନ୍ଦୋଳନକୁ କେବଳ ନିର୍ବାଚନୀ ପରିଣାମ ଆଧାରରେ ମାପିବା ଉଚିତ ହେବନାହିଁ। ଏହାର ବ୍ୟାପକତା ଏବଂ ଗୁରୁତ୍ୱ ଅଲଗା। କକରୋଚ୍ ଜନତା ପାର୍ଟିର ଏଭଳି ଆକସ୍ମିକ ଅଭ୍ୟୁଦୟ ଭାରତର ସମସ୍ତ ରାଜନୈତିକ ଶାସକ, ନେତୃବୃନ୍ଦ ଏବଂ ବିଚାର ବିଭାଗ ପାଇଁ ଏକ ବଡ଼ ଚେତାବନୀ ଓ ଶିକ୍ଷା। ଯେତେବେଳେ ଦେଶର କୋଟି କୋଟି ଶିକ୍ଷିତ ଯୁବପିଢ଼ି ବେକାରୀ, ଦୁର୍ନୀତି ଏବଂ ନିଜର ଅନିଶ୍ଚିତ ଭବିଷ୍ୟତକୁ ନେଇ ସଂଘର୍ଷ କରୁଥାଆନ୍ତି, ସେତେବେଳେ ସେମାନଙ୍କ ସମସ୍ୟାକୁ ସମ୍ବେଦନଶୀଳତାର ସହ ବୁଝିବା ଏବଂ ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ 'ପରଜୀବୀ' ବା 'ଅସରପା' ଭଳି ନିନ୍ଦନୀୟ ଶବ୍ଦରେ ସମ୍ବୋଧିତ କରିବା ଗଣତାନ୍ତ୍ରିକ ମୂଲ୍ୟବୋଧର ସମ୍ପୂର୍ଣ୍ଣ ପରିପନ୍ଥୀ। ଭାରତର ଯୁବ ସମାଜ ଏହି ଅପମାନକୁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ବ୍ୟବହାର କରି ନିଜର ଅସ୍ତିତ୍ୱ, ସ୍ୱାଭିମାନ ଏବଂ ଅଦମ୍ୟ ଜୀବନଶକ୍ତିର ପ୍ରମାଣ ଦେଇଛନ୍ତି। ସେମାନେ ନିଜକୁ ଠିକ୍ ଏକ ପ୍ରକୃତ ଅସରପା ଭଳି ଉପସ୍ଥାପିତ କରିଛନ୍ତି, ଯାହାକୁ ଯେତେ ଚାପି ଦେବାକୁ ଚେଷ୍ଟା କଲେ ମଧ୍ୟ ସହଜରେ ବିନାଶ କରାଯାଇପାରେନା ଏବଂ ଯିଏ ସବୁ ପରିସ୍ଥିତିରେ ନିଜକୁ ବଞ୍ଚାଇ ରଖିବାର କ୍ଷମତା ରଖେ।

ଏହି ଅଭିନବ ଆନ୍ଦୋଳନ ଭବିଷ୍ୟତରେ କେଉଁ ସାଂଗଠନିକ ରୂପ ନେବ କିମ୍ବା ଏହା କାଳକ୍ରମେ ମଳିନ ପଡ଼ିଯିବ, ତାହା କେବଳ ସମୟ ହିଁ କହିବ। କିନ୍ତୁ ଏହା ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରମାଣ କରିଦେଇଛି ଯେ ଆଧୁନିକ ଗଣତନ୍ତ୍ରରେ ଜନତାଙ୍କ ସ୍ୱରକୁ କୌଣସି ଆଇନ ବା ପ୍ରଶାସନିକ କଟକଣା ଦ୍ୱାରା ଚିରଦିନ ପାଇଁ ଚୁପ୍ କରାଯାଇପାରିବ ନାହିଁ। ବ୍ୟଙ୍ଗ, ପାରୋଡି ଏବଂ ସାମାଜିକ ରସବୋଧ ମାଧ୍ୟମରେ ମଧ୍ୟ ଏକ ଅତି ଶକ୍ତିଶାଳୀ, ବ୍ୟାପକ ଏବଂ ଶାନ୍ତିପୂର୍ଣ୍ଣ ବୈପ୍ଳବିକ ଜନ ଆନ୍ଦୋଳନ ସୃଷ୍ଟି କରାଯାଇପାରେ, ଯାହା ଶାସନ ଗାଦିରେ ବସିଥିବା ଶକ୍ତିଶାଳୀ ଶାସକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିବାକୁ ସକ୍ଷମ ହୁଏ। ଏହି 'ଅସରପା' ବିପ୍ଳବ ଭାରତୀୟ ଡିଜିଟାଲ୍ ରାଜନୀତିର ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ସର୍ବଦା ଲିପିବଦ୍ଧ ହୋଇ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ।

ଗଞ୍ଜାମ, ମୋ: ୭୬୮୭୦୦୧୦୦୧

# ଉତ୍ତାପରେ ଜଳୁଛି ପୃଥିବୀ

### ଡକ୍ଟର ଲକ୍ଷ୍ମଣ ସାହୁ

> " ଠିକ୍ ଯେପରି ଭାରତର ଉତ୍ତର ଅଞ୍ଚଳଗୁଡ଼ିକ, ବିଶେଷକରି ବୁନ୍ଦେଲଖଣ୍ଡ ଭଳି ଅଞ୍ଚଳଗୁଡ଼ିକରେ ପ୍ରଚଣ୍ଡ ଗରମ ଅନୁଭବ କରନ୍ତି । ଏହାର ପ୍ରଭାବ ସିଧାସଳଖ ଫସଲ, ପାଣି ଓ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିବ । ଏହା ବହୁତ ସମ୍ଭବ ଯେ କିଛି ବର୍ଷ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ରେଳ ଯୋଗେ ବୁନ୍ଦେଲଖଣ୍ଡକୁ ପାଣି ପଠାଇବାକୁ ପଡିଥିଲା । ଯଦି ସମାଜ ଓ ବ୍ୟବସ୍ଥା ଏବେ ସତର୍କ ନ ହୁଏ, ତେବେ ଏହି ବର୍ଷ ସମାନ ପରିସ୍ଥିତି ସୃଷ୍ଟି ହୋଇପାରେ । ଗରମ ଯେତେ ତୀବ୍ର ହେବ, ଏହା କେବଳ ମାନବ ଜୀବନକୁ ନୁହେଁ ବରଂ ଦେଶର ଅର୍ଥନୀତିକୁ ମଧ୍ୟ ସେତେ ପ୍ରଭାବିତ କରିବ।

ଗତ ୨୦୨୬ ଏପ୍ରିଲ୍ ୨୦ରେ ବିଶ୍ୱର ୨୦ ଟି ଗରମ ସ୍ଥାନ ମଧ୍ୟରୁ ୧୯ ଟି ଭାରତରେ ରେକର୍ଡ କରାଯାଇଥିଲା । ଯେଉଁଠାରେ ତାପମାତ୍ରା ୪୪ ରୁ ୪୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ଥିଲା । ଏହା ଆଉ ଏବେ କେବଳ ଏକ ଋତୁକାଳୀନ ସାଧାରଣ ଘଟଣା ନୁହେଁ । ଏହା ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ ମେ ଓ ଜୁନ୍ ମାସରେ ଯେଉଁ ଗରମ ସର୍ବାଧିକ ଥିଲା, ତାହା ଏବେ ଏପ୍ରିଲରେ ପହଞ୍ଚିବାରେ ଲାଗିଛି । ମନରେ ପ୍ରଶ୍ନ ଉଠୁଛି ଏହି ଅସାଧାରଣ ପରିସ୍ଥିତି କେବଳ ଏକ ପ୍ରାକୃତିକ ଚକ୍ରର ଫଳାଫଳ, ନା ମାନବ-ସୃଷ୍ଟ ଯୁଦ୍ଧ କାରଣଗୁଡ଼ିକ ନେଇ । ବିଶେଷକରି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସଂଘର୍ଷ ପାଇଁ ? ଏଥିରେ କିଏ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରୁଛି ତାହା ବିଚାର୍ଯ୍ୟ ।

ପ୍ରଥମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଗତ କିଛି ଦଶନ୍ଧି ଧରି ପୃଥିବୀର ହାରାହାରି ତାପମାତ୍ରା ନିରନ୍ତର ବୃଦ୍ଧି ପାଇଛି । ବୈଜ୍ଞାନିକଙ୍କ ମତରେ ଶିଳ୍ପ ବିପ୍ଳବ ପରେ କାର୍ବନ ନିର୍ଗମନରେ ଦ୍ରୁତ ବୃଦ୍ଧି ବାୟୁମଣ୍ଡଳରେ ସବୁଜ ଗୃହ ଗ୍ୟାସର ସ୍ତରକୁ ବୃଦ୍ଧି କରିଛି । ଗବେଷଣାରୁ ଜଣାପଡିଛି ଯେ ପୃଥିବୀରେ ମଣିଷ ଅସ୍ତିତ୍ୱ ସମୟରେ ବାୟୁମଣ୍ଡଳରେ କାର୍ବନ ସ୍ତର, ଯାହା ପ୍ରତି ନିୟୁତରେ ପ୍ରାୟ ୩୦୦ କଣିକା(ପିପିଏମ୍) ଥିଲା । ବର୍ତ୍ତମାନ ୪୨୯ କଣିକା ଉପରେ ଆସି ପହଞ୍ଚିଛି । ଫଳସ୍ୱରୂପ, ବାରମ୍ବାର ଗରମତରଙ୍ଗ ଅଧିକ ତୀବ୍ର, ଓ ଦୀର୍ଘ ହୋଇଛି । ଭାରତ ଭଳି ଉଷ୍ଣକଟିବନ୍ଧୀୟ ଦେଶଗୁଡ଼ିକ, ବିଶେଷକରି ଗାଙ୍ଗେୟ ସମତଳ ଅଞ୍ଚଳ, ଏହି ପରିବର୍ତ୍ତନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ।

ଆଉ ଏକ ଦିଗ ହେଉଛି ପ୍ରାକୃତିକ ଜଳବାୟୁ ଚକ୍ରର ବ୍ୟାଘାତ । ଯେତେବେଳେ ପ୍ରଶାନ୍ତ ମହାସାଗରର ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଏ, ଏହା ବିଶ୍ୱ ପାଣିପାଗ ପ୍ରଣାଳୀକୁ ପ୍ରଭାବିତ କରେ । ଭାରତରେ ଏହା ପ୍ରାୟତଃ ଦୁର୍ବଳ ମୌସୁମୀ ଓ ଦୀର୍ଘକାଳୀନ ଉତ୍ତାପ ଲହରୀ ସୃଷ୍ଟି କରେ । ଯଦି ସମଗ୍ର ବିଶ୍ୱରେ ସର୍ବାଧିକ ଗଛ କାଟିଥିବା ଦେଶଗୁଡ଼ିକର ତାଲିକା ଦେଖାଯାଏ, ତେବେ ଭାରତ ଦ୍ୱିତୀୟ ସ୍ଥାନରେ ଅଛି । ଯଦି ଏହା ଏଭଳି ଜାରି ରହେ , ତେବେ ଏହି ଜୁନ୍ ମାସରେ ଗରମ ଆହୁରି ଖରାପ ହୋଇପାରେ।

ଏବେ ବିଶ୍ୱ ସଂଘର୍ଷର ପ୍ରଶ୍ନ ଉଠୁଛି । ଯୁଦ୍ଧ ଭୂରାଜନୈତିକ ଉତ୍ତେଜନା ମଧ୍ୟ ଏହି ଗରମକୁ ଅଧିକ କରୁଛି କି ? ଯଦିଓ ଏହା ପ୍ରତ୍ୟକ୍ଷ ଭାବରେ ନୁହେଁ, କିନ୍ତୁ ପରୋକ୍ଷ ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ । ଋଷ-ୟୁକ୍ରେନ, ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧ ପରି ସଂଘର୍ଷ ଶକ୍ତି ସଙ୍କଟ ସୃଷ୍ଟି କରିଛି । ଫଳରେ ଅନେକ ଦେଶ ସ୍ୱଚ୍ଛ ଶକ୍ତି ବଦଳରେ କୋଇଲା ଓ ଅନ୍ୟାନ୍ୟ ଜୀବାଶ୍ମ ଇନ୍ଧନ ବ୍ୟବହାର କରୁଛନ୍ତି । ଏହା ବିଶ୍ୱ କାର୍ବନ ନିର୍ଗମନକୁ ବୃଦ୍ଧି କରିଛି, ଶେଷରେ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଛି ।

ଏହା ବ୍ୟତୀତ, ଯୁଦ୍ଧଗୁଡ଼ିକ ପରିବେଶଗତ ବିନାଶ, ଜଙ୍ଗଲ କ୍ଷୟ ଓ ଶିଳ୍ପ ପ୍ରଦୂଷଣରେ ମଧ୍ୟ ଅଧିକ ସମସ୍ୟା ସୃଷ୍ଟି କରେ । ତଥାପି ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସଂଘର୍ଷ ଫଳରେ ଉତ୍ତାପ ଦିନକୁ ଦିନ ଅଧିକ ମାତ୍ରାରେ ବଢ଼ିବାରେ ଲାଗିଛି । ଜଳବାୟୁ ଏକ ଜଟିଳ ବ୍ୟବସ୍ଥା, ଯେଉଁଥିରେ ସହରୀକରଣ, କୃଷି ଜମି ବିସ୍ତାର ଓ ବିକାଶ ପାଇଁ ସବୁଜ ଆବରଣ ହ୍ରାସ ଭଳି ସ୍ଥାନୀୟ କାରଣ ମଧ୍ୟ ସାମିଲ ଅଛି । ଏବେ ଏହି ସତ୍ୟରୁ ଆକଳନ କରାଯାଇପାରେ ଯେ ସାରା ବିଶ୍ୱରେ ପ୍ରତିଦିନ ୨୫,୦୦୦ ରୁ ୩୦,୦୦୦ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ଏପରିକି ୪୧ ନିୟୁତ ଗଛ କଟାଯାଇଛି ।

ପଶ୍ଚିମ ବାୟୁର ଅନୁପସ୍ଥିତି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଉତ୍ତର ଭାରତରେ ଦ୍ରୁତ ଗତିରେ ବିସ୍ତାରିତ କଂକ୍ରିଟ୍ ଜଙ୍ଗଲ 'ହିଟ୍ ଆଇଲ୍ୟାଣ୍ଡ' ପ୍ରଭାବକୁ ଆହୁରି ତୀବ୍ର କରିଥାଏ । ଯାହା ସହରଗୁଡ଼ିକରେ ତାପମାତ୍ରାକୁ ଆହୁରି ତୀବ୍ର କରିଥାଏ । ତଥାପି ଏହା ସ୍ପଷ୍ଟ ଯେ ବର୍ତ୍ତମାନର ପରିସ୍ଥିତି ଏକ ଚେତାବନୀ । ଯଦି ଏପ୍ରିଲରେ ତାପମାତ୍ରା ପୂର୍ବରୁ ୪୪ ଡିଗ୍ରୀ ଅତିକ୍ରମ କରୁଛି, ତେବେ ମେ ଓ ଜୁନରେ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି । ବୈଜ୍ଞାନିକ ପୂର୍ବାନୁମାନ ମଧ୍ୟ ସୂଚାଇଛି ଯେ ଏହି ବର୍ଷ ସାଧାରଣ ଅପେକ୍ଷା ଅଧିକ ହିଟ୍‌ୱେଭ୍ ଦିନ ଦେଖାଯାଇପାରେ ।

ଆଗାମୀ ମାସଗୁଡ଼ିକରେ ଗରମ ଆହୁରି ତୀବ୍ର ହୋଇପାରେ । ୨୦୨୬ ଏପ୍ରିଲ ଓ ଜୁନ୍ ମଧ୍ୟରେ, ଦେଶର ଅନେକ ଅଂଶ ସ୍ୱାଭାବିକ ତାପମାତ୍ରାଠାରୁ ଅଧିକ ତାପମାତ୍ରା ଅନୁଭବ କରିବାର ସମ୍ଭାବନା ଅଛି । ଏ ସମ୍ପର୍କରେ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ଆଗତୁରା ସତର୍କ ସୂଚନା ଦିଆଯାଉଛି । ପୂର୍ବ ଓ ଉତ୍ତର-ପଶ୍ଚିମ ଭାରତ ସମେତ ଏପରିକି ଦକ୍ଷିଣ-ପୂର୍ବରେ ଅଧିକ ହିଟ୍‌ୱେଭ୍ ଦିନ ଅନୁଭବ ହୋଇପାରେ । ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟଗୁଡ଼ିକ ବିଶେଷ ଭାବରେ ଦୁର୍ବଳ ହେବାର ଆଶା କରାଯାଉଛି । ହିଟ୍‌ୱେଭ୍ ଗୁଜରାଟ, ମହାରାଷ୍ଟ୍ର ଓ କର୍ଣ୍ଣାଟକର କିଛି ଅଂଶକୁ ମଧ୍ୟ ପ୍ରଭାବିତ କରିପାରେ ।

ଠିକ୍ ଯେପରି ଭାରତର ଉତ୍ତର ଅଞ୍ଚଳଗୁଡ଼ିକ, ବିଶେଷକରି ବୁନ୍ଦେଲଖଣ୍ଡ ଭଳି ଅଞ୍ଚଳଗୁଡ଼ିକରେ ପ୍ରଚଣ୍ଡ ଗରମ ଅନୁଭବ କରନ୍ତି । ଏହାର ପ୍ରଭାବ ସିଧାସଳଖ ଫସଲ, ପାଣି ଓ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିବ । ଏହା ବହୁତ ସମ୍ଭବ ଯେ କିଛି ବର୍ଷ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ରେଳ ଯୋଗେ ବୁନ୍ଦେଲଖଣ୍ଡକୁ ପାଣି ପଠାଇବାକୁ ପଡିଥିଲା । ଯଦି ସମାଜ ଓ ବ୍ୟବସ୍ଥା ଏବେ ସତର୍କ ନ ହୁଏ, ତେବେ ଏହି ବର୍ଷ ସମାନ ପରିସ୍ଥିତି ସୃଷ୍ଟି ହୋଇପାରେ । ଗରମ ଯେତେ ତୀବ୍ର ହେବ, ଏହା କେବଳ ମାନବ ଜୀବନକୁ ନୁହେଁ ବରଂ ଦେଶର ଅର୍ଥନୀତିକୁ ମଧ୍ୟ ସେତେ ପ୍ରଭାବିତ କରିବ।

ସେମିତି ଦେଖିବାକୁ ଗଲେ ପାହାଡିଆ ରାଜ୍ୟଗୁଡ଼ିକ ମଧ୍ୟ ଗରମରେ ପୀଡିତ । । ପାଣିପାଗ କେନ୍ଦ୍ର ଡେରାଡୁନ ସମତଳ ଜିଲ୍ଲାଗୁଡ଼ିକ ପାଇଁ ଏକ ଗରମ ଲହରୀ ସତର୍କତା ଜାରି କରିଛି ଓ ଦିନ ୧୨ଟାରୁ ଅପରାହ୍ନ ୪ଟା ମଧ୍ୟରେ ଘରୁ ବାହାରକୁ ନ ଯିବାକୁ ଲୋକଙ୍କୁ ଅନୁରୋଧ କରିଛି ।

ସମାଧାନ ସ୍ତରରେ କହିବାକୁ ଗଲେ କେବଳ ସରକାରୀ ନୀତି ଯଥେଷ୍ଟ ହେବ ନାହିଁ ? ଏଥିପାଇଁ ସାମାଜିକ ଓ ବ୍ୟକ୍ତିଗତ ପ୍ରୟାସ ସମାନ ଭାବରେ ଜରୁରୀ ଆବଶ୍ୟକ ରହିଛି । ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା, ଗଛ ଲଗାଇବା, ଜଳ ସଂରକ୍ଷଣ ଓ ସହରାଞ୍ଚଳ ଯୋଜନାରେ ସବୁଜ ସ୍ଥାନ ବିସ୍ତାର କରିବା ଭଳି ପଦକ୍ଷେପ ତୁରନ୍ତ ନିଆଯିବାର ଯଥେଷ୍ଟ ଆବଶ୍ୟକ । ଏହା ବ୍ୟତୀତ, ବିଶ୍ୱସ୍ତରରେ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ ।

ଏଥିପାଇଁ ଦେଶମାନଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ, । କାରଣ ସଂଘର୍ଷ କେବଳ ମାନବ ଜୀବନକୁ ପ୍ରଭାବିତ କରେ ନାହିଁ ବରଂ ପରିବେଶ ସନ୍ତୁଳନକୁ ମଧ୍ୟ ବିପର୍ଯ୍ୟସ୍ତ କରେ । ଶେଷରେ ଏପ୍ରିଲ ମାସରେ ଏହି ଅସ୍ୱାଭାବିକ ଗରମ ଏକ ସ୍ପଷ୍ଟ ସଙ୍କେତ । ପ୍ରକୃତିରୁ ଏକ ଚେତାବନୀ ଯେ ଯଦି ଆମେ ସମୟ ମଧ୍ୟରେ ଆମର ଆଚରଣ ପରିବର୍ତ୍ତନ ନ କରୁ, ତେବେ ଆଗାମୀ ବର୍ଷଗୁଡ଼ିକରେ ଏହି 'ଅସାଧାରଣ ଭାବ' ଆମର ନୂତନ ସ୍ୱାଭାବିକ ହୋଇପାରେ ବୋଲି ଅନୁମାନ । ଏହି ସମୟ ବୟସ୍କ, ପିଲା ଓ ରୋଗୀଙ୍କ ପାଇଁ ବିଶେଷ ଭାବରେ ବିପଦପୂର୍ଣ୍ଣ । ତୀବ୍ର ଗରମ ଓ ଗରମ ଲହରୀ ଯୋଗୁଁ ଅତ୍ୟଧିକ ଝାଳ ଜଳ ଓ ଅତ୍ୟାବଶ୍ୟକ ଲବଣ ହ୍ରାସ କରିପାରେ, ଯାହା ନିର୍ଜଳନର କାରଣ ହୋଇପାରେ । ଏହା ଦୁର୍ବଳତା, ମୁଣ୍ଡ ବୁଲାଇବା, ବାନ୍ତି ଓ ଥକ୍କାପଣ ସୃଷ୍ଟି କରିପାରେ । ସୂର୍ଯ୍ୟଙ୍କ ନିକଟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ମଧ୍ୟ ମାଂସପେଶୀ କ୍ଲାମ୍ପ୍ ସୃଷ୍ଟି କରିପାରେ । ଗୁରୁତର କ୍ଷେତ୍ରରେ ଶରୀରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ହୋଇପାରେ, ଯାହା ଘାତକ ସାବ୍ୟସ୍ତ ହୋଇପାରେ । ପୂର୍ବରୁ ଥିବା ରୋଗରେ ଥିବା ପିଲା, ବୃଦ୍ଧ ଓ ଲୋକମାନେ ଅଧିକ ବିପଦରେ ଥାଆନ୍ତି । ଗ୍ରୀଷ୍ମ ପ୍ରକୋପରେ ସତର୍କତା ହିଁ ଅବଲମ୍ବନ କରନ୍ତୁ ।

କଟକ -୪ ,
ମୋ: ୯୦୪୦୧୫ ୧୪୭୫

## ପଞ୍ଚାୟତ ସମିତି ବୈଠକକୁ ଗଣମାଧ୍ୟମକୁ ବାରଣ !

ତିଗିରିଆ, ୨୩।୬ (ନିପ୍ର): ତିଗିରିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖବର ପ୍ରସାରଣ ପାଇଁ କଟକ ଜିଲ୍ଲାପାଳ ଅଫିସ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ମୋବାଇଲକୁ ନିମନ୍ତ୍ରଣ ମେସେଜ ଆସିଥିଲା ।ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପକ୍ଷରୁ ଅନେକ ସାମ୍ବାଦିକ ସମ୍ବାଦ ସଂଗ୍ରହ କରିବାକୁ ଉପସ୍ଥିତ ଥିଲେ ମଧ୍ୟ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସକଙ୍କ ଫଟୋ ଉଠାଇ ଚାଲିଯିବାକୁ ଗଣମାଧ୍ୟମକୁ ନିର୍ଦ୍ଦେଶ ଦିଆଯାଇଥିଲା ।ସାମ୍ବାଦିକ ମାନେ ଗୃହରୁ ବାହାରିବା ପରେ କାର୍ଯ୍ୟକ୍ରମ କରାଯାଇଥିଲା ।ଗୃହ କାର୍ଯ୍ୟ ସରିବା ପରେ ଗୃହ ରେ କେଉଁ ବିଷୟରେ ଆଲୋଚନା ହେଲା ବୋଲି ଆମେ ବିଧାୟକଙ୍କ ଠାରୁ ମତାମତଚାହିଁ ଥିଲୁ ,ସେ କହିଲେ ଉନ୍ନୟନ କାର୍ଯ୍ୟ ସମେତ ୧୦ ଟି ବିଷୟରେ ଆଲୋଚନା କରାଗଲା । ସାମ୍ବାଦିକମାନଙ୍କୁ କାହିଁକି ଗୃହ ଭିତରେ ଉପସ୍ଥିତ ରହି ସମ୍ବାଦ ସଂଗ୍ରହ କରିବା କୁ ବାରଣ କରାଗଲା ବୋଲି ବିଡିଓଙ୍କ ଠାରୁ ଜାଣିବା କୁ ଚାହିଁ ଥିଲୁ । ବିଡିଓ କହିଲେ ସାମ୍ବାଦିକ ମାନଙ୍କୁ ସମ୍ମିଳନୀ କକ୍ଷକୁ ଯିବାକୁ ଅନୁମତି ନାହିଁ ବୋଲି କହିଥିଲେ । ତେବେ କାହିଁକି ଜିଲ୍ଲାପାଳଙ୍କ ସୂଚନା ବିଭାଗ ପକ୍ଷରୁ ସାମ୍ବାଦିକମାନଙ୍କୁ ଡକା ଯାଇଥିଲା ।ପ୍ରକାଶ ଥାଉ କି ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀ ଲୋକ ସଭା ଭବନ କୁ ପ୍ରଥମେ ଯିବା ସମୟ ରେ ସାମ୍ବାଦିକ ମାନଙ୍କୁ ସାଙ୍ଗରେ ନେଇ ଯାଇଥିଲେ । ପଞ୍ଚାୟତ ସମିତି ସାଧାରଣ ବୈଠକରେ ସାମ୍ବାଦିକ ମାନେ ଉପସ୍ଥିତ ରହିବେ ନାହିଁ ସରକାର ଏକ ଶ୍ୱେତ ପତ୍ର ପ୍ରକାଶ କରନ୍ତୁ ବୋଲି ଏଠାରେ ସାମ୍ବାଦିକ ମହଲରେ ମନ୍ତବ୍ୟ ପ୍ରକାଶ ପାଇଛି । କାର୍ଯ୍ୟକ୍ରମକୁ ବିଧାୟକ ଆସୁଥିବା ବେଳେ ତାଙ୍କ ଗାଡ଼ି ଉପରକୁ ଅଣ୍ଡା ମାଡ଼ ହୋଇଥିବା ଜଣା ଯାଇଛି । କିଛି ଅଘଟଣ ଘଟିବା ଆଶଙ୍କାରେ ପ୍ରାକ୍ ପ୍ରସ୍ତୁତି ପୂର୍ବକ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।ଅଧିବେଶନ ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ , ଏ ବିଡିଓ ଯଜ୍ଞାଶିନି ଗୋଛାୟତ ,ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ,ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ ।

## ଉନ୍ନୟନ କାମରେ ଅଣଦେଖା ନେଇ ବ୍ଲକ ଆଗରେ ବିକ୍ଷୋଭ

ଶେରଗଡ଼, ୨୩।୫ (ନିପ୍ର): ବ୍ଲକ ସମ୍ମୁଖରେ ବିଜେଡି ଓ ନିର୍ବାଚିତ ପ୍ରତିନିଧି ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଶତାଧିକ ବିଜେଡି ଆଗ ଧାଡ଼ିର ନେତା ଓ କର୍ମୀ ବ୍ଲକ ସମ୍ମୁଖରେ ଏକଜୁଟ ହୋଇଥିଲେ । ସେମାନଙ୍କ ଅଭିଯୋଗ ହେଲା ୧୫ ରୁ ଅଧିକ ପଞ୍ଚାୟତ ରେ ଉନ୍ନୟନ କାମରେ ଆମ ନେତା ଓ କର୍ମୀଙ୍କୁ ଉପେକ୍ଷିତ କରାଯାଇଛି । ଏପରି କି ଶାସକ ଦଳ କଥା ପ୍ରଶାସନ



ଶୁଣୁଛି,ଆମ ଦଳ କର୍ମୀମାନଙ୍କୁ ଦୃଷ୍ଟି ଦେଉନଥିବା ଅଭିଯୋଗ କରିଥିଲେ ।ଏହାର ଉଚିତ ପଦକ୍ଷେପ ନେବାକୁ ସମସ୍ତେ ଦାବି କରିଥିଲେ । ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ । ସମସ୍ତେ ନେତା କର୍ମୀ ଏକଜୁଟ ହୋଇ ଏକ ଦାବି ପତ୍ର ବିଡ଼ିଓ ତୃପ୍ତିମୟୀ ଜେନା ଭେଟି ପ୍ରଦାନ କରିଥିଲେ । ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ,ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ,ଦୁର୍ଗା ପ୍ରସାଦ ବିଷୋୟୀ,ସୀମାଞ୍ଚଳ ପ୍ରଧାନ, କାହ୍ନୁଚରଣ ପଟ୍ଟନାୟକ,ବରୁଣ ପଲେଇ, କୃତିବାସ ରେଡ୍ଡୀ ସମେତ ଧ୍ୱଳପୁର, ବନ୍ଧା ଗୁଡା,ଠୁରୁଣ୍ଟରାଇ,ଅଲାରିଗଡ , ଡେଙ୍ଗା ପଦର,କୁଲାଗଡ, ଶେରଗଡ଼ ସମେତ ବହୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ ।

## ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ଭଦ୍ରକ, ୨୩।୫ (ନିପ୍ର): ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ମଧ୍ୟରେ ଆୟୋଜିତ ହେବ । ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଏସପି ମନୋଜ ରାଉତ, ଏଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ୍ତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଆସନ୍ତା ଶ୍ରୀ ଶିବ ବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ । ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି ।

## ଡାକ୍ତର ହୋଇ ରୋଗୀ ସେବା କରିବା ଲକ୍ଷ୍ୟ : ଅପର୍ଣ୍ଣା

କୃଷ୍ଣପ୍ରସାଦ, ୨୩।୫ (ନିପ୍ର); +୨ ବିଜ୍ଞାନ ପରୀକ୍ଷାରେ ଅପର୍ଣ୍ଣା ଆଚାରୀ ୫୯୧ ନମ୍ବର ରଖି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ସୁନାମ ଅର୍ଜନ କରିଥିବା ଜଣାଯାଇଛି । ଅପର୍ଣ୍ଣାଙ୍କ ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତର ସାନଅଁଳ ଗ୍ରାମରେ ବୋଲି ଜଣାଯାଇଛି । ସେ ଅଷ୍ଟମ ଶ୍ରେଣୀ ଠାରୁ ବ୍ରହ୍ମପୁର ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଅଧ୍ୟୟନ କରୁଥିଲେ ।



ଚଳିତ ବର୍ଷ ଉକ୍ତ ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିବା ଜଣାଯାଇଛି । ଏହାକୁ ନେଇ ନିଜ ପରିବାର ସହିତ ସମଗ୍ର କୃଷ୍ଣପ୍ରସାଦରେ ସୁନା ଝିଅ ପାଲଟିଛନ୍ତି ଅପର୍ଣ୍ଣା ଆଚାରୀ । ବିଦ୍ୟାଳୟରେ ପାଠ ପଢା ସହିତ ଅନ୍ୟ ସମୟରେ ବହୁ ସମୟ ଦେଇ କଠିନ ପରିଶ୍ରମ କରୁଥିବା ଅପର୍ଣ୍ଣା କହିଛନ୍ତି । ସେ ତାଙ୍କ ସଫଳତାକୁ ନେଇ ପରିବାର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ଡାକ୍ତର ହୋଇ ରୋଗୀ ସେବା କରିବା ଲକ୍ଷ୍ୟ ରଖିଛନ୍ତି । ତାଙ୍କ ନିକଟକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

## ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ

ପାରଳାଖେମୁଣ୍ଡି, ୨୩।୫ (ନିପ୍ର); ପ୍ରବଳ ଗରମ ସହ ଗୁଳୁଗୁଳିରେ ସହରବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ଗତ ତିନି ଦିନ ହେଲା ଖରାର ପ୍ରକୋପ ପୂର୍ବପରି ନଥିଲେ ମଧ୍ୟ ଆଜି ପୁଣି ଖରାରେ ପ୍ରକୋପ ବଢିବା ସହ ଗୁଳୁଗୁଳି ଯୋଗୁଁ ଏକ ପ୍ରକାର ଅସହ୍ୟ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି କରିଛି । ଦିନ ସମୟରେ ରାସ୍ତାଘାଟ ଜନଶୂନ୍ୟ ହେଉଥିବା ବେଳେ ଘର ଭିତରେ ମଧ୍ୟ ଲୋକେ ଅସୁସ୍ଥତା ଅନୁଭବ କରୁଛନ୍ତି । କେବଳ ସହରାଞ୍ଚଳରେ ନୁହେଁ । ଗ୍ରାମାଞ୍ଚଳରେ ମଧ୍ୟ ସମାନ ସ୍ଥିତି ରହିଛି । ପଙ୍ଖା, କୁଲର ଓ ଏସି ଚାଲିଥିଲେ ମଧ୍ୟ ଗରମରୁ ବିଶେଷ ଆରାମ ମିଳୁନଥିବା ବେଳେ ବିଦ୍ୟୁତକାଟ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛି । ଫଳରେ ଗୁଳୁଗୁଳିରେ ହନ୍ତସନ୍ତ ହେବାକୁ ପଡୁଛି । ବିଶେଷକରି ବୃଦ୍ଧ, ଶିଶୁ ଓ ରୋଗୀମାନେ ଏହି ଗୁଳୁଗୁଳିରେ ଅଧିକ ପ୍ରଭାବିତ ହେଉଛନ୍ତି । ସନ୍ଧ୍ୟା ସମୟରେ ମଧ୍ୟ ଗରମ କମୁନଥିବାରୁ ଲୋକଙ୍କ ସେ ଦୈନିକ ଜୀବନ ବ୍ୟାହତ ହେଉଛି । ଅବାଧ ଗଛକଟା ଓ ପୋଡୁଚାଷ ସହ ଜଙ୍ଗଲ ନଷ୍ଟ ଏହାର ପ୍ରମୁଖ କାରଣ ହୋଇଥିବା ବେଳେ ଇଟାଭାଟି ଓ କାଜୁ କାରଖାନାର ନିର୍ଗତ ଧୂଆଁ ଅନ୍ୟତମ କାରଣ ବୋଲି ମତ ରଖିଛନ୍ତି ।

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଜବତ ସହ ୮ ଜଣଙ୍କୁ ଗିରଫ କଲା ରାଉରକେଲା ପୋଲିସ

ରାଉରକେଲା, ୨୩।୫ (ନିପ୍ର): ଜିଲ୍ଲା ପୋଲିସ୍ ପକ୍ଷରୁ ନିଶାମୁକ୍ତ ଅଭିଯାନ ଅଧୀନରେ ଆଜି ସକାଳେ ପ୍ଲାଣ୍ଟସାଇଟ୍ ପୋଲିସ୍ ୨୨୦ ଗ୍ରାମ୍ ହେରୋଇନ୍ ଜବତ୍ କରିବା ସହିତ ୬ ମହିଳାଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଆଜି ୨୦୨୬ ମଇ ୨୩ ତାରିଖ ସକାଳେ ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ମହତାବ ରୋଡ୍ ଅଞ୍ଚଳର ମୀନାପଡ଼ାରେ ଏକ ସ୍ୱତନ୍ତ୍ର ଚଢାଉ କରାଯାଇଥିଲା । ଏଥିସହିତ ପ୍ଲାଣ୍ଟସାଇଟ୍ ଥାନାର ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା ବ୍ରାଉନ୍ ସୁଗାର ଚାଲାଣ ନେଟୱାର୍କକୁ ସଫଳତାର ସହ ଠାବ କରିଥିଲା ରାଉରକେଲା ପୋଲିସ୍ । ଚଢାଉ ସମୟରେ ୨ ଯୁବକଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଜବତ୍ କରାଯାଇଛି ବୋଲି ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ । ଅଭିଯୁକ୍ତମାନେ ବେଆଇନ ଭାବରେ ଚୋରା ହେରୋଇନ୍ (ବ୍ରାଉନ୍ ସୁଗାର) ରଖିବା ସହ ବିକ୍ରି କରୁଥିଲେ । ଅଭିଯୁକ୍ତମାନେ ବେଆଇନ ଆର୍ଥିକ ଲାଭ ପାଇଁ ସ୍କୁଲ ଏବଂ କଲେଜରେ ପଢୁଥିବା ଛାତ୍ରଙ୍କ ସମେତ ସାଧାରଣ ଜନତାଙ୍କୁ ନିଶାଦ୍ରବ୍ୟ ଯୋଗାଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ରୋସନ ଖାତୁନ୍ ଓରଫ୍ ଶାନ୍ତି (୫୫) ବର୍ଷ, ଫରିଦା ଖାତୁନ୍ ଓରଫ୍ ଜରି ୱାଲି (୫୦) ବର୍ଷ, ଏମଡି. ଇମ୍ରାନ୍ ଆଲମ (୨୮) ବର୍ଷ, ଏମଡି. ଆଲାମ (୨୪) ବର୍ଷ, ନୁରେଶା ଖାତୁନ୍ (୫୫) ବର୍ଷ, ରହୀମା ଖାତୁନ୍ ଓରଫ୍ ରୀତା (୫୮)ବର୍ଷ, ମନୀଷା ଖାତୁନ୍ (୨୫)ବର୍ଷ, ମଧୁ ଓରଫ ନୁରେଶା ଖାତୁନ୍ (୫୯)ବର୍ଷ । ଅଭିଯୁକ୍ତଙ୍କ ନିକଟରୁ ୭ଟି ସେଲଫ୍ ଲକଡ୍ ପଲିଥିନ୍ ପ୍ୟାକେଟରେ ୨୨୦ ଗ୍ରାମ୍ ହୋରୋଇନ୍ (ବ୍ରାଉନ ସୁଗାର), ତିନୋଟି ମୋବାଇଲ ଫୋନ୍ ଏବଂ ନଗଦ ୨ ଲକ୍ଷ ୭୦ ହଜାର ୨୪୦ ଟଙ୍କା ଜବତ୍ କରାଯାଇଛି ।



ଅଭିଯୁକ୍ତ ଏମଡି. ଆଲାମ୍ ବିରୋଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ ଏବଂ ବନ୍ଧମୁଣ୍ଡା ଥାନାରେ ଗୋଟିଏ ଏନଡିପିଏସ୍ ମାମଲା ରହିଛି । ସେହିପରି ଅଭିଯୁକ୍ତ ଏମଡି. ଆଲାମ୍ ନାମରେ ପୂର୍ବରୁ ରାଉରକେଲା ଜିଆରପି ଥାନାରେ ମାମଲା ୧୬୯/୨୦୨୪ ବିଏନ୍ଏସ୍ ଧାରା ୩୧୬(୨)/୩୧୭(୨) ଏବଂ ପ୍ଲାଣ୍ଟସାଇଟ୍ ଥାନାର ମାମଲା ୨୬୪/୨୦୨୧ ଆଇପିସିର ଧାରା ୨୯୪/୩୨୩/୩୪୧/୩୫୪/୫୦୬/୩୪ରେ ମାମଲା ରହିଛି । ଅଭିଯୁକ୍ତ ମଧୁ ଓରଫ୍ ନୁରେଶା ଖାତୁନ୍ ନାମରେ ପୂର୍ବରୁ ଗୋଟିଏ ଏନଡିପିଏସ୍ ମାମଲା ରହିଛି । ଅଭିଯୁକ୍ତମାନଙ୍କୁ ପ୍ଲାଣ୍ଟସାଇଟ୍ ଥାନା କେସ୍ ନଂ-୫୩୮/ ତାରିଖ ୨୩.୦୫.୨୦୨୬ ଏନଡିପିଏସ୍ ଧାରା ୨୧(ବି)ରେ କୋର୍ଟ ଚାଲାଣ କରାଯାଇଛି ।

ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ ନିଶା ମୁକ୍ତ ଅଭିଯାନ ଜାରି ରହିବା ସହିତ ଏହି ଏନଡିପିଏସ୍ ମାମଲାର ତଦନ୍ତ ଜାରି ରହିଛି ।

## ଚାଷ ପାଇଁ ଡିଜେଲ,ସାର ଓ ବିହନ ଯୋଗାଣ ନେଇ ଉପ-ଜିଲ୍ଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା, ୨୩।୫ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଖରିଫ ଧାନ ଫସଲକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଧାନ ବିହନ, ସାର, କୀଟନାଶକ ଓ ଯଥେଷ୍ଟ ପରିମାଣର ଡିଜେଲ ଯୋଗାଇ ଦେବା ଦାବିରେ ଶୁକ୍ରବାର ସମଲେଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା ଉପଖଣ୍ଡର ଅଧିକାଂଶ କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଖରିଫ ଚାଷ ଆରମ୍ଭ ସମୟରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଚାଷ ପାଇଁ ଆବଶ୍ୟକ ଡିଜେଲ ମିଳୁନଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି । ପେଟ୍ରୋଲ ପମ୍ପରୁ ଜାରରେ ଡିଜେଲ ଦିଆଯାଉନଥିବା ସହ ବିଭିନ୍ନ କଟକଣା ଲାଗୁ କରାଯାଉଥିବାରୁ



ଉପାନ୍ତ ଅଞ୍ଚଳର ଚାଷୀମାନେ ଅଧିକ ସମସ୍ୟାର ଭୋଗୁଛନ୍ତି । ବର୍ତ୍ତମାନ ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପାରମ୍ପରିକ ହଳଲଙ୍ଗଳ ପଦ୍ଧତି ଛାଡ଼ି ଟ୍ରାକ୍ଟର ଓ ପାୱାର ଟିଲର ମାଧ୍ୟମରେ ଚାଷ କାମ କରୁଛନ୍ତି । ଏହି କୃଷି ଯନ୍ତ୍ରଗୁଡ଼ିକ ପାଇଁ ଡିଜେଲ ଆବଶ୍ୟକ ହୋଇଥିବାବେଳେ ପମ୍ପରୁ ସିଧାସଳଖ ଡିଜେଲ ନମିଳିବାରୁ ଚାଷୀମାନେ ଖର୍ଚ୍ଚାନ୍ତରେ ପଡୁଛନ୍ତି । ତେଣୁ ସାର ଓ କୀଟନାଶକ ଭଳି ଡିଜେଲକୁ ମଧ୍ୟ କୃଷିକାର୍ଯ୍ୟର ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଚାଷୀମାନଙ୍କ ପାଇଁ ସହଜରେ ଉପଲବ୍ଧ କରାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହାଛଡା କୃଷି ବିଭାଗ ପକ୍ଷରୁ ଲ୍ୟାମ୍ପ୍ସ ଓ ସାର ଦୋକାନୀଙ୍କ ପାଇଁ ଦୈନିକ ମାତ୍ର ୬୦ ପ୍ୟାକେଟ ୟୁରିଆ ଓ ୫୫ ପ୍ୟାକେଟ କମ୍ପ୍ଲେକ୍ସ ସାର ବିକ୍ରି ନିୟମ ଜାରି କରାଯାଇଥିବାରୁ ଚାଷୀମାନେ ଆବଶ୍ୟକତା ଅନୁଯାୟୀ ସାର ପାଇ ପାରୁନାହାନ୍ତି । ଏଭଳି ନିୟମକୁ ତୁରନ୍ତ ରଦ୍ଦ କରି ଚାଷୀଙ୍କ ଚାହିଦା ମୁତାବକ ସାର ଓ ବିହନ ଯୋଗାଇ ଦେବାକୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ସମଲେଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚର ସଭାପତି ଶୁଶିଲ କୁମାର ପଟେଲ, ଜିଲ୍ଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର,ସଞ୍ଜୟ ବେହେରା, ପ୍ରଶାନ୍ତ ଭଇଁଷା, ସନ୍ତୋଷ କୁମାର ପଟେଲ, ବିକାଶ ପୃଷ୍ଠେଠ ପ୍ରମୁଖ ଉପସ୍ଥିତ ଥିଲେ ।

## + ୨ ବିଜ୍ଞାନ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଧାମନଗର , ୨୩।୫ (ନିପ୍ର): ଚଳିତ ବର୍ଷର +୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ତଥା ଧାମନଗର ଏନଏସି ଅନ୍ତର୍ଗତ ୧୦ ନଂ ୱାର୍ଡର ତପନ କୁମାର ରାଉତ ଓ ମମତା ରାଉତଙ୍କ କନ୍ୟା ରିତୁପୁର୍ଣ୍ଣା ରାଉତ ମୋଟ ୬୦୦ ନମ୍ବରରୁ ୫୬୪ ରଖି ଭଦ୍ରକ ଜିଲ୍ଲା ତଥା ବିଜ୍ଞପିତ ଅଞ୍ଚଳ ପରିଷଦ ପାଇଁ ଗୌରବ ଆଣିଛନ୍ତି । ରିତୁପର୍ଣ୍ଣଙ୍କ ଏହି ସଫଳତା ପାଇଁ ପରିବାର, ବନ୍ଧୁବର୍ଗ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । +୨ ବିଜ୍ଞାନ ପରୀକ୍ଷାରେ ଶତକଡ଼ା ୯୪ ନମ୍ବର ରଖି ଥିବା ଏହି ମେଧା ଛାତ୍ରୀଙ୍କ ବାସଭବନରେ ପହଞ୍ଚି ଧାମନଗର ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ପ୍ରେସ କ୍ଲବର ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମଙ୍ଗଳମୟ ଉତ୍ତର ଜୀବନ କାମନା କରିଥିଲେ ।

## କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସାଧାରଣ ବୈଠକ

କୃଷ୍ଣପ୍ରସାଦ, ୨୩।୫ (ନିପ୍ର); ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଏକାଦଶ ସାଧାରଣ ଅଧିବେଶନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା,ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ଅତିରିକ୍ତ ତହସିଲଦାର ବିକାଶ ସେଠୀ,ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ସନ୍ଦୀପ ଜେନା ପ୍ରମୁଖ ଯୋଗଦେଇଥିଲେ ।

ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀକୁ ନେଇ ସମୀକ୍ଷା କରାଯିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିବା ଜଣାଯାଇଛି । ଶିକ୍ଷା,ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଉଦ୍ୟାନ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା । ସମିତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତ ନେଇ ଅସନ୍ତୋଷ ଦେଖାଦେଇଥିଲା । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିରେ ବିଧାୟିକାଙ୍କ ପ୍ରତିନିଧି କର୍ମଚାରୀମାନଙ୍କୁ ତାଗିଦ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନା, ଗୋପୀନାପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଲେଙ୍କା, ଗମ୍ଭାରୀ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ପରିଡା ଦୃଷ୍ଟି ଆକର୍ଷଣ କରିଥିଲେ ।

## ଆସୁଛି ମୌସୁମୀ : ଅଧାପନ୍ତରିଆ ରାସ୍ତାକୁ ନେଇ ଚିନ୍ତା
## କେବେ ସରିବ ଭାପୁର - ବିଜିପୁର ରାସ୍ତା ?

ଭାପୁର , ୨୩/୦୫(ନିପ୍ର)ଭାପୁର ବଜାର ଠାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ୩.୫ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟ କୁ ଠିକାଦାର ଗତ ୩/୪ ମାସ ହେଲା ମେଣ୍ଟାଲ ବିଛାଇ କାର୍ଯ୍ୟ ବନ୍ଦ କରିଛି ଫଳରେ,ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଆଉ କିଛି ଦିନ ପରେ ମୌସୁମୀ ବର୍ଷା ଆସୁଥିବାରୁ ଯାତାୟାତ ପାଇଁ ବହୁ ସମସ୍ୟା ଉପୁଜିବ ବୋଲି ଆଶଙ୍କା କଲେଣି ଅଞ୍ଚଳବାସୀ । ଏହି ସାଢେ ୩.୫ କିମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ୫. ୫ ଫୁଟ ଓସାର ରେ ରାସ୍ତା ନିର୍ମାଣ କରାଯିବ । ଖଣ୍ଡପଡା ବିଧାୟକ ଶୁଭ ଦେବାର ପ୍ରାୟ ୮ ମାସ ପରେ ଜିଲ୍ଲା ପ୍ରଶାସନ ର ଚାପ ପ୍ରୟୋଗ ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରି ଅଧାପନ୍ତରିଆ ଭାବରେ କାର୍ଯ୍ୟ ବନ୍ଦ କରିଦେଇଛି । ବିଭାଗୀୟ ଏସ.ଡି.ଓ ଏବଂ ଜେ.ଇଙ୍କ ତାଗିଦ ସତ୍ତ୍ୱେ ଠିକାଦାର ଚୁପ ହୋଇ ବସିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଫଳରେ,ପ୍ରଶାସନ ନିଃସହାୟ ଅବସ୍ଥାରେ ଉପରକୁ ହାତ ଟେକି ଦେଇଛି । ଖଣ୍ଡପଡାର ପ୍ରଭାବଶାଳୀ ନେତାଙ୍କ ବାହୁଛତ୍ର ଛାୟା ତଳେ ସମ୍ପୃକ୍ତ ଠିକାଦାର ଆଶ୍ରୟ ନେଇଥିବାରୁ ସେ ମନଇଛା କାମ କରୁଛି ।କାର୍ଯ୍ୟ ବନ୍ଦ କୁ ନେଇ ସ୍ଥାନୀୟ ବିଧାୟକ ନିରବ ରହୁଥିବାରୁ ସେ ରାସ୍ତାରେ ଯାତାୟାତ କରୁଥିବା ୪/୫ ଗୋଟି ପଂଚାୟତ ର ସାଧାରଣଜନତା ବିଧାୟକ କାର୍ଯ୍ୟ ଦକ୍ଷତା ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଯଦି ସମ୍ପୃକ୍ତ ଠିକାଦାର କାର୍ଯ୍ୟ ନ କରୁଛି ତେବେ ତାକୁ କଳା ଚିଠାରେ ପକେଇ ଆଉ ଥରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଦାବି ହୋଇଛି ।



## ବଜାରରେ ମିଳୁଛି ଅସ୍ୱାସ୍ଥ୍ୟକର ଲେବେଲ ବିହୀନ ବାଟି ସୋଡା

ଆସିକା, ୨୩।୫ (ନିପ୍ର): ଆସିକା ବଜାରରେ ମିଳୁଛି ଅସ୍ୱାସ୍ଥ୍ୟକର ଲେବେଲ ବିହୀନ ବାଟି ସୋଡା । ଏହି ବଟି ସୋଡ଼ାକୁ ଖରାଦିନ ଆସିଲେ ଶୋଷ ମେଣ୍ଟାଇବା ପାଇଁ ଜନସାଧାରଣ ଖୋଜନ୍ତି । ଏହାର ସୁଯୋଗ ନେଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବିନା ସ୍ୱଛତା, ବିନା ସରକାରୀ ସ୍ୱୀକୃତିରେ ଚାଲିଛି ବାଟି ସୋଡ଼ାର ପ୍ରସ୍ତୁତି । ଏଥି ପ୍ରତି କାହାର ମଧ୍ୟ ନିଘା ନାହିଁ । ବାଟି ସୋଡାର ମଜା ନିଆରା ହୋଇଥିବାରୁ ଏହା ପିଲା ଠାରୁ ବୁଢା ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଯାଇଛି । ଏହାକୁ ଆଖି ଆଗରେ ରଖି ଆସିକାର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସ ବିନା ସୁରକ୍ଷାରେ ବାଟି ସୋଡ଼ା ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଉଛି । ସହର ଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ପାନ ଦୋକାନ ମାନଙ୍କରେ ବାଟି ସୋଡ଼ା ବିକ୍ରି ହେଉଛି । ଏକ ବୋତଲରେ ବିଭିନ୍ନ କେମିକାଲ ପାଣି ମଧ୍ୟରେ ବାଟି ରଖାଯାଇ ତାହାକୁ ଗ୍ୟାସ୍ ମଧ୍ୟମରେ ବନ୍ଦ କରି ରଖାଯାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ଅଟେ ।ପୂର୍ବରୁ କାଚ ବୋତଲର ବାଟି ସୋଡା ଆସୁଥିବା ବେଳେ ଏବେ ପ୍ଲାଷ୍ଟିକ୍ ବୋତଲର ବାଟି ସୋଡା ବେପାର ଜମୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଲେମ୍ବୁରେ ତିଆରି ସୋଡ଼ା ମିଳୁଥିଲା । ଏବେ ବିଭିନ୍ନ ପ୍ରକାରର ଫ୍ଲେବର ର ସୋଡା ବଜାରରେ ମିଳୁଛି । ତେବେ ମନ ଇଚ୍ଛା ପ୍ରସ୍ତୁତ ହେଉଛି ବାଟି ସୋଡ଼ା । କାଚ ଓ ପ୍ଲାଷ୍ଟିକ ବୋତଲ ବାଟି ସୋଡ଼ାରେ କୌଣସି ପ୍ରକାର ଲେବଲ୍ ଦେଖିବାକୁ ମିଳୁନାହିଁ । ପ୍ରସ୍ତୁତି ସୋଡ଼ାର ତାରିଖ ଓ ବ୍ୟବହାର ଉପଯୋଗୀ ସମୟ ସୀମା ମଧ୍ୟ ନାହିଁ । ବୋତଲ କେଉଁ ଠାରୁ ତିଆରି ହେଉଛି, ତାହା କେବେ ପ୍ୟାକିଂ ହେଲା ଏବଂ ତାହା କେତେ ଦିନ ମଧ୍ୟରେ ପିଇବା ଆବଶ୍ୟକ ସେନେଇ କୌଣସି ବିଷୟ ଉଲ୍ଲେଖ କରାଯାଉନି । ଅନେକ ସମୟରେ ଏହି ବାଟି ସୋଡା ବୋତଲ ଭିତରେ କିଟପତଙ୍ଗ ଆଦି ଭାସୁଥିବାର ଅଭିଯୋଗ ମଧ୍ୟ ରହିଛି । ଯହାଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କେତେ ହିତକର



ତାକୁ ନେଇ ସଭିଙ୍କ ମନରେ ପ୍ରଶ୍ନ ଉଠିଛି ।ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଯାଞ୍ଚ ହେଉନଥିବା ବେଳେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଖଣ୍ଡପଡା ମାଟିର ଗର୍ବ ଆଣିଛନ୍ତି ବୈଜ୍ଞାନିକ

ଭାପୁର, ୨୩।୫ (ନିପ୍ର): ଶହଶହ ବର୍ଷ ତଳେ ନୟାଗଡ଼ ଜିଲ୍ଲାର ଖଣ୍ଡପଡା ମାଟିରେ ଜନ୍ମଗ୍ରହଣ କରିଥିବା ପଠାଣି ସାମନ୍ତ ଦୁଇ ଖଣ୍ଡ କାଠି ସାହାଯ୍ୟରେ ଗ୍ରହ,ନକ୍ଷତ୍ର ର ଚାଲିଚଳନ ଓ ଦୂରତା ବିଷୟରେ ନିର୍ଭୁଲ ତଥ୍ୟ ଦେଇ ପୃଥିବୀର ବଡ଼ବଡ଼ ବୈଜ୍ଞାନିକଙ୍କ ତଥ୍ୟ କୁ ଭୁଲ ପ୍ରମାଣିତ କରିଥିଲେ । ଏହି ଖଣ୍ଡପଡା ମାଟି ହେଉଛି ବୈଜ୍ଞାନିକଙ୍କ ମାଟି ।ଏହି ମାଟିରେ ଜନ୍ମ ହୋଇ କେତେ ବୈଜ୍ଞାନିକ ସାମନ୍ତ ମାଟିର ଟେକ ରଖିଛନ୍ତି । ସେହିଭଳି ଜଣେ ବୈଜ୍ଞାନିକ ହେଉଛନ୍ତି ଖଣ୍ଡପଡା ବ୍ଲକ କୁଆହରା ଗ୍ରାମର ଏକ ସାଧାରଣ ପରିବାରରୁ ଜନ୍ମ ଗ୍ରହଣ କରି ଆଜି ପୃଥିବୀରେ ସୁନାମଧନ୍ୟ ବୈଜ୍ଞାନିକ ରୂପେ ପ୍ରଦ୍ୟୁମ୍ନ କୁମାର ସାହୁ ପରିଗଣିତ ହୋଇଛନ୍ତି । ଚାଇନିଜ ଏକାଡେମୀ ଅଫ ସାଇନ୍ସ ପକ୍ଷରୁ ଆସନ୍ତା ୨୦୨୭ ମସିହା ପାଇଁ ପ୍ରଦାନ କରାଯାଇଥିବା ବିଶ୍ୱପ୍ରସିଦ୍ଧ' ପ୍ରେସିଡେଣ୍ଟସ ଇଣ୍ଟରନ୍ୟାସନାଲ ଫିଲୋସଫି ଇନସିଏଟିଭ' ର ଅତିଥି ବୈଜ୍ଞାନିକ ରୂପେ ଶ୍ରୀ ସାହୁ ବିଶ୍ୱସ୍ତରରେ ମନୋନୀତ ହୋଇଛନ୍ତି । ଏହି ପ୍ରତିଷ୍ଠିତ ଫେଲୋସଫି ଜରିଆରେ ବୈଜ୍ଞାନିକ ଶ୍ରୀ ସାହୁ ଚାଇନିଜ ଏକାଡେମୀ ଅଫ ସାଇନ୍ସ ଇନିସଚ୍ୟୁଟ ଥିଏରୋଟିକାଲ ଫିଜିକ୍ସ ର ପ୍ରଫେସର ସାଓ - ଯିଆଙ୍ଗ ୱାଙ୍ଗଙ୍କ ସହ ମିଳିତ ହୋଇ ଏକ ଅନ୍ତର୍ଜାତୀୟ ଗବେଷଣା କାର୍ଯ୍ୟକ୍ରମ ରେ ସାମିଲ ହେବେ ବୋଲି ସୂଚନା ମିଳିଛି । ଉଭୟଙ୍କର ମିଳିତ ସନ୍ଦର୍ଭ 'ରୂପାନ୍ତରିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ଉପରେ ଆଧାରିତ ହେବ ବୋଲି ଜଣାପଡିଛି ।ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ହାଇଦ୍ରାବାଦସ୍ଥିତ ବିଟ୍ସ ପିଲାନି ପରିଗଣିତ ହେଉଥିବାବେଳେ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା ପ୍ରୋଫାଇଲ ଅଧିକ ସୁଦୃଢ ହେବବୋଲି ବୈଜ୍ଞାନିକ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।



## ଟ୍ରମ୍ପଙ୍କ ଝିଅ ଇଭାଙ୍କାଙ୍କୁ ହତ୍ୟା ଷଡ଼ଯନ୍ତ୍ର ବିଫଳ



ନୂଆଦିଲ୍ଲୀ, ୨୩।୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର । ଅଳ୍ପକେ ବର୍ତ୍ତିଲେ ଇଭାଙ୍କା । ଇରାନର ସେନା ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଦ୍ୱାରା ପ୍ରଶିକ୍ଷିତ ଜଣେ ଆତଙ୍କବାଦୀ ଇଭାଙ୍କା ଟ୍ରମ୍ପଙ୍କ ଜୀବନ ନେବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲା । ଆତଙ୍କବାଦୀ ତାଙ୍କ ପରାମର୍ଶଦାତା ଏବଂ ଇରାନୀ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚାହୁଁଥିଲା, ଯିଏ ଛଅ ବର୍ଷ ପୂର୍ବେ ଏକ ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଥିଲେ । ସୁରକ୍ଷା ଏଜେନ୍ସିଗୁଡ଼ିକ ଇଭାଙ୍କା ଟ୍ରମ୍ପଙ୍କ ହତ୍ୟାର ଷଡ଼ଯନ୍ତ୍ର କରୁଥିବା ଆତଙ୍କବାଦୀକୁ ଗିରଫ କରିଛନ୍ତି । ସେ ୩୨ ବର୍ଷୀୟ ମହମ୍ମଦ ବାକିର ସାଦ ଦାଉଦ ଅଲ-ସାଦି ଭାବରେ ଚିହ୍ନଟ କରାଯାଇଛି । ସେ ଜଣେ ଇରାକୀ ନାଗରିକ ବୋଲି ଜଣାପଡ଼ିଛି । ଛଅ ବର୍ଷ ପୂର୍ବେ ବାଗଦାଦରେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ଆମେରିକା ଏକ ବଡ଼ ଅପରେସନ କରିଥିଲା ଯେଉଁଥିରେ ସେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କୁ ହତ୍ୟା କରିଥିଲା । ଅଲ-ସାଦି ଏହି ଆକ୍ରମଣକୁ ତାଙ୍କ ଗୁରୁଙ୍କ ହତ୍ୟା ଭାବରେ ଦେଖୁଥିଲେ । ସେବେଠାରୁ ଟ୍ରମ୍ପ ପରିବାରକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ର କରୁଥିଲେ ।

## ରାଘବ ଚଡାଙ୍କୁ ରାଜ୍ୟ ସଭାରେ ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ, ୨୩।୫: ଆମ ଆଦମୀ ପାର୍ଟି ଛାଡି ଭାଜପାରେ ଯୋଗଦେବା ପରେ ତୁରନ୍ତ ରାଜ୍ୟ ସଭା ଏମପି ରାଘବ ଚଡାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ତାଙ୍କୁ ରାଜ୍ୟ ସଭା ପିଟିସନ କମିଟିର ଅଧକ୍ଷ ଭାବରେ ନିଯୁକ୍ତ କରାଯାଇଛି । କମିଟିର ପୁନର୍ଗଠନ ପରେ, ଏହି ପ୍ୟାନେଲରେ କାର୍ଯ୍ୟ କରିବା ପାଇଁ ଗୃହର ୧୦ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି । ରାଜ୍ୟ ସଭା ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ରାଘବ ଚଡାଙ୍କୁ ପିଟିସନ କମିଟିର ଅଧକ୍ଷ ଭାବରେ ନିଯୁକ୍ତ କରାଯାଇଛି । ସୂଚନାଯୋଗ୍ୟ ଯେ ରାଘବ ଚଡା ପୂର୍ବରୁ ଆମ ଆଦମୀ ପାର୍ଟିର ଜଣେ ପ୍ରମୁଖ ନେତା ଥିଲେ । କିନ୍ତୁ ମାସେ ପୂର୍ବରୁ ଅନ୍ୟ ଛଅ ଜଣ ରାଜ୍ୟ ସଭା ଏମପିଙ୍କ ସହିତ ଦଳକୁ ବିଦାୟ ଦେଇଥିଲେ ।

## ୭ ଦିନିଆ ପୁଲିସ ହେପାଜତକୁ ଗଲେ ତ୍ୱିଷା ଶର୍ମାଙ୍କ ସ୍ୱାମୀ



ଭୋପାଳ, ୨୩।୫: ତ୍ୱିଷା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଶନିବାର ଭୋପାଳର ଏକ କୋର୍ଟ ଗିରଫ ହୋଇଥିବା ତାଙ୍କ ସ୍ୱାମୀ ସମର୍ଥ ସିଂହଙ୍କୁ ସାତ ଦିନିଆ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ସମର୍ଥ ସିଂହ ଶୁକ୍ରବାର ଜବଲପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ । ଜବଲପୁର କୋର୍ଟରେ ତ୍ୱିଷାଙ୍କ ସ୍ୱାମୀଙ୍କୁ ପୁଲିସ ଟିମ୍ ଗିରଫ କରିଥିଲେ । ପିଟିଆଇ ପକ୍ଷରୁ ପୁଲିସ ସୂତ୍ରରୁ କୁହାଯାଇଛି ଯେ, ପୂର୍ବତନ ବିଚାରପତି ଓ ଭୋପାଳ ଖାଉଟି ଅଦାଲତ ଅଧକ୍ଷା ଗିରିବାଲା ସିଂହଙ୍କ ଓକିଲ ପୁଅ ସମର୍ଥ ସିଂହଙ୍କୁ ଭୋପାଳର କଟାରା ହିଲ୍ସ ପୁଲିସ ଷ୍ଟେସନକୁ ରାତି ପ୍ରାୟ ୨ଟା ବେଳେ ଅଣାଯାଇଥିଲା । ପୁଲିସ କମିଶନର ସଞ୍ଜୟ କୁମାର କହିଛନ୍ତି ଯେ, ସମର୍ଥଙ୍କୁ କୋର୍ଟରେ ହାଜର କରାଯାଇଥିଲା ଓ ପୁଲିସ ପଚରାଉଚରା ପାଇଁ ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ୩୩ ବର୍ଷୀୟା ତ୍ୱିଷା ଶର୍ମାଙ୍କୁ ମେ ୧୨ ତାରିଖରେ ଭୋପାଳର କଟାରା ହିଲ୍ସ ଅଞ୍ଚଳରେ ତାଙ୍କ ଶ୍ୱଶୁର ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତ୍ୱିଷା ଡ୍ରଗ୍ସ ସେବନ କରୁଥିବା ତାଙ୍କ ଶ୍ୱଶୁର ଘର ଲୋକେ ଅଭିଯୋଗ କରିଥିଲେ । ତେବେ ତ୍ୱିଷାଙ୍କ ପରିବାର ତ୍ୱିଷାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା, ଯେଉଁଥି ପାଇଁ ତାଙ୍କ ମୃତ୍ୟୁ ହେଲା ବୋଲି କହିଛନ୍ତି ।

## କେମିକାଲ ଲିକ୍ ଯୋଗୁଁ ବିସ୍ଫୋରଣ ଆଶଙ୍କା ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ ଜାରି

ଆମେରିକା, ୨୩।୫ : ଆମେରିକାର ସାଉଥ କାଲିଫର୍ନିଆରେ ଏକ ବିପଜ୍ଜନକ କେମିକାଲ ଜିନିଷ ଲିକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ସେଥିପାଇଁ ପ୍ରାୟ ୪୦ ହଜାର ଲୋକଙ୍କୁ ସେହି ସ୍ଥାନୀୟ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକୁ ମଧ ବନ୍ଦ କରିଦିଆଯାଇଛି । ରିପୋର୍ଟ ଅନୁଯାୟୀ, ପ୍ଲାଷ୍ଟିକ୍ ତିଆରିରେ ବ୍ୟବହୃତ ଏକ ବିପଜ୍ଜନକ କେମିକାଲ ପଦାର୍ଥ ଲିକ୍ ହେଉଛି । ଅଧିକାରୀମାନେ କହିଛନ୍ତି ଯେ, କେମିକାଲ ଲିକ୍ ହେବା ଯୋଗୁଁ ଏହା ବିସ୍ଫୋରଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏବେ କେମିକାଲ ଟାଙ୍କି ଲିକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରହିଛି ।

## ପାକ୍ ସେନାକୁ ଚେତାବନୀ ଦେଲେ ମହିଳା କମାଣ୍ଡର ଶାୟନାଜ୍

କ୍ୱେଟା/ଇସଲାମାବାଦ, ୨୩।୫: ଅନ୍ୟ ଦେଶରେ ଆତଙ୍କବାଦ ପ୍ରସାର କରୁଥିବା ପାକିସ୍ତାନ ଏବେ ନିଜ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ସମ୍ଭାଳିବାରେ ସମ୍ପୂର୍ଣ୍ଣ ବିଫଳ ସାବ୍ୟସ୍ତ ହୋଇଛି । ପାକିସ୍ତାନର ବେଲୁଚିସ୍ତାନ ଅଞ୍ଚଳରେ ଦିନକୁ ଦିନ ଅସ୍ଥିରତା ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଜନସାଧାରଣ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫ ସରକାରଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ କରୁଛନ୍ତି । ଏହି ସମୟରେ ପ୍ରତିବନ୍ଧିତ ସଂଗଠନ ବଲୁଚ୍ ଲିବରେସନ୍ ଆର୍ମି (ବିଏଲଏ) ର ''ହକ୍କାଲ ମିଡିଆ'' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି, ଯେଉଁଥିରେ ସଂଗଠନର ମହିଳା କମାଣ୍ଡର ଶାୟନାଜ୍ ବାଲୁଚ୍ ପାକିସ୍ତାନ ସରକାର ଓ ସେନାକୁ ସିଧାସଳଖ ଚେତାବନୀ ଦେଇଛନ୍ତି । ଶାୟନାଜ୍ କହିଛନ୍ତି ଯେ ପାକିସ୍ତାନ ପାଖରେ ଏବେ କେବଳ ଗୋଟିଏ ବିକଳ୍ପ ବାକି ଅଛି ସେମାନେ ତୁରନ୍ତ ବଲୁଚ୍ ଭୂମି ପରିତ୍ୟାଗ କରି ଚାଲିଯାଆନ୍ତୁ, ନଚେତ୍ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ । ପ୍ରଥମ ଥର ପାଇଁ ବାଲୁଚ୍ ମହିଳା ସ୍ୱାଧୀନତା ସଂଗ୍ରାମୀମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଧରି ପାର୍ବତ୍ୟ ଅଞ୍ଚଳରେ ଏହି ଗଣମାଧ୍ୟମ ସମ୍ମୁଖକୁ ଆସିଛନ୍ତି । ଭିଡିଓ ବାର୍ତ୍ତାରେ ଶାୟନାଜ୍ ପ୍ରକାଶ କରିଛନ୍ତି ଯେ ବାଲୁଚ୍ ମହିଳାମାନେ କୌଣସି ଶୌକରେ ନୁହେଁ, ବରଂ ବାଧ୍ୟବାଧକତାରୁ ଏହି ସଶସ୍ତ୍ର ଲଢ଼େଇରେ ସାମିଲ ହେଉଛନ୍ତି ।

## ୫୧,୦୦୦ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୋଦି

# ଯୁବପିଢ଼ିଙ୍କ ଉଦ୍ୟମରେ ଏକ ବିକଶିତ ଭାରତ ଗଠନ ହେବ

ନୂଆଦିଲ୍ଲୀ, ୨୩।୫(ପିଆଇବି): ୧୯ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ପ୍ରତିଷ୍ଠାନରେ ନୂଆକରି ନିଯୁକ୍ତି ପାଇଥିବା ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ସେ ଏହି ଅବସରକୁ ସାରା ଦେଶର ହଜାର ହଜାର ଯୁବକଯୁବତୀଙ୍କ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ବୋଲି କହିଥିଲେ । ସରକାରୀ ସେବାରେ ନୂତନ ପ୍ରବେଶକାରୀଙ୍କୁ ସ୍ୱାଗତ କରି, ସେ ରେଳ, ବ୍ୟାଙ୍କିଙ୍ଗ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମେତ ଭାରତର ବିକାଶରେ ସେମାନଙ୍କର ଆଗାମୀ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । 'ଆଗାମୀ ବର୍ଷଗୁଡ଼ିକରେ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ,ବୋଲି ମୋଦି ଆଶା ପ୍ରକାଶ କରିଥିଲେ । ନିଯୁକ୍ତିପ୍ରାପ୍ତ ପ୍ରାର୍ଥୀମାନଙ୍କୁ ଏହି ମାଇଲଖୁଣ୍ଟରେ ପହଞ୍ଚାଇଥିବା ସମର୍ପଣ ଏବଂ କଠିନ ପରିଶ୍ରମକୁ ସମ୍ମାନ ଜଣାଇ କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । କୌଣସି ବ୍ୟକ୍ତିଗତ ସଫଳତା ଏକା ଆସି ନଥାଏ ବୋଲି ସ୍ୱୀକାର କରି, ସେ ସେହି ପରିବାର ଏବଂ ପିତାମାତାଙ୍କୁ ମଧ ଶୁଭେଚ୍ଛା ଜଣାଇଥିଲେ ଯେଉଁମାନଙ୍କର ସମର୍ଥନ ଏହି ଯାତ୍ରାରେ ଅପରିହାର୍ଯ୍ୟ ଥିଲା ।ନିକଟରେ ସମାପ୍ତ ପାଞ୍ଚଟି ଦେଶକୁ ନିଜର କୂଟନୈତିକ ଗସ୍ତର ଅଭିଜ୍ଞତା ବାଣ୍ଟି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ଦେଶର ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ପ୍ରମୁଖମାନେ ଭାରତର ଯୁବପିଢ଼ି ଏବଂ ଏହାର ପ୍ରଯୁକ୍ତିଗତ ଉନ୍ନତିକୁ ନେଇ ପ୍ରକୃତ ଉତ୍ସାହ ପ୍ରକାଶ କରିଛନ୍ତି । ସେ କହିଥିଲେ ଯେ ବିଶ୍ୱ ଭାରତର ପ୍ରଗତିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ।



'ବିଶ୍ୱ ଭାରତର ବିକାଶ ଯାତ୍ରାର ଏକ ଅଂଶ ହେବାକୁ ଚାହୁଁଛି,' ବୋଲି ମୋଦି କହିଥିଲେ ।ନିଯୁକ୍ତି ସୃଷ୍ଟି ସହିତ ପ୍ରତ୍ୟେକ ଚୁକ୍ତିର ସିଧାସଳଖ ପ୍ରାସଙ୍ଗିକତାକୁ ସୂଚାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ନୂତନ ନିବେଶ, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ଶିଳ୍ପ ସହଯୋଗ ଶେଷରେ ଭାରତର ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରେ । ସେ ଏହି ସହଭାଗୀର ଦୀର୍ଘକାଳୀନ ଗୁରୁତ୍ୱ ଉପରେ ଆହୁରି ଗୁରୁତ୍ୱାରୋପ କରିଥିଲେ । "ଏହି କ୍ଷେତ୍ରଗୁଡ଼ିକ ନୂଆ ନୂଆ ଶିଳ୍ପଗୁଡ଼ିକୁ ଆକାର ଦେବ ଯେଉଁଗୁଡ଼ିକ ଆଗାମୀ ୨୫ ବର୍ଷ ପାଇଁ ବିଶ୍ୱ ଅଭିବୃଦ୍ଧିକୁ ପରିଭାଷିତ କରିବେ'' ସେ କହିଥିଲେ । ଏଏସଏମଏଲ-ଟାଟା ଇଲେକ୍ଟ୍ରୋନିକ୍ସ ଚୁକ୍ତିନାମାକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱର ଏକ ଭରସାଯୋଗ୍ୟ ଯୋଗାଣ ଶୃଙ୍ଖଳ ସହଭାଗୀ ଭାବରେ ଭାରତର ପ୍ରତିଷ୍ଠା ବୃଦ୍ଧି ପାଉଛି । ପ୍ରଧାନମନ୍ତ୍ରୀ ସୂଚାଇଲେ ଯେ ଏହି ଡଚ୍ ସେମିକଣ୍ଡକ୍ଟର କମ୍ପାନି ଯେଉଁ ଦେଶଗୁଡ଼ିକ ସହିତ ଚୁକ୍ତି ସ୍ୱାକ୍ଷର କରିଛି ସେମାନଙ୍କ ମଧ୍ୟରେ ଭାରତ ମଧ ସାମିଲ ରହିଛି । ସେ ଆହୁରି ମଧ କହିଥିଲେ ଯେ ଏଆଇ ଉପରେ ସ୍ୱିଡେନ ସହିତ ସହଭାଗୀତା ଏବଂ ସୁପରକମ୍ପ୍ୟୁଟିଂରେ ୟୁଏଇ ସହିତ ସହଯୋଗ ଭାରତର ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ସମାନ ଭାବରେ ସୁଦୃଢ଼ କରିବ । କେବଳ ଏଏସଏମଏଲ-ଟାଟା ଇଲେକ୍ଟ୍ରୋନିକ୍ସ ଚୁକ୍ତିନାମା ଭାରତରେ ହଜାର ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

## ମୋଦିଙ୍କୁ ଭେଟି ହ୍ୱାଇଟ୍ ହାଉସ୍ ଆସିବାକୁ ନିମନ୍ତ୍ରଣ କଲେ ରୁବିଓ



ନୂଆଦିଲ୍ଲୀ, ୨୩।୫: ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଚାରି ଦିବସୀୟ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ଭେଟିଛନ୍ତି । ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଯେ, ବିଦେଶ ସଚିବ ମାର୍କୋ ରୁବିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରିଛନ୍ତି । ରୁବିଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହ୍ୱାଇଟ୍ ହାଉସ୍ ଗସ୍ତ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ' ରେ ଏକ ପୋଷ୍ଟରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓଙ୍କୁ ଭାରତରେ ସ୍ୱାଗତ କରିବା ସହିତ ଦୁହେଁ ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ନିରନ୍ତର ପ୍ରଗତି, ଆଞ୍ଚଳିକ ଓ ବିଶ୍ୱ ଶାନ୍ତି, ସୁରକ୍ଷା ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ ବୋଲି କହିଛନ୍ତି । ମୋଦୀ ଆହୁରି ମଧ କହିଛନ୍ତି ଯେ, ଭାରତ ଓ ଆମେରିକା ବିଶ୍ୱ ପାଇଁ ନିବିଡ଼ ଭାବରେ କାମ କରିବା ଜାରି ରଖିବେ । ଆମେରିକା ବିଦେଶ ସଚିବ ନୂଆଦିଲ୍ଲୀରେ କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ସହିତ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆମେରିକାର ବୈଦେଶିକ ସଚିବ ଶନିବାର ପୂର୍ବାହ୍ନରେ କୋଲକାତାରେ ପହଞ୍ଚି ନୂଆଦିଲ୍ଲୀ ଯିବା ପୂର୍ବରୁ ମଦର ଟେରେସାଙ୍କ ମିଶନାରିଜ୍ ଅଫ୍ ଚାରିଟିର ମୁଖ୍ୟାଳୟ ମଦର ହାଉସ୍ ପରିଦର୍ଶନ କରିଥିଲେ । ଭାରତ ଓ ଆମେରିକା ମଧ୍ୟରେ ବଢୁଥିବା ରଣନୈତିକ ସମନ୍ୱୟ ମଧ୍ୟରେ ରୁବିଓଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଓ ମେ ୨୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପୂର୍ବରୁ ଏହା ଅନୁଷ୍ଠିତ ହୋଇଛି ।

## ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ଅଳ୍ପକେ ବଞ୍ଚିଗଲେ ୩ ସେନା ଅଧିକାରୀ

ଲେହ, ୨୩।୫: ଲଦାଖର ଲେହ ନିକଟସ୍ଥ ପାର୍ବତ୍ୟ ଟାଙ୍ଗଷ୍ଟେ ଅଞ୍ଚଳରେ ଏକ ହେଲିକପ୍ଟର ଦୁର୍ଘଟଣାରେ ତିନି ଜଣ ଭାରତୀୟ ସେନା ଅଧିକାରୀ ଅଳ୍ପକେ ବଞ୍ଚି ଯାଇଛନ୍ତି । ପୁରୁଣା ଚିତା ଫ୍ଲିଟର ଅଂଶ ଥିବା ଏହି ହେଲିକପ୍ଟରରେ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ, ଜଣେ ମେଜର ଏବଂ ଜଣେ ମେଜର ଜେନେରାଲ ଥିଲେ । ଏହି ଦୁର୍ଘଟଣା ଗତ ମେ ୨୦ ତାରିଖରେ ଘଟିଥିଲା, ଯାହାକୁ ଆଜି ସକାଳେ (ମଇ ୨୩) ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ସିଙ୍ଗଲ-ଇଞ୍ଜିନ ହେଲିକପ୍ଟରଟି ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ମେଜର ଜେନେରାଲ ପାଇଲଟ ଚଳାଉଥିଲେ, ଯେତେବେଳେ ତୃତୀୟ ପଦାତିକ ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ ସଚିନ ମେହେଟ୍ଟା ଯାତ୍ରୀ ଭାବରେ ଏଥିରେ ଥିଲେ । ସମସ୍ତ ତିନି ଅଧିକାରୀ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ, ମେଜର ଜେନେରାଲ ମେହେଟ୍ଟା ଏବଂ ଅନ୍ୟ ଦୁଇ ଅଧିକାରୀଙ୍କ ସହିତ ଏକ ସେଲ୍ଫି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।

## ଆମେରିକାରେ ଇବୋଲା ଆତଙ୍କ ଗ୍ରୀନ୍ କାର୍ଡ ହୋଲ୍ଡରଙ୍କ ଏଣ୍ଟ୍ରି ଉପରେ ରୋକ୍

ନୂଆଦିଲ୍ଲୀ, ୨୩।୫: କଙ୍ଗୋ ଓ ୟୁଗାଣ୍ଡାରେ ଦ୍ରୁତ ଗତିରେ ବ୍ୟାପିଥିବା ଇବୋଲା ଭାଇରସର ବିପଦ ଆମେରିକାରେ ପହଁଞ୍ଚିଛି । ଆମେରିକା ସେହି ଗ୍ରୀନ୍ କାର୍ଡ ହୋଲ୍ଡରଙ୍କ ଦେଶରେ ପ୍ରବେଶ ଉପରେ ରୋକ ଲଗାଇ ଦେଇଛି । ଯିଏକି ଗତ ୨୧ ଦିନରେ କଙ୍ଗୋ, ୟୁଗାଣ୍ଡା ଓ ସୁଡାନରେ ରହିଛନ୍ତି । ଏହା ପଛରେ ଇବୋଲାକୁ ନେଇ ଚିନ୍ତାର ରହିଛି । ପୂର୍ବରୁ ଆମେରିକା ନାଗରିକ ଓ ଗ୍ରୀନକାର୍ଡ ହୋଲ୍ଡରଙ୍କୁ ୩୦ ଦିନ ଇବୋଲା କଟକଣାରୁ ଛାଡ ଦେଇଥିଲେ, କିନ୍ତୁ ଶୁକ୍ରବାର ଗ୍ରୀନ୍ କାର୍ଡଧାରୀଙ୍କୁ ମଧ ଏଥିରେ ସାମିଲ କରି ଦିଆଯାଇଛି । ଆମେରିକାର ସେଣ୍ଟ୍ରାଲ ଫର ଡିଜିଜ୍ କନଟ୍ରୋଲ ଶୁକ୍ରବାର କହିଛି ଯେ, ଭାଇରସକୁ ଦେଶରେ ପ୍ରବେଶରୁ ରୋକିବା ପାଇଁ ଗ୍ରୀନ୍ କାର୍ଡଧାରୀଙ୍କୁ ମଧ କଟକଣା ଲଗାଇବା ଆବଶ୍ୟକ ଥିଲା । ସିଡିସି ସବୁଠାରୁ ପ୍ରଥମେ ସୋମବାର ଆମେରିକାର ସାର୍ବଜନୀନ ସ୍ୱାସ୍ଥ୍ୟ ଆଇନର ୪୨ ଅନୁସାରେ ପ୍ରବେଶ ଉପରେ କଟକଣା ଲଗାଇଥିଲା । ଏହି ଆଇନ ସଙ୍ଘୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମହାମାରୀ ରୋକିବା ପାଇଁ ପ୍ରବାସୀଙ୍କୁ ଦେଶରେ ପ୍ରବେଶ କରିବାର ଅଧିକାର ଦେଇଥାଏ ।

## ହାଇଦ୍ରାବାଦରେ ବରିଷ୍ଠ ଆଇନଜୀବୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଅଭିଯୋଗ

ନୂଆଦିଲ୍ଲୀ, ୨୩।୫ :ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦର ମାସାବ୍ ଟ୍ୟାଙ୍କ ଅଞ୍ଚଳରେ ଶନିବାର ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଗାଡ଼ି ଧକ୍କା ଦେଇ ହତ୍ୟା କରାଯାଇଥିବା ଏକ ସନ୍ଦେହଜନକ ମାମଲା ସାମ୍ନାକୁ ଆସିଛି । ମୃତକ ୬୩ ବର୍ଷୀୟ ଖାଜା ମୋଇଜୁଦ୍ଦିନ ବୋଲି ଚିହ୍ନଟ କରାଯାଇଛି । ସୂଚନା ଅନୁଯାୟୀ, ମୋଇଜୁଦ୍ଦିନ ନିଜ ଘର ବାହାରେ ଠିଆ ହୋଇ ନିଜ ଟୟୋଟା ଇନୋଭା ଗାଡ଼ି ଭିତରେ ବ୍ୟାଗ୍ ରଖୁଥିବା ସମୟରେ, ଏକ ଦ୍ରୁତଗତିରେ ଆସୁଥିବା ସବୁଜ ରଙ୍ଗର ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ହଠାତ୍ ନିଜର ଗତିପଥ ବଦଳାଇ ସ୍ପିଡରେ ତାଙ୍କୁ ଧକ୍କା ଦେଇଥିଲା । ସେ ନିଜ ଗାଡ଼ିଠାରୁ ପ୍ରାୟ ୧୫-୨୦ ଫୁଟ୍ ଦୂରକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ମହାବୀର ହସ୍ପିଟାଲ ଓ ପରେ ଅଧିକ ଚିକିତ୍ସା ପାଇଁ ଅନ୍ୟ ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୋଇଜୁଦ୍ଦିନଙ୍କ ପୁଅ ତଥା ଆଇନଜୀବୀ ମହମ୍ମଦ ଫରହାନ ଅଭିଯୋଗ କରିଛନ୍ତି ଯେ, ଏହା କୌଣସି ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ହତ୍ୟାକାଣ୍ଡ । ତାଙ୍କ ପିତା ଦୀର୍ଘ ଦିନ ଧରି ବେଆଇନ ୱାକଫ୍ ଜମି ଜବରଦଖଲ ଓ ଏହାର ବେସରକାରୀକରଣ ବିରୋଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଲଢ଼େଇ ଲଢୁଥିଲେ । ଏହି କାରଣରୁ ପୂର୍ବରୁ ମଧ ତାଙ୍କୁ ଅନେକ ଥର ଜୀବନରୁ ମାରିଦେବାକୁ ଧମକ ଏବଂ ଆକ୍ରମଣର ସାମ୍ନା କରିବାକୁ ପଡ଼ିଥିଲା ।

## ହଠାତ୍ ଆକାଶପଥ ବନ୍ଦ କଲା ଇରାନ

ତେହେରାନ, ୨୩।୫: ମଧ୍ୟପ୍ରାଚ୍ୟରୁ ଏକ ବଡ଼ ଖବର ଆସିଛି । ଆମେରିକା ସହିତ ଯୁଦ୍ଧର ବଢୁଥିବା ଆଶଙ୍କା ମଧ୍ୟରେ, ଇରାନ ହଠାତ୍ ନିଜର ପଶ୍ଚିମ ଆକାଶ ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ଇରାନର ଏହି ହଠାତ୍ ନିଷ୍ପତ୍ତି ସାରା ବିଶ୍ୱକୁ ଆଚମ୍ବିତ କରିଛି, ଏବଂ ଏହି ଅଞ୍ଚଳରେ ଯେକୌଣସି ସମୟରେ ଏକ ବଡ଼ ସାମରିକ ଆକ୍ରମଣ ହୋଇପାରେ ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଏହି ଉତ୍ତେଜନା ୱାସିଂଟନ ଉପରେ ମଧ ସିଧାସଳଖ ପ୍ରଭାବ ପକାଉଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇତିମଧ୍ୟରେ ସମସ୍ତ ସରକାରୀ ଯାତ୍ରା ଏବଂ କାର୍ଯ୍ୟ ବାତିଲ କରିଛନ୍ତି । ଏପରିକି ସେ ତାଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅରଙ୍କ ବିବାହରେ ଯୋଗ ଦେବା ପରିବର୍ତ୍ତେ ଜରୁରୀକାଳୀନ ପରିସ୍ଥିତିକୁ ସମ୍ଭାଳିବା ପାଇଁ ହ୍ୱାଇଟ୍ ହାଉସକୁ ଫେରି ଆସିଛନ୍ତି । ଇରାନର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏନେଇ ମେ' ୨୫ ପର୍ଯ୍ୟନ୍ତ ନୋଟାମ୍ ଜାରି କରିଛନ୍ତି ।

## ଶୁଭେନ୍ଦୁ ସରକାରଙ୍କ ଆକ୍ସନ ମାଟିରେ ମିଶିଲା ଟିଏମସି କାର୍ଯ୍ୟାଳୟ



କୋଲକାତା, ୨୩।୫: ପଶ୍ଚିମବଙ୍ଗରେ ବିଜେପି ସରକାର ଆସିବା ଦିନରୁ ଆକ୍ସନ ମୁଡରେ ରହିଛି । ଅବୈଧ ନିର୍ମାଣ ହୋଇଥିବା କୋଠରେ ବୁଲୁଛି ବୁଲଡୋଜର ଏବଂ ମାଟିରେ ମିଶୁଛି କୋଠା । ଏହାରି ଭିତରେ ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର ଆସନସୋଲର ବର୍ଣ୍ଣପୁର ଅଞ୍ଚଳରେ ଥିବା ଏକ ଟିଏମସି କାର୍ଯ୍ୟାଳୟକୁ ଭଙ୍ଗାଯାଇଛି । ବର୍ଣ୍ଣପୁର ରେଲୱେ ଷ୍ଟେସନ ନିକଟରେ ରହିଥିବା କାଉନସିଲର ଅଶୋକ ରୁଦ୍ରଙ୍କ ଦଳୀୟ କାର୍ଯ୍ୟାଳୟରେ ବୁଲିଛି ବୁଲଡୋଜର । ସେ ଦୀର୍ଘଦିନ ହେବ ଟିଏମସିରୁ କାଉନସିଲର ରହି ଆସିଛନ୍ତି । ତେବେ ଏହି କାର୍ଯ୍ୟାଳୟର ଜମି ଇଣ୍ଡିଆ ଆଇରନ ଆଣ୍ଡ ଷ୍ଟିଲ୍ କମ୍ପାନୀ ନାମରେ ରହିଥିଲା । ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ କାର୍ଯ୍ୟାଳୟକୁ ଭଙ୍ଗାଯାଇଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ପୁଲିସ ଫୋର୍ସ ମଧ ଉପସ୍ଥିତ ରହିଥିଲେ । ତେବେ ଏହି ପାର୍ଟି ଅଫିସ ଭଙ୍ଗାହେବା ପରେ ଏହା ଚତୁର୍ଥ ଆକ୍ସନ ହୋଇଛି । ପୂର୍ବରୁ ଏଭଳି ଟିଏମସିର ତିନୋଟି କାର୍ଯ୍ୟାଳୟ ମାଟିରେ ମିଶିଛି । ସେପଟେ ବିଜେପିର ଏଭଳି ଆକ୍ସନ ପରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ଟିଏମସି ପକ୍ଷରୁ ଏଭଳି ଆକ୍ରମଣାତ୍ମକ ରାଜନୀତିକୁ ସମାଲୋଚନା କରାଯାଇଛି । ଜାଣିଶୁଣି ବାଛି ବାଛି କାର୍ଯ୍ୟାଳୟ ଭଙ୍ଗାଯାଉଥିବା ନେଇ ଅଭିଯୋଗ କରିଛନ୍ତି । ପ୍ରଶାସନ ପକ୍ଷରୁ କୁହାଯାଇଛି କି, ପୂର୍ବରୁ ନୋଟିସ ହେବା ପରେ ମଧ ଶୁଣିନଥିଲେ । ସେଥି ପାଇଁ ଭଙ୍ଗା ଯାଉଥିବା କୁହାଯାଇଛି । ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି କି, ଯେଉଁମାନେ ଏଭଳି ଜବରଦଖଲ କରିଥିବେ ସେ ସବୁକୁ ଆଗାମୀ ଦିନରେ ଭଙ୍ଗାଯିବ ।

## ଭାରତ ପାଇଁ ଗୌରବ ଆଣିଲେ ମେଜର ଅଭିଳାଷା
## ଲେବାନନ୍ ମିଶନରେ ଚମତ୍କାର ପ୍ରଦର୍ଶନ ଲାଗି ଜାତିସଂଘ କରିବ ପୁରସ୍କୃତ




ନୂଆଦିଲ୍ଲୀ, ୨୩/୫: ଲେବାନନରେ ମିଳିତ ଜାତିସଂଘ ଶାନ୍ତିରକ୍ଷା ମିଶନରେ କାର୍ଯ୍ୟ କରୁଥିବା ଭାରତୀୟ ଶାନ୍ତିରକ୍ଷୀ ମେଜର ଅଭିଳାଷା ବାରାକଙ୍କୁ ୨୦୨୫ ମସିହାର ଜାତିସଂଘ ଲିଙ୍ଗ ପ୍ରବକ୍ତା ପୁରସ୍କାର(ୟୁଏନ୍ ଜେଣ୍ଡର ଆଡଭୋକେଟ୍ ଅଫ୍ ଦି ଇୟର ଆୱାର୍ଡ-୨୦୨୫) ପାଇଁ ମନୋନୀତ କରାଯାଇଛି । ଲେବାନନରେ ତାଙ୍କର ନିୟୋଜିତ ସମୟରେ ମହିଳା ଏବଂ ଝିଅମାନଙ୍କ ପ୍ରତି ତାଙ୍କର ଯୋଗାଯୋଗ ପ୍ରସାର ପ୍ରୟାସ ପାଇଁ ଅଭିଳାଷାଙ୍କୁ ୨୦୨୫ ମସିହାର ଜାତିସଂଘ ସାମରିକ ଲିଙ୍ଗ ପ୍ରବକ୍ତା ପୁରସ୍କାର ପ୍ରଦାନ କରାଯିବ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଜାତିସଂଘରେ ଭାରତର ସ୍ଥାୟୀ ମିଶନ କହିଛି, ଗର୍ବର ସହିତ ଘୋଷଣା କରାଯାଉଛି ଯେ, ମେଜର ଅଭିଳାଷା ବାରାକଙ୍କୁ ୨୦୨୫ମସିହାର ଜାତିସଂଘର ସାମରିକ ଲିଙ୍ଗ ଅଧିବକ୍ତା ପୁରସ୍କାର ପ୍ରଦାନ କରାଯିବ । ମହିଳା ଏବଂ କିଶୋରୀ ଝିଅମାନଙ୍କ ସହ ତାଙ୍କର ଯୋଗାଯୋଗ, ସାମୁଦାୟିକ କାର୍ଯ୍ୟକଳାପ ଏବଂ ଶାନ୍ତିରକ୍ଷୀମାନଙ୍କ ପାଇଁ ଲିଙ୍ଗ ସମ୍ବେଦନଶୀଳତା ତାଲିମ ପାଇଁ ତାଙ୍କୁ ସମ୍ମାନିତ କରାଯାଉଛି । ଅଭିଳାଷା ଲେବାନନରେ ମିଳିତ ଜାତିସଂଘର ମଧ୍ୟବର୍ତ୍ତୀକାଳୀନ ବାହିନୀର ଭାରତୀୟ ବାଟାଲିୟନରେ ମହିଳା ଏନଗେଜମେଣ୍ଟ ଟିମ୍ (ଏଫ୍‌ଇଟି)ର କମାଣ୍ଡର ଭାବରେ କାର୍ଯ୍ୟ କରୁଛନ୍ତି । ମେଜର ଅଭିଳାଷା ବାରାକ ମଧ ଭାରତୀୟ ସେନାର ପ୍ରଥମ ମହିଳା ଯୁଦ୍ଧ ହେଲିକପ୍ଟର ପାଇଲଟ । ତାଙ୍କୁ ମେ ୨୯ ତାରିଖରେ ଜାତିସଂଘ ମୁଖ୍ୟାଳୟରେ ସମ୍ମାନିତ କରାଯିବ । ବିଶ୍ୱ ସଂଗଠନ ପ୍ରତିବର୍ଷ ମେ' ୨୯ ତାରିଖରେ ପାଳିତ ଆନ୍ତର୍ଜାତୀୟ ଜାତିସଂଘ ଶାନ୍ତିରକ୍ଷୀ ଦିବସ ଆୟୋଜନ କରିଥାଏ । ଏହା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ, କାରଣ ବାରାକ ହେଉଛନ୍ତି ଦେଶର ତୃତୀୟ ମହିଳା ଯିଏକି ଲିଙ୍ଗଗତ ସମାନତା ଉପରେ ତାଙ୍କ କାର୍ଯ୍ୟ ପାଇଁ ଏହି ପୁରସ୍କାର ପାଇଛନ୍ତି । ତାଙ୍କ ପୂର୍ବରୁ, ମେଜର ସୁମନ ଗାୱାନି ଏବଂ ମେଜର ରାଧିକା ସେନଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନରେ କାର୍ଯ୍ୟ କରିବା ସମୟରେ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି ।ସୂଚନାଯୋଗ୍ୟ, ଅଭିଳାଷା ବାରାକ ହରିୟାଣାର ଜଣେ ଭାରତୀୟ ସେନା ଅଧିକାରୀ ।



ସାଇପ୍ରସ୍ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍‌ଙ୍କ ଭାରତ ଗସ୍ତ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କୁ ସାକ୍ଷାତ ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ଆଜୀବନ କାରାଦଣ୍ଡ

କଟକ(ନିପ୍ର) : ଜଣେ ନାବାଳିକାଙ୍କୁ ଦୀର୍ଘ ଦିନ ଧରି ଦୁଷ୍କର୍ମ କରିବା ଘଟଣାରେ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଚୂଡ଼ାନ୍ତ ରାୟ ପ୍ରକାଶ କରି ମାମଲାର ମୁଖ୍ୟ ଅଭିଯୁକ୍ତ ସାବତ ପିତା ରଞ୍ଜିତ କୁମାର ମିଶ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଝାରସୁଗୁଡ଼ା ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକା ନିଜ ସାବତ ପିତା ରଞ୍ଜିତ କୁମାର ମିଶ୍ରଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୁକ୍ତ ନାବାଳିକାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ କ୍ରମାଗତ ଭାବେ ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଘଟଣା ସଂକ୍ରାନ୍ତରେ ଅଭିଯୋଗ ପାଇବା ମାତ୍ରେ ଝାରସୁଗୁଡ଼ା ପୋଲିସ ତୁରନ୍ତ ୨୦୨୪ରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା । ଝାରସୁଗୁଡ଼ା ଏସପି ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୋଲିସ ନିଷ୍ଠାର ସହ ସମସ୍ତ ପ୍ରମାଣ ସଂଗ୍ରହ କରି ମାତ୍ର ୫୮ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ଏହାପରେ ମାତ୍ର ୨୬ ଦିନ ମଧ୍ୟରେ କୋର୍ଟରେ ଚାର୍ଜ ଫ୍ରେମିଂ ହୋଇ ବିଚାର କାର୍ଯ୍ୟ ଆରମ୍ଭ ହୋଇଥିଲା । ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ପୋଲିସର 'ଜିରୋ ଟଲରାନ୍ସ' ନୀତି ଯୋଗୁଁ ଏହିପରି ସଂବେଦନଶୀଳ ମାମଲାରେ ଅପରାଧୀଙ୍କୁ ଅତି କମ୍ ସମୟ ମଧ୍ୟରେ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉଛି।

## ପୋଲିସ୍ ଏସ୍ଆଇ ସ୍କାମ୍: ୧୭ ଜଣଙ୍କ ଜାମିନ ଖାରଜ

କଟକ,(ନିପ୍ର): ପୋଲିସ୍ ଏସଆଇ ସ୍କାମ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ସମେତ ୧୭ ଜଣଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ତଦନ୍ତର ତଥ୍ୟ ଓ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ହାଇକୋର୍ଟରେ ଜାମିନ ଖାରଜ ହୋଇଛି। ଅସ୍ତ୍ରୋପଚାର ପାଇଁ ମୁନା ମହାନ୍ତିଙ୍କ ଅନ୍ତରୀଣ ଜାମିନ ଅବଧି ବୃଦ୍ଧି ଖାରଜ କରାଯିବା ସହ ୩ ସପ୍ତାହ ମଧ୍ୟରେ ମୁନା ମହାନ୍ତି ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପୋଲିସ ଏସ ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ପାଇଁ ମୁନା ମହାନ୍ତି, ଶଙ୍କର ପୃଷ୍ଟି ଏବଂ ସିଲିକନ ମାଲିକ ସୁରେଶ ନାୟକ ଷଡଯନ୍ତ୍ର କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ପ୍ରାର୍ଥୀ ଯୋଗାଡ଼ କରିବା ଏବଂ ସହଯୋଗ କରିଥିବା ନେଇ ସିବିଆଇ ତଦନ୍ତରୁ ସ୍ପଷ୍ଟ ହୋଇଛି। ଅଭିଯୁକ୍ତଙ୍କ ଏହି କାର୍ଯ୍ୟ ଯୋଗୁଁ ପୋଲିସ ଏସ ଆଇ ପରୀକ୍ଷା ଦୁଇ ଦୁଇ ଥର ବାତିଲ ହୋଇଛି ଫଳରେ ଲକ୍ଷ ଲକ୍ଷ ମେଧାବୀ ଆଶାୟୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି ବୋଲି ସିବିଆଇ ପକ୍ଷରୁ କୋର୍ଟରେ ଯୁକ୍ତିରେ ଦର୍ଶାଯାଇଥିଲା।

## ବନ୍ଧୁକ ଦେଖାଇ କଳାକନା ବୁଲାଇଲେ

ଭଦ୍ରକ(ନିପ୍ର): ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବରୁଳି ଗାଁରେ ବନ୍ଧୁକ ମୁନରେ ଲୁଟ। ସୂଚନାଅନୁଯାଇ ଏହି ଗାଁର ଗଙ୍ଗାଧର ମଲ୍ଲିକ ନିଜ ପରିବାର ସହ ଘରେ ଥିବା ସମୟରେ ସାତ ଜଣ ଡକାୟତ ହାତରେ ବନ୍ଧୁକ ଛୁରୀ ଦେଖାଇ ଭୟଭୀତ କରି ସୁନା ଗହଣା ସହ ୨୨ ଲକ୍ଷ ଲୁଟି ନେଇଥିବା ଅଭିଯୋଗ ହେଇଛି। ବିଳମ୍ବିତ ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ନିକଟ ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ କେନାଲ ବନ୍ଧ ଗଙ୍ଗାଧର ମଲ୍ଲିକଙ୍କ ଘରୁ ଡକାୟତି ହୋଇଛି। ଗତକାଲି ରାତ୍ରୀରେ ୭-୮ ଜଣ ଡକାୟତ ଆସି ପରିବାର ଲୋକଙ୍କୁ ଭୟଭୀତ କରି ୨୨ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ। ଗଙ୍ଗାଧର ଜମି କିଣିବାକୁ ଟଙ୍କା ରଖିଥିବା ବେଳେ ଜମି କିଣିବା ପୂର୍ବରୁ ଲୁଟିନେଲେ ଲୁଟେରା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜମି ଦେବା ନାଁରେ ମହିଳାଙ୍କୁ ଠକେଇ

ଭୁବନେଶ୍ୱର,(ନିପ୍ର): ଜମି ଦେବା ନାଁରେ ଜଣେ ମହିଳାଙ୍କ ଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଇମ୍ଫୋଭ୍ୟାଲି ଥାନା ପୋଲିସ ଶନିବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ରତିରଞ୍ଜନ ରଥ ଓ ତାଙ୍କ ଘର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣରେ ବୋଲି ଜଣାପଡିଛି। ଏନେଇ ଠକେଇର ଶିକାର ଜସ୍ମିନ ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ନୟାଗଡ ଜିଲ୍ଲା ଫତେଗଡ ନିବାସୀ । ଅଭିଯୁକ୍ତ ରତିରଞ୍ଜନ ରଥ ତାଙ୍କୁ ଇନଫୋଭ୍ୟାଲି ଥାନା ଅଞ୍ଚଳରେ ଏକ ପ୍ଲଟ୍ କିଣିବାକୁ ପ୍ରବର୍ତ୍ତାଇଥିଲେ ଏବଂ ଏପ୍ରିଲ ୨୦୨୫ ରେ ଜଟଣୀ ତହସିଲ ଅନ୍ତର୍ଗତ ଯାଁଳା ମୌଜାରେ ଥିବା ଏକ ପ୍ଲଟ୍ ତାଙ୍କୁ ଦେଖାଇଥିଲେ । ଅଭିଯୁକ୍ତଙ୍କ ପ୍ରତିନିଧିତ୍ୱକୁ ବିଶ୍ୱାସ କରି, ସେ ଜମି ବୁକିଂ ପାଇଁ ୟୁପିଆଇ ଜରିଆରେ ୩୩ ହଜାର ଟଙ୍କା ଅଗ୍ରୀମ ରାଶି ବାବଦକୁ ଅଭିଯୁକ୍ତଙ୍କୁ ଦେଇଥିଲେ । ପରବର୍ତ୍ତୀ ସମୟରେ, ଜମିର କାଗଜପତ୍ର ଯାଞ୍ଚ ସମୟରେ, ସେ ଜାଣିପାରିଲେ ଯେ ଜମି ସମ୍ପର୍କିତ ଅନେକ ଆବଶ୍ୟକୀୟ ଏବଂ ବୈଧ କାଗଜପତ୍ର ଉପଲବ୍ଧ ନାହିଁ ଏବଂ ଅଭିଯୁକ୍ତ ସଠିକ୍ କାଗଜପତ୍ର ତାଙ୍କୁ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଯେତେବେଳେ ସେ ଅଗ୍ରୀମ ରାଶି ଫେରସ୍ତ ପାଇଁ ଦାବି କରିବାରୁ, ଅଭିଯୁକ୍ତ ରତି ରଞ୍ଜନ ରଥ ଏବଂ ତାଙ୍କ ପତ୍ନୀ ଅମ୍ରିତା ରଥ (ଯାହାଙ୍କ ୟୁପିଆଇ ଆକାଉଣ୍ଟରେ ଟଙ୍କା ଜମା ହୋଇଥିଲା), ଟଙ୍କା ଫେରାଇବାଲାଗି ବାରମ୍ବାର ପ୍ରତିଶ୍ରୁତି ଦେଇଚାଲି ଥିଲେ ମଧ ଟଙ୍କା ଫେରସ୍ତ କରିବାରେ ବିଫଳ ହୋଇଥିଲେ । ଏହିପରି ଭାବେ ଅଭିଯୁକ୍ତ ପତିପତ୍ନୀ ତାଙ୍କୁ ଠକିଥିଲେ ଏବଂ ଅସତ୍ ଭାବରେ ତାଙ୍କ ଟଙ୍କା ହଡ଼ପ କରିଥିଲେ।

## ବେଆଇନ ବାଲିଚାଲାଣ: ୨ ଟ୍ରକ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର,(ନିପ୍ର): ବେଆଇନ ଭାବେ ବାଲିଚାଲଣ କରୁଥିବା ଅଭିଯୋଗରେ ପାହାଳ ଥାନା ପୋଲିସ ଶନିବାର ଦୁଇଟି ଟ୍ରକକୁ ଜବତ କରିବା ସହ ଗାଡିର ଡ୍ରାଇଭର ଦ୍ୱୟଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ଦ୍ୱୟ ହେଉଛନ୍ତି,ବାଲିପାଟଣା ଥାନା ଅନ୍ତର୍ଗତ ବଡଖଣ୍ଡିମେଳକର ଅଶୋକ କୁମାର ନାୟକ (୩୪) ଓ ଫୁଲନଖରାର ଟିକନ ପିରୋଇ (୩୦)। ଗିରଫ ଦୁଇ ଚାଳକଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବାଲି ବୋଝେଇ ଟ୍ରକ୍ ଦୁଇଟିକୁ ପୋଲିସ ଜବତ କରିଛି।

## ୨୮ ଦିନରେ ପ୍ରକାଶ ପାଇଲା ରାୟ ଚୋରକୁ ୬ ମାସ ଜେଲ

ଭୁବନେଶ୍ୱର,(ନିପ୍ର): ଏକ ପର୍ସ ଚୋରି ମାମଲାର ବିଚାରକରି ଶନିବାର ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟର ବିଚାରପତି ଅମିତ କୁମାର ଅଭିଯୁକ୍ତ ଚୋରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପଞ୍ଚୁ ରାୟକୁ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏନେଇ ଗତ ଏପ୍ରିଲ ୨୩ ତାରିଖ ଦିନ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ୨୮ ଦିନ ଭିତରେ ପୋଲିସ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରିଥିବାରୁ ଅଦାଲତ ତ୍ୱରିତ ରାୟ ଦେଇପାରିଛନ୍ତି। ଏନେଇ ବସନ୍ତ କୁମାର ନାୟକ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖାରବେଳନଗର ଥାନା କେସ୍ ନମ୍ବର-୨୫୭/୨୦୨୬, ଧାରା-୩୦୩ (୨) ବିଏନଏସରେ ମାମଲା ପଞ୍ଜୀକରଣ ହୋଇଥିବା ବେଳେ, ଥାନା ସବ-ଇନ୍ସପେକ୍ଟର ବିଚିତ୍ର କୁମାର ଜେନାଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା । ସବ-ଇନ୍ସପେକ୍ଟର ଶ୍ରୀ ଜେନା ତଦନ୍ତ ସମୟରେ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଏହି ଚୋରି ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତ ପଞ୍ଚୁ ରାୟଙ୍କୁ ତୁରନ୍ତ ଗିରଫ କରିଥିଲେ। ଅଦାଲତ ମୋଟ ୬ଜଣ ସାକ୍ଷୀଙ୍କ ବୟାନ ଏବଂ ୪ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ବିଚାର କାର୍ଯ୍ୟର ସମୁଦାୟ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ବିଚାର କାର୍ଯ୍ୟ ପରିସମାପ୍ତି କରିଛନ୍ତି ।

# ଦେଢ଼ବର୍ଷରେ ଭିଜିଲାନ୍ସ ଜାଲରେ ୪୭ ଯନ୍ତ୍ରୀ

କଟକ(ନିପ୍ର) : ଗତ ଦେଢ଼ବର୍ଷ ମଧ୍ୟରେ ପିସି ନେଇ ୪୭ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଲେଣି। ଦୁର୍ନୀତିଖୋର ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମରୁ କାହାର ଆଖି ପଡୁନି, ଭିଜିଲାନ୍ସ ନଜରକୁ ଆସିବା ବେଳକୁ ବେଆଇନ ସମ୍ପତ୍ତିକୁ ଆଖି ପାଉନି। ଚଢ଼ଉ ବେଳେ କାହାର ଆଖି ତରାଟିବା ଭଳି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଶ୍ଚର୍ଯ୍ୟ କରୁଛି ତ ପୁଣି କାହାଘରେ ଟଙ୍କାର ପାହାଡ଼ ଦେଖି କାବା ହୋଇଯାଉଛି ଭିଜିଲାନ୍ସ ଟିମ୍। ୨୦୨୫ ମେ' ୩୦ରେ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ତାଙ୍କ ଘରୁ ୨ କୋଟି ୫୬ ଲକ୍ଷ ନଗଦ ଟଙ୍କା ଜବତ ହୋଇଥିଲା। ଚଢ଼ଉ ବେଳେ ୩୦ ଲକ୍ଷ ଟଙ୍କା ସେ ଝରକା ବାଟେ ବାହାରକୁ ଫୋପାଡ଼ି ସାରା ଦେଶରେ ଚର୍ଚ୍ଚାକୁ ଆସିଥିଲେ। ଚଢ଼ଉ ପରେ ବାବୁଙ୍କର ୯ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା।କେବଳ ବୈକୁଣ୍ଠନାଥ ନୁହନ୍ତି ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍ କାବା ହୋଇଥିଲା। ୫ କୋଟିରୁ ଅଧିକ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ମିଳିଥିଲା। ସେହିଭଳି ଦୁଇଦିନ ତଳେ ଭବାନୀପାଟଣା କୋଠାବାଡ଼ି ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କ ୯୭ଟି ପ୍ଲଟ୍ ଠିକଣା ପାଇଥିଲା ଭିଜିଲାନ୍ସ। ଦୁଇ ଦୁଇଟି ଫାର୍ମ ହାଉସ ସହ ୫ଟି ବହୁତଳ ପ୍ରାସାଦକୁ ମଧ ଠାବ କରାଯାଇଥିଲା। ଏଭଳି ଅସାଧୁ ଅଧିକାରୀମାନେ କେମିତି କୋଟିକୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରୁଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରଥମରୁ କଳାଧନ ଅର୍ଜନ କରୁଥିବା ଯନ୍ତ୍ରୀଙ୍କ ଉପରେ କାହିଁକି କାହାର ନଜର ପଡୁନି ? କୋଟିକୋଟି ଟଙ୍କାର ସମ୍ପତ୍ତି ଠୁଳ କରିବା ପରେ ଭିଜିଲାନ୍ସ ଧରୁଛି, ହେଲେ ଏହି ସମୟ ମଧ୍ୟରେ ସେମାନେ ସମ୍ପର୍କୀୟ ଓ ବନ୍ଧୁଙ୍କ ନାମରେ ମଧ କୋଟିକୋଟି ଟଙ୍କାର ସମ୍ପତ୍ତି ରଖିଥିବା ଚର୍ଚ୍ଚା ହେଉଛି। ସେହିପରି ପୁଣି ଜଣେ ଯନ୍ତ୍ରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା କୋଲନରା ବ୍ଲକ ଗ୍ରାମ୍ୟ ଉନ୍ନୟନ ଜଳ ଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ଅଫିସ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ୨୦୨୫ରେ ଭିଜିଲାନ୍ସ ମୋଟ୍ ୨୦୫ଟି ମାମଲା ରୁଜୁ କରିବା ସହ ୩୩୯ ଦୁର୍ନୀତିଖୋର ଅଧିକାରୀଙ୍କୁ ଗିରଫ କରିଥିଲା। ଯେଉଁଥିରେ ୫୩ ଜଣ କ୍ଲାସ୍ ୱାନ୍ ଏବଂ ୩୬ ଜଣ ଯନ୍ତ୍ରୀଙ୍କ ତାଲିକା ରହିଥିଲା।

## ପାରିବାରିକ କଳହରୁ ଭିଣୋଇ ଛୁରା ମାଡ଼ରେ ଶଳା ଗୁରୁତର

ଆସିକା,(ନିପ୍ର): ଗଞ୍ଜାମ ଜିଲା ଆସିକା ବସ୍ଷ୍ଟାଣ୍ଡ ଠାରେ ଶନିବାର ପୂର୍ବାହ୍ନରେ ୧୦ଟା ସମୟରେ ଭିଣୋଇଙ୍କ ଛୁରାମାଡ଼ରେ ଶଳା ଗୁରୁତର ଆହତ ହୋଇଛନ୍ତି। ଆହତ ଶଳା ଜଣକ ହେଉଛନ୍ତି ବଡ଼ଗଡ଼ ଥାନା ଅନ୍ତର୍ଗତ ବାଖରକଟା ଗ୍ରାମର କଂସ ଡାକୁଆ (୨୫) ବୋଲି ଜଣାପଡ଼ିଛି। ଆକ୍ରମଣକାରୀ ଭିଣୋଇ ଶେରଗଡ଼ ଥାନା ଅନ୍ତର୍ଗତ ଖମାର ଗ୍ରାମର କୁନା ଡାକୁଆ(୩୫) ପାରିବାରିକ କଳହକୁ କେନ୍ଦ୍ର କରି ଶଳା ଓ ଭିଣୋଇଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଭିଣୋଇ କୁନା ଏଥିରେ ଉତ୍କ୍ଷିପ୍ତ ହୋଇ ପକେଟ୍‌ରେ ଧରିଥିବା ଏକ ଛୁରି ବାହର କରି ଶଳା କଂସଙ୍କୁ ଆକ୍ରମଣ କରିଥିଲେ। ଶଳା କଂସ ଗରୁତର ଅବସ୍ଥାରେ ଆସିକା ବସଷ୍ଟାଣ୍ଡରେ ଛଟପଟ ହେଉଥିବା ବେଳେ ଖବର ପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ କଂସକୁ ଆସିକା ମେଡିକାଲରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଥାଉକି ଗତ କିଛି ବର୍ଷ ହେବ କୁନା ଡାକୁଆ (୩୫) କଂସ ଡାକୁଆଙ୍କ ଭଉଣୀଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲା। ବିବାହ ପର ଠାରୁ ଛୋଟ ଛୋଟ କଥାରେ କୁନା ଡାକୁଆ ତା ସ୍ତ୍ରୀ କୁ ମାରାପିଟା କରେ ହେଲେ ପରିବାର ଲୋକ ଏଥିରେ ପ୍ରତିରୋଧ କରନ୍ତି ନାହିଁ କାରଣ ଭଉଣୀର ସଂସାର କାଳେ ଭାଙ୍ଗିଯିବ ବୋଲି। କିନ୍ତୁ ଆଜି ଗୁରୁତର ଆହତ କଂସ କହିବା ମୁତାବକ କୁନା ତା ସ୍ତ୍ରୀର ଅନ୍ୟ କାହା ସହିତ ପ୍ରେମ ସମ୍ପର୍କକୁ ନେଇ ସନ୍ଦେହ କରି ଆଜି ସକାଳେ ଠାକୁର ଛୁଇଁ ପ୍ରମାଣ କରିବାକୁ କହିଥିଲା। ତା ସ୍ତ୍ରୀ ପ୍ରମାଣ ନକରିବାରୁ କୁନା ତା ସ୍ତ୍ରୀକୁ ନିର୍ଦ୍ଧୁମ ମାଡ଼ ମାରିଥିଲା। ଏହି ଖବର ଜାଣିବା ପରେ କଂସ ଡାକୁଆ ନିଜ ଭିଣୋଇଙ୍କୁ କାହିଁକି ମୋ ଭଉଣୀ ମାରିଲ ବୋଲି ପଚାରିବାରୁ ଭିଣୋଇ କୁନା ଶଳା କଂସକୁ ଆସିକା ଆସିବାକୁ କହିଥିଲା କଂସ ଆସିକା ବସଷ୍ଟାଣ୍ଡରେ ପହଞ୍ଚି ଭିଣୋଇକୁ ବୁଝାଇବାକୁ ଚେଷ୍ଟା କରିବା ବେଳେ ଉତକ୍ଷିପ୍ତ ହୋଇ ପୂର୍ବ ଯୋଜନା ମୁତାବକ ଏକ ଛୁରୀରେ କଂସର ବାମ ହାତ କହୁଣୀ ଓ ଡାହାଣ ଜଙ୍ଘକୁ ଛୁରୀରେ ଭୁସି ଦେଇଥିଲା। ଛୁରାମାଡ଼ରେ ଆହତ କଂସକୁ ପୋଲିସ ଚିକିତ୍ସା ଲାଗି ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା ପ୍ରାଥମିକ ଚିକିତ୍ସା ପରେ କଂସଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି। ଅଭିଯୁକ୍ତ ଭିଣୋଇ କୁନା କୁ ଆସିକା ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

## କାର୍ ସହ ୧୪୦ କେଜି ଗଞ୍ଜେଇ ଜବତ:ଜଣେ ଗିରଫ




ଆସିକା (ନିପ୍ର): ଆସିକା ଅବକାରୀ ଇନ୍ସପେକ୍ଟର ବିବେକାନନ୍ଦ ପେରାଇ ଏକ ବିଶେଷ ସୂତ୍ରରୁ ଖବର ପାଇ କାଳଷଣ୍ଢପୁର ଛକ ନିକଟ ଆରୀୟାନ ପବ୍ଲିକ ସ୍କୁଲ ଠାରେ ସନ୍ଦେହରେ ଗୋଟିଏ ଓଡ଼ି ୦୨ଟି ୩୩୩୦ ନମ୍ବର ବିଶିଷ୍ଟ ମହିନ୍ଦ୍ରା ଏକ୍ସଇଉବି ୫୦୦ ଗାଡିକୁ ଅଟକାଇ ଯାଞ୍ଚ ସମୟରେ ସାତୋଟି ଜରି ବସ୍ତାରେ ୧୪୦ କିଲୋ ଗଞ୍ଜେଇ ଜବତ କରିବା ସହ ଏହି ଗଞ୍ଜେଇ ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ମହମ୍ମଦ ସଲିମ କୁରେସି (୩୨)କୁ ଗିରଫ କରିଛି। ଏହି ଗଞ୍ଜେଇକୁ କନ୍ଧମାଳ ନୂଆଗାଁରୁ ପଶ୍ଚିମବଙ୍ଗ ନେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି । ଅବକାରୀ ପୋଲିସ ଥାନା କେସ ନମ୍ବର ୨୧/୨୬ ରେ ମାମଲା ରୁଜୁକରି ଜମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି। ଏହି ଚଢ଼ାଉରେ ଅବକାରୀ ଏଏସଆଇ ସତ୍ୟ ବେହେରା କନଷ୍ଟେବଲ ଜି ଭୀମ,ଶ୍ରୀକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

## ନାବାଳିକା ଅପହରଣ: ଧରାପଡିଲା ଅଭିଯୁକ୍ତ




ଆସିକା (ନିପ୍ର): ଆସିକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ହିଞ୍ଜିଳିକାଟୁ ଥାନା ଲକ୍ଷ୍ମୀପୁର ଗ୍ରାମର ରୋହିତ ଦାସ (୨୬)ନାମକ ଜଣେ ଯୁବକଙ୍କୁ ଗିରଫ କରିଛି ଆସିକା ପୋଲିସ। ପ୍ରକାଶ ଥାଉକି ଆସିକା ବ୍ଲକ ଅନ୍ତର୍ଗତ ଗୋଟିଏ ଗ୍ରାମର ଜଣେ ନାବାଳିକା ହିଞ୍ଜିଳିକାଟୁ ମହାବିଦ୍ୟାଳୟରେ ପାଠ ପଢିବାକୁ ପ୍ରତିଦିନ ଯାଇଥାଏ। ଏହି ସମୟରେ ଉକ୍ତ ଯୁବକ ନାବାଳିକା ଜଣକ ଉପରେ ନଜର ରଖି ପ୍ରେମ ନିବେଦନ କରିଥିଲା। ଏହାପରେ ନାବାଳିକା ଜଣକୁ ଉକ୍ତ ଯୁବକ ଜୋର ଜବରଦସ୍ତ ଅପହରଣ କରିନେଇଥିଲା। ପରିବାର ଲୋକ ଏହି ବିଷୟରେ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଥାନା କେସ ନମ୍ବର ୨୨୮/୨୬ରେ ମାମଲା ରୁଜୁକରି ଥାନା ଏସଆଇ କୈଳାସ ସାହୁ ତଦନ୍ତ କରି ନାବାଳିକା ଜଣକୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଯୁବକକୁ ଗିରଫ କରି ଆସିକା କୋର୍ଟ ଚାଲାଣ କରିଥିଲେ। ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ପୋକ୍ସ ଜେଲ ପଠାଇଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ପୋଲିସ ପଞ୍ଝାରେ ୩ ଜଣିଆ ବାଇକ ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର,(ନିପ୍ର): ନୟାପଲ୍ଲୀ ଥାନା ପୋଲିସକୁ ଶନିବାର ଏକ ବଡଧରଣର ସଫଳତା ହାତରେ ଲାଗିଛି। ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲିବୁଲି ବାଇକ ଚୋରି କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୩ ଜଣିଆ ସଦସ୍ୟଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ୧୫ଟି ବାଇକ ସହ ୧୦ଟି ନକଲି ଚାବି,୭ଟି ନକଲି ସ୍ମାର୍ଟ କାର୍ଡ,୩ଟି ନକଲି ଆରସି ବୁକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପେଶାଦାର ବାଇକ ଲୁଟେରା ନୟାଗଡ ଶରଣକୁଳର ଆକାଶ ପ୍ରଧାନ ଓରଫ ସୋନୁ (୩୩),ପୁରୀ ବହ୍ମଗିରିର ରତ୍ନାକାର ସାହୁ ଓରଫ ରତନା (୪୧) ଓ ଗ୍ୟାରେଜ ମାଲିକ ବୁଦ୍ଧବାମନ ସାହୁ (୨୮)। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନୟାପଲ୍ଲୀ ଥାନା ପରିସରରେ ଶନିବାର ଅନୁଷ୍ଠିତ ଏକ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ଗିରଫ ଆକାଶ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୩୦ଟି ବାଇକ ଚୋରି ମାମଲା ରହିଥିବା ବେଳେ ରତନା ଓ ବୁଦ୍ଧବାମନ ନାମରେ ୩ଟି ଲେଖାଏଁ ମାମଲା ରହିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗିରଫ ସୋନୁ ଓ ରତନା ପଟିଆ ଅଞ୍ଚଳରେ ଭଡାରେ ରହୁଥିବା ବେଳେ ଦିନ ସମୟରେ ରାଜଧାନୀର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୁଲି ସୁବିଧା ସୁଯୋଗ ଦେଖି ନକଲି ବାଇକ ଚାବି ସହାୟତାରେ ଗାଡି ଚୋରି କରି ନେଇଥାନ୍ତି। ପରବର୍ତ୍ତୀ ସମୟରେ ଚୋରା ଗାଡିଗୁଡିକୁ ସେମାନେ ବହ୍ମଗିରି ଅଞ୍ଚଳରେ ଗ୍ୟାରେଜ କରିଥିବା ବୁଦ୍ଧିବାମନ ଦୋକାନରେ ପହଞ୍ଚାବା ପରେ ଏହାର ଇଞ୍ଜିନ ନମ୍ବର ଓ ଚେଚିସ ନମ୍ବରକୁ ପରିବର୍ତ୍ତନ କରାଯାଇଥାଏ। ପରେ ଉକ୍ତ ଗାଡି ଗୁଡିକୁ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀମାନଙ୍କୁ ଶାଗମାଛ ଦାମ୍‌ରେ ବିକ୍ରି କରିଥାନ୍ତି। ଗତ ୨୦ ତାରିଖ ଦିନ ନୟାପଲ୍ଲୀ ଥାନାରେ ଏକ ବାଇକ ଚୋରି ମାମଲା ଅଭିଯୋଗ ହେବା ପରେ ଥାନାଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏହି ମାମଲାରେ ଚୋରା ବାଇକ କିଣିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଡିସିପି ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣକ ଜୀବନ ଗଲା

ନିମାପଡ଼ା,(ନି.ପ୍ର.): ନିମାପଡ଼ା-ପିପିଲି ରାଜ୍ୟ ରାଜପଥର ରଟିଲୋ ଛକ ନିକଟରେ ଏକ ଅଜଣା ହାଇୱା ଧକ୍କାରେ ବରୁଣି ଛକ ଗ୍ରାମର ନାରାୟଣ ମହାନ୍ତି (୩୦) ମୃତ୍ୟୁବରଣ କରିଛନ୍ତି । ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଏକ ହାଇୱା ଧକ୍କା ଦେଇ ଦ୍ରୁତ ଗତିରେ ପଳାଇ ଥିଲା ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ପ୍ରକାଶ । ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନିମାପଡ଼ା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି । ତାଙ୍କ ମୋଟର ସାଇକେଲ ରାସ୍ତାରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା ।

## ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗାଡ଼ଭାଲୁ ମୃତ

ଜଟଣୀ (ନିପ୍ର): ସ୍ଥାନୀୟ ରେଳବାଇ ଲୋକୋ କଲୋନୀ ଠାରେ ଅବସ୍ଥିତ ଲୋକୋ ସେଟେଲମେଣ୍ଟ ସ୍କୁଲ ଆଖପାଖ ଅଞ୍ଚଳରେ କିଛି ଅଜଣା ଜନ୍ତୁ ଶୁକ୍ରବାର ଗୃହପାଳିତ ପଶୁ ଓ ଜନସାଧାରଣଙ୍କୁ ଆକ୍ରମଣ କରି ଆତଙ୍କ ସୃଷ୍ଟି କରିଥିବା ସାଧାରଣରେ ପ୍ରଚାରିତ ହୋଇଥିଲା ।ଯାହା ଫଳରେ ଉକ୍ତ ଅଞ୍ଚଳର ଲୋକମାନେ ଗତକାଲି ଠାରୁ ଭୟଭୀତ ଅବସ୍ଥାରେ ରହୁଥିଲେ । ତେବେ ଏହି ପରିପ୍ରେକ୍ଷୀରେ ଶନିବାର ଦିନ ସମୟରେ ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଜନ୍ତୁଟି ଲୋକଙ୍କ ହାବୁଡ଼ରେ ପଡ଼ିବା ଫଳରେ ଲୋକମାନେ ତାକୁ ଘେରିଯାଇ ମାରଣାସ୍ତ୍ରରେ ଆକ୍ରମଣ କରି ତାକୁ ଘଟଣା ସ୍ଥଳରେ ମାରିଦେଇଥିଲେ । ଅପରପକ୍ଷେ ଜନ୍ତୁଟିର ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ସୂଚନା ମିଳିଛି । ତେବେ ଜନ୍ତୁଟିକୁ ଦେଖିବାପରେ ଜଣାପଡିଛି ସେଇଟି ଏକ ଗାଡ଼ଭାଲୁ। ଅନ୍ୟ ପକ୍ଷରେ ଏ ବାବଦରେ ଶନିବାର ଖୋର୍ଦ୍ଧା ବନବିଭାଗ ରେଞ୍ଜରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇ ଘଟଣା ବାବଦରେ ସୂଚନା ଦିଆଯିବା ସହିତ ଜନତାଙ୍କ ସୁରକ୍ଷା ତଥା ଉକ୍ତ ଅଞ୍ଚଳରେ ଲୁଚି ରହିଥିବା ଅନ୍ୟ ଗାଡ଼ଭାଲୁ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଘଞ୍ଚ ଜଙ୍ଗଲରେ ନେଇ ଛାଡିବା ପାଇଁ ଅନୁରୋଧ କରାଯାଇଥିଲା ଖବରପାଇ ରେଞ୍ଜର ଜୟକୃଷ୍ଣ ପଣ୍ଡା ଘଟଣାସ୍ଥଳକୁ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ନିକଟବର୍ତ୍ତୀ ଡେଲାଙ୍ଗ ରେଞ୍ଜରଙ୍କୁ ଅବଗତ କରାଇଥିଲେ ।

## ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀ ଗିରଫ

ଭୁବନେଶ୍ୱର,(ନିପ୍ର): ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସ୍ୱାମୀଙ୍କ ନାମ କାଲୁ ସାହୁ (୩୪) ଓ ତାଙ୍କ ଘର ଖଣ୍ଡୁଆଳ ବସ୍ତିରେ ବୋଲି ଜଣାପଡିଛି। ଏନେଇ ପତ୍ନୀ ସ୍ୱର୍ଣ୍ଣଲତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ କାଲୁ ହେଉଛନ୍ତି ଅଭିଯୋଗକାରିଣୀଙ୍କ ସ୍ୱାମୀ ଏବଂ ଉଭୟ ଭରତପୁର ଥାନା ଅନ୍ତର୍ଗତ ଖଣ୍ଡୁଆଳ ବସ୍ତିରେ ରୁହନ୍ତି । ଅଭ୍ୟୁକ୍ତଙ୍କର କୌଣସି ରୋଜଗାର ପନ୍ଥା ନଥିବା ବେଳେ ସେ ପ୍ରାୟ ନିଶାସକ୍ତ ଅବସ୍ଥାରେ ଅଭିଯୋଗକାରିଣୀଙ୍କୁ ଅଶ୍ଲୀଳ ଭାଷାରେ ଗାଳି ଦେବା ସହ ମାଡ ମଧ ମାରିଥାନ୍ତି। ଗତ ୨୦ତାରିଖ ସକାଳେ ଅଭିଯୁକ୍ତ କାମକୁ ଯାଉଥିବା ବେଳେ, ଅଧା ରାସ୍ତାରୁ ଫେରିଆସିଥିଲେ ଏବଂ ସାଙ୍ଗରେ ଆଣିଥିବା ଚିଙ୍ଗୁଡିକୁ ତରକାରୀ କରିବା ଲାଗି କହି ଘରୁ ପୁଣି ବାହାରି ଯାଇଥିଲେ । କିଛି ସମୟ ପରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଅଭିଯୋଗକାରିଣୀଙ୍କୁ ଚିଙ୍ଗୁଡି ତରକାରୀ ମାଗିଥିଲେ । ଅଭିଯୋଗକାରିଣୀ ତାଙ୍କୁ କିଛି ସମୟ ଅପେକ୍ଷା କରିବା ଲାଗି କହିବାରୁ ଅଭିଯୁକ୍ତ ତାଙ୍କ ସହିତ ଯୁକ୍ତିତର୍କ କରିଥିଲେ ଏବଂ ରନ୍ଧା ସରିଥିବା ଅଣ୍ଡାଫ୍ରାଇ ସାଙ୍ଗରେ ନେଇ ସାଙ୍ଗମାନଙ୍କ ସହ ମଦ୍ୟପାନ ପାଇଁ ବାହାରିଥିଲେ । ଏହା ଦେଖି ଅଭିଯୋଗକାରିଣୀ ତାଙ୍କର ବିରୋଧ କରିବାରୁ ଅଭିଯୁକ୍ତ ଜଣକ ଉତ୍ତେଜିତ ହୋଇ ଏକ ଡଙ୍କି ଏବଂ ପନିକି ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।

### ନକଲି ଏନ୍ଆଇଏ ଅଧିକାରୀ ଗିରଫ ମାମଲା

# ଆର୍ଥିକ କାରବାର ଖୋଳତାଡ଼ କରିବ ପୋଲିସ

ଭୁବନେଶ୍ୱର,(ନିପ୍ର): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଘଟଣା ନକଲି ଏନଆଇଏ ଅଫିସର ତଥା ଅଭିଯୁକ୍ତ ଆଶିଷ ରେଡ୍ଡି ଗିରଫ ହେବା ପରେ ଗୋଟିଏ ପରେ ଗୋଟିଏ ରହସ୍ୟ ଉନ୍‌ମୋଚନ ହେବାରେ ଲାଗିଛି । ଆଶିଷ ଗିରଫ ହେବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ) ଓ କମିଶନରେଟ୍ ପୋଲିସର ସନ୍ଦେହ ଘନିଭୂତ ହୋଇଛି । ଅଭିଯୁକ୍ତ ଆଶିଷର ଅର୍ଥ କାରବାରକୁ ନେଇ ଖୋଳତାଡ ଆରମ୍ଭ କରିଛି । ଅଭିଯୁକ୍ତ ଆଶିଷକୁ ରିମାଣ୍ଡରେ ନେବାକୁ ଯୋଜନା କରୁଛି କମିଶନରେଟ୍ ପୋଲିସ । ଏହି ଗ୍ୟାଙ୍ଗରେ ଆଉ କେଉଁ କେଉଁମାନଙ୍କ ସଂପୃକ୍ତି ରହିଛି କି ? ଆର୍ଥିକ କାରବାର ଓ ଯୁବତୀମାନଙ୍କୁ ମିଠା ମିଠା କଥା କହି ଫସାଇ ଅର୍ଥ ରୋଜଗାର କରିବା ଭଳି ଉଦ୍ୟମ ଘଟଣାର ଖୋଳତାଡ କରିବ କମିଶନରେଟ୍ ପୋଲିସ । ଅନ୍ୟପଟେ ଆଶିଷ ଦୁଇ ବର୍ଷ ହେବ



ନକଲି ଏନଆଇଏ ଅଧିକାରୀ ପରିଚୟ ଦେଇ କାଣ୍ଡ କରୁଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ଏହି ୨ ବର୍ଷରେ ଆଶିଷ ଅନେକ ଲୋକଙ୍କୁ ଠକିବା ସହ ଯୁବତୀଙ୍କୁ ଯୌନ ଶୋଷଣ କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ତା ଅର୍ଥ କାରବାରକୁ ନେଇ ଖୋଳତାଡ କରୁଛି। ଏଥିସହ ଆଶିଷକୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରିଛି। ଅନ୍ୟପଟେ ଅଭିଯୁକ୍ତ ଆଶିଷ ରେଡ୍ଡିର ପରିଚୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଖାରବେଳନଗର ଥାନା ପୋଲିସ ଏନେଇ ଦ୍ୱନ୍ଦ୍ୱରେ ପଡିଛି । ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଶିଷର ଘର ଦିଲ୍ଲୀ ନୁହେଁ ବ୍ରହ୍ମପୁର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦିଲ୍ଲୀ ଠିକଣା ମିଛ ବୋଲି ଜଣାପଡିଛି। ସେହିପରି ତା' ପାଖରେ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ମଧ ପରିଚୟ ମିଳିଛି । ତେବେ ସେ ଭୁବନେଶ୍ୱର କିଛି ଦିନ ହେବ ଆସିଥିଲା ଓ ନନ୍ଦନବିହାର ଅଞ୍ଚଳରେ ଏକ ହୋଟେଲରେ ରହୁଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଆଶିଷର ପ୍ରକୃତ ପରିଚୟ କ'ଣ ? ତା ପରିବାରରେ ଆଉ କିଏ କିଏ ଅଛନ୍ତି ଏବଂ ସେମାନେ କେଉଁଠି ରହିଛନ୍ତି । ତାହା ଜାଣିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି । ଆଶିଷ ପିଏଚଡି କରିଛି ବୋଲି ପୋଲିସକୁ କହିଛି । ହେଲେ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମଧ ସେ ମିଛ କହୁଥିବା ପୋଲିସ ସନ୍ଦେହ କରୁଛି । ତେଣୁ ଆଶିଷ କାହା ସହ ନିୟମିତ କଥା ହେଉଥିଲା, ତାହା ଜାଣିବାକୁ ପୋଲିସ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର) ମଗାଇଛି । ଥାନାରେ ମାମଲା ରୁଜୁ କରିବାକୁ ସାହାଯ୍ୟ କରିବା ଆଳରେ ଆଶିଷ, ଶାରୀରିକ ସମ୍ପର୍କ ରଖିଥିବା ଯୁବତୀଙ୍କୁ ଦୁଇ ବର୍ଷ ହେଲା ଜାଲରେ ଫସାଇଥିଲା । ଖାରବେଳନଗର ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ଏନେଇ କହିଛନ୍ତି ଯେ, ଜେରାବେଳେ ଆଶିଷର କଥାରେ ତାଳମେଳ ରହୁନଥିଲା । ସେ ଯେଉଁ ପରିଚୟ ଦେଇଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ କଲ୍ ଡିଟେଲ୍ସ ରିପୋର୍ଟ(ସିଡିଆର)ମଗେଇଛୁ । ରିପୋର୍ଟକୁ ଯାଞ୍ଚ କରିବା ପରେ ଅଧିକ ତଥ୍ୟ ମିଳିପାରିବ । ତାର ଦୁଇଟା ବ୍ୟାଙ୍କ ଆକାଉଣ୍ଟ ଥିବାବେଳେ ଟଙ୍କା କାରବାରର ରିପୋର୍ଟ ମଗାଯାଇଛି। ଅଧିକ ତଦନ୍ତ ଚାଲିଥିବା ବେଳେ ଆବଶ୍ୟକ ପଡିଲେ ଅଭିଯୁକ୍ତକୁ ରିମାଣ୍ଡରେ ଆଣିବୁ ବୋଲି ସେ କହିଛନ୍ତି।



# ଏସିଆନ ଗେମ୍ସ ଚୟନରେ ଭାଗନେବେ ଫୋଗଟ

ନୂଆଦିଲ୍ଲୀ, ୨୩।୫: ରେସଲର ଭିନେଶ ଫୋଗଟ ଆଗାମୀ ଏସିଆନ ଗେମ୍ସ ଚୟନ ପ୍ରକ୍ରିୟାରେ ଭାଗ ନେବେ। ଏଥିନେଇ ତାଙ୍କୁ ଦିଲ୍ଲୀ ହାଇକୋର୍ଟ ଅନୁମତି ପ୍ରଦାନ କରିବା ସହ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଚୟନ ନୀତିରେ ମାତୃତ୍ୱ ଲାଭ ପରେ ଫେରୁଥିବା ଭିନେଶଙ୍କ ଭଳି ଖେଳାଳିଙ୍କ ବିଚାର କରିବା ଲାଗି ବିବେକର ଅଭାବ ରହିଥିବା କହିଛନ୍ତି। ମୁଖ୍ୟ ବିଚାରପତି ଡି କେ ଉପାଧ୍ୟାୟ ଓ ଜଷ୍ଟିସ ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୩୦ ଓ ୩୧ ତାରିଖରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର ଜଣେ ଲେଖାଏଁ ଅବଜରଭରଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଏହାର ଭିଡିଓ ରେକର୍ଡିଂ କରାଯିବା ଦରକାର। ଆସନ୍ତା ୩୦ ଓ ୩୧ ତାରିଖରେ ହେବାକୁ ଥିବା ଆଗାମୀ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବାକୁ ଅନୁମତି ଦିଆଯିବା ଉଚିତ। ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ଚୟନ ନୀତି ଓ ସର୍କୁଲାରରେ ମାତୃତ୍ୱ ଲାଭ ପରେ ଫେରୁଥିବା ଆବେଦନକାରୀଙ୍କ ଭଳି ଖେଳାଳିଙ୍କୁ କୌଣସି ବିଶେଷ ଅଧିକାର ଦିଆଯାଇ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ କୋର୍ଟ କହିଛନ୍ତି, ଏହା ପୂର୍ବ ନିୟୋଜିତ ଯୋଜନା ଓ ବନ୍ଦ ପଡ଼ିଥିବା ବିଷୟକୁ ପୁଣି ଥରେ ଖୋଲାଯାଇଥିବା ହୃଦ୍‌ବୋଧ ହେଉଛି। ଖେଳ ଓ ନ୍ୟାୟର ହିତ ଦୃଷ୍ଟିରୁ ଆବେଦନକାରୀଙ୍କୁ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ଦିଆଯିବା ଆବଶ୍ୟକ। ଗତ ୧୮ ତାରିଖରେ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶ ବିରୋଧରେ ଭିନେଶ କରିଥିବା ଆବେଦନର ଶୁଣାଣି କରି କୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ସାମ୍ବାଦିକମାନଙ୍କ ସମସ୍ୟା ନେଇ ସିଂହଦ୍ୱାରରୁ ଆରମ୍ଭ ହେବ ଲଢ଼େଇ

ପୁରୀ, ୨୩।୫: ଓଡିଶାରେ ଦୀର୍ଘ ବର୍ଷ ଧରି ସାମ୍ବାଦିକମାନଙ୍କ ସମସ୍ୟା ଦୂର ହୋଇପାରୁନାହିଁ। କେବଳ ପ୍ରତିଶ୍ରୁତି ଓ ମିଠା କଥା ଶୁଣାଇ ଦିଆଯାଉଛି । ରାଜ୍ୟର ପ୍ରତିଷ୍ଠିତ ସାମ୍ବାଦିକ ସଂଘ ଓଜେୟୁ ପକ୍ଷରୁ ଏପରି ମର୍ମରେ ଏକ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ । ସାମ୍ବାଦିକ ସମାଜର ଆଖି । ଆଖିକୁ ସରକାର ଘୋଡାଇଲେ ଗଣତନ୍ତ୍ର ପ୍ରତି କୁଠାରାଘାତ ହେବ । ସାମ୍ବାଦିକ ସୁରକ୍ଷା ଆଇନ ଓଡିଶାରେ ଆଜି ପର୍ଯ୍ୟନ୍ତ ଲାଗୁ ହୋଇନାହିଁ । ଜାତୀୟ ସ୍ତରରେ ୨ ନମ୍ବରରେ ଥିବା ଓଡିଶା ସାମ୍ବାଦିକ ସଂଘ ବିଭିନ୍ନ ଜିଲ୍ଲାରୁ ଆନ୍ଦୋଳନାତ୍ମକ ପନ୍ଥା ଆରମ୍ଭ କରାଯିବ । ପୁରୀ ଜିଲ୍ଲା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ପତିତପାବନଙ୍କୁ ମୁଣ୍ଡିଆ ମାରି ଦୁର୍ବାର ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଜିଲ୍ଲା ସଭାପତି ବିଜୟ ମିଶ୍ର କହିଛନ୍ତି । ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସ୍ୱର୍ଗତ ରବିନ୍ଦ୍ର ପଟ୍ଟନାୟକଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇଥିଲା । ରାଜ୍ୟ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ଓ ୨୨ ଟି ଜିଲ୍ଲାର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ । ପୁରୀ ଜିଲ୍ଲାର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର କର ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ହୀରା ଗ୍ରୁପ୍ ଦୁର୍ନୀତି: ମୁଖ୍ୟ ଅଭିଯୁକ୍ତ ନୋହରା ଶେଖ୍ ଗିରଫ

ଗୁରୁଗ୍ରାମ, ୨୩।୫: ଦେଶର ପ୍ରସିଦ୍ଧ ହୀରା ଗ୍ରୁପ୍ ନିବେଶ ଦୁର୍ନୀତିରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହରିୟାଣାର ଗୁରୁଗ୍ରାମରୁ ହୀରା ଗ୍ରୁପ୍ ମୁଖ୍ୟ ନୌହେରା ଶେଖକୁ ଗିରଫ କରିଛି। ଇଡି ଅନୁଯାୟୀ, ଗୁରୁଗ୍ରାମର ସେକ୍ଟର-୪୫ରେ ଥିବା ଏକ ଏୟାରବିଏନବି ସମ୍ପତ୍ତିରୁ ମେ ୨୧ ର ବିଳମ୍ବିତ ରାତିରେ ଏକ ମିଳିତ ଅପରେସନ ସମୟରେ ନୋହରା ଶେଖକୁ ଗିରଫ କରାଯାଇଥିଲା। ଗିରଫ



ହେବା ପରେ ତାଙ୍କୁ ହାଇଦ୍ରାବାଦ ନିଆଯାଇଥିଲା। ତେଲେଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ପୋଲିସ ଦ୍ୱାରା ପଞ୍ଜୀକୃତ ଏକାଧିକ ଏଫ୍.ଆଇ.ଆର ଆଧାରରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ନୋହ୍ରା ଶେଖ୍, ମୋଲି ଥୋମାସ୍, ବିଜୁ ଥୋମାସ୍ ଏବଂ ହୀରା ଗ୍ରୁପ୍ ଅଫ୍ କମ୍ପାନୀସ୍ ସାରା ଦେଶରେ ନିବେଶକମାନଙ୍କୁ ଠକିଥିବା ଅଭିଯୋଗ ହୋଇଛି। ତଦନ୍ତ ଏଜେନ୍ସି ଦାବି କରିଛି ଯେ ହୀରା ଗ୍ରୁପ୍ ନିବେଶ ଯୋଜନା ମାଧ୍ୟମରେ ଏକ ଲକ୍ଷରୁ ଅଧିକ ଲୋକଙ୍କ ଠାରୁ ୩୦୦୦ କୋଟି ଟଙ୍କା ସଂଗ୍ରହ କରିଛି। ଅଧିକାରୀଙ୍କ ଅନୁଯାୟୀ, ନିବେଶକମାନେ ବାର୍ଷିକ ୩୫ ରୁ ୩୬ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣ ସହିତ ପ୍ରଲୋଭିତ ହୋଇଥିଲେ। କିନ୍ତୁ ପରେ ସ୍ଥିର ଲାଭ ଦିଆଯାଇ ନଥିଲା କିମ୍ବା ମୂଳଧନ ଫେରସ୍ତ କରାଯାଇ ନଥିଲା। ଇଡି ଅଭିଯୋଗ କରିଛି ଯେ ନିବେଶକଙ୍କ ଠାରୁ ସଂଗ୍ରହ ହୋଇଥିବା ପାଣ୍ଠି ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସ୍ଥାବର ଏବଂ ସ୍ଥାବର ସମ୍ପତ୍ତି କ୍ରୟ ପାଇଁ ବ୍ୟବହୃତ ହୋଇଥିଲା।

---

# ଝାରସୁଗୁଡ଼ାରେ ପାରଦ ଟପିଲା ୪୫

ଭୁବନେଶ୍ୱର, ୨୩।୫:ଶନିବାର ଆଇଏମଡି ପୂର୍ବାନୁମାନ କରିଛି ଯେ ସାରା ଓଡ଼ିଶାରେ ୨୮ ମଇ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ରାଜ୍ୟର ପଶ୍ଚିମ ଅଞ୍ଚଳର ପାଞ୍ଚଟି ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଶିଳ୍ପ ସହର ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୫.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଏବଂ ବୌଦ୍ଧ ପ୍ରତ୍ୟେକରେ ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

# ବାପି ଓ ଜେପିଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ଅଟକ ରଖିବାକୁ ନିର୍ଦ୍ଦେଶ

କଟକ, ୨୩।୫: ଜାତୀୟ ନିରାପତ୍ତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁରର ଜ୍ୟୋତି ସମ୍ରାଟ ପ୍ରହରାଜ ଓରଫ ବାପି ଏବଂ ଜ୍ୟୋତି ପ୍ରକାଶ ପ୍ରହରାଜ ଓରଫ ଜେପି (୩୫) ଦୁଇ ଭାଇଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହାପୂର୍ବରୁ କଟକ ଆରକ୍ଷୀ ଅଧିକ୍ଷକ ବାପି ଓ ଜେପିଙ୍କୁ ଗତ ୧୯ ତାରିଖରେ ଜାତୀୟ ନିରାପତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବର୍ତ୍ତମାନ ବାପି ଓ ଜେପି ୨୦୨୫ ମସିହାର ଏକ ମାମଲାରେ ଭଦ୍ରେଶ୍ୱର ଥାନା କେସ୍ ରେ ଚୌଦ୍ୱାର ମଣ୍ଡଳ କାରାଗାରରେ ନ୍ୟାୟୀକ ହେପାଜତରେ ଅଛନ୍ତି । ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରରେ ଅଟକ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଘୋଷିତ ବିଦ୍ୟୁତ କାଟ୍

# ରାସ୍ତା ଅବରୋଧ କଲେ ଗ୍ରାମବାସୀ

## ଘଣ୍ଟା ଘଣ୍ଟା ଧରି ଯାତାୟାତ ଠପ୍

ରଣପୁର, ୨୩।୫(ନିପ୍ର): ତାପମାତ୍ରା ୪୦ ଡ଼ିଗ୍ରୀରୁ ଅଧିକ ରହିଥିବା ବେଳେ ଅସହ୍ୟ ହୋଇଯାଇଛି ଗରମ ଓ ଗୁଳୁଗୁଳି । ଏହା ସହିତ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଏହାର ପ୍ରଭାବରେ ଛଟ ପଟ ହେଉଛନ୍ତି । ରାଜ୍ୟ ସରକାର ଅଘୋଷିତ ବିଦ୍ୟୁତ କାଟକୁ ଏକ ଦଣ୍ଡନୀୟ ଅପରାଧ ଘୋଷଣା କରିଥିଲେ ମଧ ଟାଟା କମ୍ପାନୀ ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି ବିଭିନ୍ନ ଆଳ ଦେଖାଇ ଦୈନିକ ୮ରୁ ୧୦ଥର ଅଘୋଷିତ ବିଦ୍ୟୁତ୍ କାଟ କରୁଛି । ଏହା ସହିତ ବିଦ୍ୟୁତ୍ କାଟକୁ ନେଇ ସ୍ଥାନୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ମଧ ଫୋନ ଉଠାଉ ନାହାନ୍ତି । ଏଭଳି ଅଭିଯୋଗ ହେଉଛି ରଣପୁର ଓ ରାଜସୁନାଖଳା ବିଦ୍ୟୁତ ଷ୍ଟେସନରେ। ଏହି ଅଘୋଷିତ ଓ ଅନିୟମିତ ବିଦ୍ୟୁତ କାଟରେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା, କାସନ୍ଦା, ସୂର୍କାବଡି, ନରେନ୍ଦ୍ରପୁର ଗ୍ରାମର ଲୋକମାନେ ଅତିଷ୍ଠ ହୋଇ ପ୍ରତିବାଦ କରିଥିଲେ । ଗ୍ରାମବାସୀମାନେ ରାଜସୁନାଖଳା ଗ୍ରୀଡକୁ ଘେରାଉ କରିବା ସହିତ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଶହ ଶହ ଗାଡି



ରାଜରାସ୍ତାରେ ଲମ୍ବିବା ସହିତ ଘଣ୍ଟା ଘଣ୍ଟା ଧରି ଯାତାୟାତ ଠପ ରହିଥିଲା । ରାଜସୁନାଖଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ଯାତାୟାତ ନିୟନ୍ତ୍ରଣ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରତ୍ୟକ୍ଷ ଭାବରେ ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ସ୍ଥାନୀୟ ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କୁ ଅଘୋଷିତ ବିଦ୍ୟୁତ ନ କାଟିବା ପାଇଁ ତାଗିଦ କରିଥିଲେ । ଏଥି ସହିତ ଲୋକଙ୍କୁ ବୁଝାସୁଝା କରି ପୋଲିସ, ବିଦ୍ୟୁତ କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଗାମୀ ଦିନରେ ଏକ ବୈଠକ ବସାଇ ବିଦ୍ୟୁତ ସମସ୍ୟାର ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇ ଥିଲା।

## ଯନ୍ତ୍ରୀ- ଠିକାଦାର ମଧୁଚନ୍ଦ୍ରିକା

# ଦେଉଳି-ପଞ୍ଚୁ ମଠ ରାସ୍ତା କାମ ନିମ୍ନମାନର ଅଭିଯୋଗ

କାକଟପୁର, ୨୩।୫(ନିପ୍ର): ଅଞ୍ଚଳର ବିକାଶ ନାଁରେ ସରକାରୀ ଅର୍ଥର ବ୍ୟାପକ ହରିଲୁଟ ଚାଲିଥିବା ଅଭିଯୋଗ ହୋଇଛି। ଦେଉଳି ମଠରୁ ପଞ୍ଚୁ ମଠ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ସର୍ଭିସ୍ ରୋଡ଼ କାର୍ଯ୍ୟରେ ସମସ୍ତ ବୈଷୟିକ ନିୟମାବଳୀକୁ ଉଲ୍ଲଂଘନ କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଉଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ, ରାସ୍ତାର ଗ୍ରେଡ଼ ୱାନ ବେସ ଲେୟାର ଏବଂ ସବ-ବେସ ଲେୟାରଗୁଡିକୁ ରୋଲର ସାହାଯ୍ୟରେ ଶକ୍ତ କରିବା କଥା, ମାତ୍ର ଏଠାରେ ବିନା ରୋଲିଂରେ ଗୋଟିଏ ସ୍ତର ଉପରେ ଅନ୍ୟ ଏକ ସ୍ତର ପକାଇ ଠିକାଦାର କାମ ସାରିଦେଉଛନ୍ତି। ରୋଲିଂ ହେଉନଥିବାରୁ ପଥରଗୁଡ଼ିକ ଢିଲା ଅବସ୍ଥାରେ ରହୁଛି, ଯାହାଫଳରେ ରାସ୍ତାଟି ବହୁତ ଶୀଘ୍ର ଦବିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନୁମୋଦିତ ନକ୍ସା ଅନୁଯାୟୀ, ରାସ୍ତାର ଦୁଇ ପାର୍ଶ୍ୱରେ ମୋଟ ୧.୨୫ ମିଟର ଓସାରର ବର୍ମ ବା ଶୋଲଡର ରହିବା ଅନିବାର୍ଯ୍ୟ। କିନ୍ତୁ କାର୍ଯ୍ୟସ୍ଥଳରେ ଏହି ବର୍ମ ନିର୍ମାଣ କରାଯାଉ ନାହିଁ। ବର୍ମ ପାଇଁ ଉଦ୍ଦିଷ୍ଟ ମୋରମ ବଦଳରେ କେବଳ ସାଧାରଣ ମାଟି ବ୍ୟବହାର କରି ରାସ୍ତାର ପାର୍ଶ୍ୱ ସୁରକ୍ଷାକୁ ବଳି ଦିଆଯାଇଛି। ବିଶେଷଜ୍ଞଙ୍କ ମତରେ, ରୋଲିଂ ନ କରି ଢିଲା ପଥର ଉପରେ ମାପ ନେଲେ ରାସ୍ତାର ମୋଟେଇ ଅଧିକ ଦେଖାଯାଏ। ଏହାଦ୍ୱାରା ଠିକାଦାର କମ୍ ସାମଗ୍ରୀ ବ୍ୟବହାର କରି ଅଧିକ ଟଙ୍କାର ବିଲ୍ ହଡ଼ପ କରିବାର ସୁଯୋଗ ପାଇଥାନ୍ତି। ଏଥିସହିତ ୱାବମ ଗ୍ରେଡ଼ ୱାନ ସ୍ତରରେ ବ୍ୟବହାର କରାଯାଉଥିବା ପଥର ମଧ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସଠିକ୍ ଢାଲୁ ନ ଥିବାରୁ ବର୍ଷା ଦିନେ ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏହାର ଫିଏଲଡ଼ ଡେନସିଟି ଟେଷ୍ଟ ଏବଂ ଟ୍ରିଆଲ ପିଟ୍ସ ମାଧ୍ୟମରେ ଯାଞ୍ଚ କରିବାକୁ ଦାବି ହୋଇଛି। ଯଦି ଏହି ନିମ୍ନମାନର କାର୍ଯ୍ୟ ବନ୍ଦ ନହୁଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ଖୁଡ଼ଖୁଡି ଖେଳରେ ଗଣ୍ଡଗୋଳ

ଡାବୁଗାଁ, ୨୩।୫(ନିପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅଧୀନ ଚେରଚେଟା ପଞ୍ଚାୟତର ବତାସର ଗ୍ରାମରେ ଚାଲିଥିଲା ୩ମାସିଆ ବାଲିଯାତ୍ରା। ଏହି ଅବସରେ ଶେଷ ଦିନରେ ରାତିରେ ନିରୀହ ଆଦିବାସୀଙ୍କ ପାଇଁ କମେଟି ତରଫରୁ ୨ ଗୋଟି ଆଦିବାସୀ ନାଟକ ଚାଲିଥିଲା। ଏହାର ସୁଯଗ ନେଇ ଖୁଡ଼ଖୁଡି ମାଫିଆମାନେ ସକ୍ରିୟ ସୋଇ ନିରୀହ ଆଦିବାସୀଙ୍କୁ ଶୋଷଣ କରିବା ପାଇଁ ବଡ ଧରଣର ୧୫ ଗୋଟି ଖୁଡଖୁଡି ଜୁଆ ଖେଳ ଚଳାଇ ଥିଲେ। ଏହି ଖେଳ ଚାଲିଥିବା ସମୟରେ ଗଣ୍ଡଗୋଳ ଆରମ୍ଭ ହେଇଥିଲା ଖୁଡ଼ଖୁଡି ମାଫିଆ ଏବଂ ଲକମାନଙ୍କ ମଧ୍ୟରେ । କିନ୍ତୁ ଦୁଃଖର ବିଷୟ ପାପଡାହାଣ୍ଡି ପୋଲିସ ସେହି ସ୍ଥାନରୁ



ମାତ୍ର ୨୦୦ ମିଟର ଦୂରରେ ଥାଇ ମଧ ଗଣ୍ଡଗୋଳ ରୋକିବାରେ ଏବଂ ଖୁଡ଼ଖୁଡି ଜୁଆ ଖେଳକୁ ବନ୍ଦ କରିବାରେ ବିଫଳ ହୋଇଥିଲା। ଏହି ଘଟଣା ବିଷୟରେ ବାଧ୍ୟ ହୋଇ ୧୧୨ କୁ ଫୋନ୍ କରିଥିଲେ କିଛି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ଏହି ଘଟଣା ବିଷୟରେ କଣ ପଦକ୍ଷେପ ନେଉଛି ଏବଂ ଜୁଆ ମାଫିଆଙ୍କ ବିରୁଦ୍ଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ପାପଡାହାଣ୍ଡି ବ୍ଲକରେ ବର୍ତ୍ତମାନ ଅଧିକାଂଶ ଗ୍ରାମରେ ପାରମ୍ପରିକ ବଜାର ଚାଲିଛି ଏହାର ଭରପୁର ପଇଦା ଉଠାଉଛନ୍ତି ଏହି ଜୁଆ ମାଫିଆମାନେ । ଆଗାମୀ କିଛିଦିନ ଭିତରେ ବରଦେଇ ଗ୍ରାମରେ ମଧ ଯାତ୍ରା ଥିବାର ସୂଚନା ମିଳିଛି। ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଖୁଡ଼ଖୁଡି ଜୁଆ ଖେଳ ରକିବାରେ କିଭଳି ସଫଳ ହେଉଛି ତାହା ଏବେ ଦେଖିବାକୁ ବାକି ରହିଲା।

# ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ ଘଟଣା: ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨୩।୫: ଆଠଗଡ଼ ବିଧାୟକ ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ନବୀନ ଘଟଣାକୁ ନେଇ ଉଦ୍‌ବେଗ ଜଣାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ତିଗିରିଆ ପଞ୍ଚାୟତ ସମିତି ବୈଠକକୁ ଯାଉଥିବା ସମୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ବିଜେପି ସମର୍ଥିତ ଗୁଣ୍ଡାଙ୍କ ଦ୍ୱାରା ସର୍ବସମ୍ମୁଖରେ ହୋଇଥିବା ଆକ୍ରମଣ ଗଣତନ୍ତ୍ରରେ କଦାପି ଶୋଭନୀୟ ନୁହେଁ।ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ସମୟରେ ଯଦି ରାଜରାସ୍ତାରେ ଗୁଣ୍ଡାରାଜର ଶିକାର ହେଉଛନ୍ତି, ତେବେ ସାଧାରଣ ଜନତାଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୁର୍ବୃତ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଓଡ଼ିଶାର ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ।

# ମାଛକୁଣ୍ଡ ପାୱାର ହାଉସରେ ଭୟାବହ ଅଗ୍ନିକାଣ୍ଡ

ଜୟପୁର, ୨୩।୫(ନିପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ପାୱାର୍ ହାଉସରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସର୍ଟସର୍କିଟ ପାଇଁ ହୋଇଥିବା ଅନୁମାନ କରାଯାଇଛି। କେତେକ କର୍ମଚାରୀ ଅଣନିଶ୍ୱାସୀ ହୋଇଥିବା ବେଳେ ଚିକିତ୍ସା ଜାରିରହିଛି। ଅଗ୍ନିକାଣ୍ଡ ଫଳରେ ବୈଦ୍ୟୁତିକ ଉପକରଣକୁ ବହୁତ କ୍ଷତି ପହଞ୍ଚାଇଥିଲା ଏବଂ ଜଣେ ସହକାରୀ ଯନ୍ତ୍ରୀ ଆହତ ହୋଇଥିବା ଜଣାଯାଇଛି। ଉଚ୍ଚ ଭୋଲଟେଜ ଯୋଗୁଁ ପ୍ଲାଣ୍ଟର ୫ଟି ଟର୍ବାଇନ ମଧ୍ୟରୁ ଚାରୋଟି ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଇଥିଲା, କିନ୍ତୁ ଗୋଟିଏ ଟର୍ବାଇନ ଚାଲୁ ରହିଥିଲା। ବିଦ୍ୟୁତ୍ କେନ୍ଦ୍ରର ଅନ୍ୟ ଅଂଶକୁ ବ୍ୟାପିବା ପୂର୍ବରୁ ଏହି ଟର୍ବାଇନ ଏବଂ ଏହାର ସଂଲଗ୍ନ ପ୍ୟାନେଲ ବୋର୍ଡରୁ ନିଆଁ ଲାଗିଥିବା ଜଣାପଡ଼ିଛି। ଲମତାପୁଟରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ବହୁତ ଚେଷ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ପ୍ରାଥମିକ ଆକଳନ ଅନୁଯାୟୀ ଏହି ଘଟଣାରେ ଲକ୍ଷାଧିକ ବୈଦ୍ୟୁତିକ ଉପକରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାଯାଇଛି ।ଅଗ୍ନିକାଣ୍ଡର କାରଣ ସର୍ଟ ସର୍କିଟ ବୋଲି ସନ୍ଦେହ କରାଯାଉଛି, ଅଧିକାରୀମାନେ ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ଏକ ବିସ୍ତୃତ ତଦନ୍ତ ଆରମ୍ଭ କରିଛନ୍ତି।

# ନବମ ଲୋକକଳା ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉ

ବଲାଙ୍ଗୀର, ୨୩।୫: ଆଧୁନିକତାର ପ୍ରଭାବରେ ଆମର ପାରମ୍ପରିକ ଲୋକକଳା, ସଂସ୍କୃତି ତଥା ପରମ୍ପରା ଧୀରେ ଧୀରେ ହଜିଯାଉଛି। ଆମ ଅଞ୍ଚଳର ସ୍ୱତନ୍ତ୍ରତାକୁ ଦେଖାଇବାକୁ, ଏହାକୁ ଆମର ପରବର୍ତ୍ତୀ ପିଢ଼ିକୁ ସମର୍ପି ଦେବାକୁ ବର୍ତ୍ତମାନ ଠାରୁ ଉଦ୍ୟମ ଜରୁରୀ। ଲୋକକଳା ହିଁ ଆମକୁ ପରିଚୟ ଦେଇ ଥିଲା, ଏବେ ଦେଉଛି ଓ ଆଗାମୀ ସମୟରେ ମଧ ଦେବ ବୋଲି ଗତ ସନ୍ଧ୍ୟାରେ ଲାଙ୍ଗୀରର ଐତିହାସିକ କୋଶଲ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ ର ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥି ମାନେ। ବଲାଙ୍ଗୀରର ଦୂଲଦୁଲି କଳା ପରିଷଦ ତରଫରୁ ଆୟୋଜିତ ଏହି ଜାତୀୟ ସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହି ମତ ପ୍ରକାଶ ପାଇଛି। ଦୂଲଦୁଲି କଳା ପରିଷଦର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁଶ୍ରୀ ରଞ୍ଜନ କୁମାର ସାହୁ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ, ପରିଷଦର ଉପଦେଷ୍ଟା ଶତ୍ରୁଘ୍ନ ପାଣିଗ୍ରାହୀ, ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମିଶ୍ର।ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବକୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜା ଅର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଲୋକକଳାର ଅନନ୍ୟ ଶିଳ୍ପୀ ସଂକୀର୍ତ୍ତନ ଗୁରୁ ପ୍ରସାଦୀ ପୁଟେଲ, ଲୋକ ନାଟକ କଳାକାର ତଥା ଗୁରୁ ନବଦୀପ ଚାନ୍ଦ ବେହେରା ଓ ଦଣ୍ଡ ନୃତ୍ୟଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ ଅତିଥିମାନେ।

# ପୁଅର ଅକାଳ ମୃତ୍ୟୁ: ବାପା ଜୀବନ ହାରିଲେ !

ଯାଜପୁର, ୨୩।୫: ପୁଅର ଅକାଳ ମୃତ୍ୟୁ ପରେ ବାପା ଜୀବନ ହାରିବା ଘଟଣା ଏଠାରେ ଆଲୋଡନ ସୃଷ୍ଟି କରିଛି। ଖବର ମୁତାବକ ମଙ୍ଗଳପୁର ସ୍ଥିତ ଗାୟତ୍ରୀ ଷ୍ଟୁଡିଓ ମାଲିକ ଷ୍ଟିମର ପଣ୍ଡା (ସିଲୁ)ର ମୃତ୍ୟୁ ପରେ ତାଙ୍କ ବାପା ରସାନନ୍ଦ ପଣ୍ଡା ଘର ନିକଟରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଦୁଇ ମୃତକଙ୍କ ଘର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ମାନସିହପାଟଣା ଗ୍ରାମରେ ।ସୂଚନାରୁ ପ୍ରକାଶ, ଗତକାଲି ଶୁକ୍ରବାର ରାତିରେ ସିଲୁ ଷ୍ଟୁଡିଓରେ କାର୍ଯ୍ୟ କରୁଥିବା ବିକି ନାମକ ଯୁବକ କୌଣସି କାରଣରୁ ବିଷ ଖାଇଦେଇ ମଙ୍ଗଳପୁର ମେଡିକାଲ ଆସିଥିଲା । ଖବର ପାଇ ସିଲୁ ମେଡିକାଲରେ ପହଞ୍ଚି ଡାକ୍ତରଙ୍କ କହିବା ଅନୁସାରେ ପଟାସ ପାଣି ବିକିଙ୍କୁ ପିଆଉଥିଲେ । ବିକି ଯନ୍ତ୍ରଣା ପାଇ ଛାଟି ପିଟି ହେଉଥିବା ସମୟରେ ବିକିର ଗୋଡ଼ଟି ଖୁବ ଜୋରରେ ସିଲୁର ବାମ ପାଟ ଛାତିରେ ମାଡ଼ ହୋଇଥିଲା । ଏହା ପରେ ସିଲୁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ ।ସିଲୁଙ୍କୁ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ରାତିରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ସିଲୁଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଖବର ପାଇ ବାପା ରସାନନ୍ଦ ଭାଙ୍ଗି ପଡ଼ିଥିଲେ । ଭୋରରେ ଘର ନିକଟରେ ଥିବା ଏକ ଆମ୍ବ ଗଛରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ ବୋଲି କୁହାଯାଇଛି।

# ରୋଜଗାର ମେଳାରେ ଓଡ଼ିଶାରୁ ୧୮୬ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

ଭୁବନେଶ୍ୱର, ୨୩।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଞ୍ଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର; ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ; ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ପ୍ରଣବ କୁମାର ବିଶ୍ୱାସ; ଭୁବନେଶ୍ୱରର ଆଂଚଳିକ ଭବିଷ୍ୟ ନିଧି କମିଶନର-୨ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଂଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ। ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇସାରିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ